R.N.I. REGN. No. 65000/96
POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୦
ତିଥି: ତ୍ରୟୋଦଶୀ
୧୫ ଏପ୍ରିଲ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 190, 15 April 2026, Wednesday,
Bhubaneswar, Price: 5.00, Online Portal www.odishasamaya.com,
thesamayanews@gmail.com, www.samayalive.in

Bhubaneswar | Balasore | Angul | Berhampur | Sambalpur




# ଲୋକସଭା ଆସନ ହେବ ୮୫୦

- ରାଜ୍ୟ ଲାଗି ୮୧୫, କେନ୍ଦ୍ରଶାସିତ ଅଞ୍ଚଳ ଲାଗି ୩୫
- ୨୦୧୧ ଜନଗଣନା ଅନୁଯାୟୀ ହେବ ସୀମା ପୁନଃନିର୍ଦ୍ଧାରଣ
- ସାଂସଦଙ୍କୁ ଦିଆଗଲା ୩ ବିଲ୍‌ର ନକଲ
- ମହିଳାଙ୍କ ଲାଗି ରହିବ ଏକ ତୃତୀୟାଂଶ ସଂରକ୍ଷଣ

ନୂଆଦିଲ୍ଲୀ, ୧୪।୪ : କେନ୍ଦ୍ର ସରକାର ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବା ଲାଗି ବିଲ୍ ଆଣିବେ। ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ସଂସଦର ପରିବର୍ଦ୍ଧିତ ବଜେଟ୍ ଅଧିବେଶନରେ ତିନୋଟି ବିଲ୍ ଆଣିବା ଲାଗି ସରକାର ବିଚାର କରିଛନ୍ତି। ୧୯୭୧ ଜନଗଣନା ଅନୁଯାୟୀ ହୋଇଥିବା ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ଖାରଜ କରିବା ଏବଂ ସମ୍ବିଧାନର ୧୩୧ତମ ସଂଶୋଧନ ଆଣି ସୀମା ନିର୍ଦ୍ଧାରଣ ବିଲ୍ ୨୦୨୬ ଓ କେନ୍ଦ୍ର ଶାସିତ ଆଇନ୍ ସଂଶୋଧନ ବିଲ୍ ୨୦୨୬ ଆଗତ କରାଯିବ। ଏହି ବିଲ୍‌ର ନକଲ ସାଂସଦମାନଙ୍କୁ ଦିଆଯାଇଥିବା ଜଣାପଡ଼ିଛି। ଏହାଛଡା ମହିଳାମାନଙ୍କ ଲାଗି ଲୋକସଭା ଓ ବିଧାନସଭା କ୍ଷେତ୍ରରେ ଏକ ତୃତୀୟାଂଶ ସଂରକ୍ଷଣ କରାଯିବ। ଏଥିଲାଗି ଆସନ ସଂଖ୍ୟା ବଢ଼ିବା ଜରୁରୀ ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଛି।

୩ ଦିନ ଧରି ବସିବାକୁ ଥିବା ଏହି ଅଧିବେଶନରେ ଏହି ବିଲ୍ ଅଣାଯିବ। ୨୦୧୧ ଜନଗଣନା ଆଧାରରେ ସୀମାର ପୁନଃ ନିର୍ଦ୍ଧାରଣ କରାଯାଉଛି। ପ୍ରସ୍ତାବିତ ବିଲ୍ ମଧ୍ୟରୁ ରାଜ୍ୟଗୁଡ଼ିକ ଲାଗି ୮୧୫ ଲୋକସଭା ଆସନ ଥିବାବେଳେ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ୩୫ଟି ଆସନ ରଖାଯାଇଛି। ଏହା ୨୦୨୯ ଲୋକସଭା ଆସନରେ ଲାଗୁ କରାଯିବ। ଏଥିଲାଗି ସମ୍ବିଧାନ ସଂଶୋଧନର ଆବଶ୍ୟକତା ରହିଛି। ରାଜ୍ୟର ଜନସଂଖ୍ୟା ଆଧାରରେ ଏହି ଆସନ ସଂଖ୍ୟା ବୃଦ୍ଧି ହେବ। ତେବେ ଏହି ବିଲ୍‌ଟି କିପରି ଜନସଂଖ୍ୟାକୁ ବୁଝାଇବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବିଲ୍ ପାରିତ ହେଲେ ସୀମା ପୁନଃନିର୍ଦ୍ଧାରଣ କମିଶନ ଗଠନ କରାଯିବ। ଯେଉଁଥିରେ ସୁପ୍ରିମ୍‌କୋର୍ଟର ଜଣେ ପୂର୍ବତନ ବା କାର୍ଯ୍ୟରତ ବିଚାରପତି ଏହାର ଅଧ୍ୟକ୍ଷ ରହିବେ। ଏଥିରେ ମଧ୍ୟ ଏସ୍‌ସି, ଏସ୍‌ଟି ଓ ମହିଳାଙ୍କ ପାଇଁ ସଂରକ୍ଷଣ କରାଯିବ। ଯଦି ଏହି ବିଲ୍‌କୁ କୋର୍ଟରେ (୯ ପୃଷ୍ଠାରେ)

## ଛାତ୍ରୀ ମୃତ୍ୟୁକୁ ନେଇ ଉତ୍ତେଜନା

# ପୋଲିସ-ଜନତା ଖଣ୍ଡଯୁଦ୍ଧ




**ପୋଲିସ ଉପରକୁ ଟେକା, ନିଆଁ ହୁଳା ଫିଙ୍ଗିଲେ**
**ଫାଟିଲା ପୋଲିସ ମୁଣ୍ଡ, ମାଡ ଖାଇଲେ ଶିକ୍ଷକ**

ବାରିପଦା, ୧୪।୪ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ରାସ୍ତା ରୋକ କରିବା ସହ ଏକତ୍ରିତ ହୋଇ କାକବନ୍ଧ ସ୍କୁଲକୁ ଧସେଇପଶି କିଛି ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମାରଧାର କରିବା ସହ ପୁଲିସକୁ ମାରିଛନ୍ତି।

ଶବ ନେଇ ଆସିଥିବା ଗାଡ଼ିରୁ ଶବ ଓହ୍ଲାଇବାକୁ ଦେଇ ନାହାଁନ୍ତି। ବିଦ୍ୟାଳୟ ଆଗରେ ହୋ ହାଲ୍ଲା କରିବା ସହ ଠେଙ୍ଗା ବାଡ଼ି ଧରି ଘେରି ରହିଛନ୍ତି ( ୯ ପୃଷ୍ଠାରେ)

# ଗ୍ରୀଷ୍ମ ପ୍ରକୋପ ବଢୁଛି

**୪୩ ଡିଗ୍ରୀ ଛୁଇଁପାରେ ତାପମାତ୍ରା**
**ପଶ୍ଚିମ ଓଡ଼ିଶାରେ ପାରଦ ଉପରମୁହାଁ**
**୪୦° ଉପରେ ୮ ସହରର ତାପମାତ୍ରା**

ଭୁବନେଶ୍ୱର, ୧୪।୪ (ସବ୍ୟୁ): ଚଳିତ ସପ୍ତାହରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବାର ଲାଗିଛି । ମଙ୍ଗଳବାର ୮ ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତାଠାରୁ ଅଧିକ ରହିଛି । ଯାହା ଏପ୍ରିଲ ମଧ୍ୟଭାଗର ସ୍ୱାଭାବିକ ତାପମାତ୍ରା ଠାରୁ ୨-୩ଡିଗ୍ରୀ ଅଧିକ ରହିବ । ଆଗାମୀ ୭ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ କାଁଭା ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ।

କ୍ରମାଗତ ଭାବେ ପ୍ରବାହିତ ଉତ୍ତର-ପଶ୍ଚିମ ବାୟୁ ଯୋଗୁଁ ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି । ଆଭ୍ୟନ୍ତରୀଣ ଓଡ଼ିଶାରେ କେନ୍ଦ୍ରୀୟ ଭାରତରୁ ଆସୁଥିବା ଶୁଷ୍କ ଓ ଗରମ ଉତ୍ତର-ପଶ୍ଚିମ ବାୟୁର ପ୍ରଭାବ ଅଧିକ ରହିବ । ( ୯ ପୃଷ୍ଠାରେ)







## ସୋସିଆଲ କୋଟ୍ସ



"ଆଶା ଜୀଙ୍କ ବିୟୋଗ ଖବର ସ୍ୱୀକାର କରିବା କଷ୍ଟ । ଭାରତୀୟ ସଙ୍ଗୀତ ଜଗତରୁ ଏକ ଅନନ୍ୟ ସ୍ୱର ନୀରବି ଯାଇଛି । ତାଙ୍କର ସ୍ୱର ଆମ ହୃଦୟରେ ସବୁଦିନ ପାଇଁ ଅମର ରହିବ। ତାଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା। ଓମ୍ ଶାନ୍ତି।

**ଅମିତାଭ ବଚ୍ଚନ, ଅଭିନେତା**



ସଙ୍ଗୀତର ଏକ ଯୁଗର ଅନ୍ତ ଘଟିଲା। ଆଶା ଜୀ କେବଳ ଜଣେ କଣ୍ଠଶିଳ୍ପୀ ନଥିଲେ, ସେ ଥିଲେ କୋଟି କୋଟି ସଙ୍ଗୀତ ପ୍ରେମୀଙ୍କ ପାଇଁ ଏକ ପ୍ରେରଣା। ତାଙ୍କ ସହ କାମ କରିବାର ଅନୁଭୂତି ମୁଁ କେବେ ଭୁଲି ପାରିବି ନାହିଁ। ଆପଣ ବହୁତ ମନେ ପଡିବେ ମ୍ୟାଡାମ୍।

**ଏଆର ରେହମାନ, ସିଙ୍ଗର**



ମୋର ଆଦର୍ଶ, ସଙ୍ଗୀତ ଦୁନିଆର ସମ୍ରାଜ୍ଞୀ ଆଶା ଭୋସଲେ ଜୀ ଆଉ ଆମ ଗହଣରେ ନାହାଁନ୍ତି, ଏହା ବିଶ୍ୱାସ କରିବା କଷ୍ଟକର। ତାଙ୍କର ଯାଦୁକରୀ ସ୍ୱର ସବୁବେଳେ ଆମକୁ ମାର୍ଗଦର୍ଶନ କରୁଥିବ। ସଙ୍ଗୀତ ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ଭଗବାନ ଆପଣଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

**ଶ୍ରେୟା ଘୋଷାଲ, ସିଙ୍ଗର**

## ପ୍ଲାଷ୍ଟିକ ବୋତଲରୁ ଘର

ଭାରତରେ ବାର୍ଷିକ ପ୍ରାୟ ୩.୫ ମିଲିୟନ ଟନ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଥିବା ବେଳେ ଏହାର ସଠିକ୍ ପରିଚାଳନା ଏକ ବଡ଼ ଆହ୍ୱାନ ସାଜିଛି । ଏହି ସମସ୍ୟାର ସମାଧାନ ପାଇଁ ଔରଙ୍ଗାବାଦର ଦୁଇ ବାନ୍ଧବୀ ନମିତା କପାଲେ ଏବଂ କଲ୍ୟାଣୀ ଭରମ୍ବେ ଏକ ଅଭିନବ ପନ୍ଥା ଆପଣେଇଛନ୍ତି । ସେମାନେ ୧୬,୦୦୦ ପ୍ଲାଷ୍ଟିକ୍ ପାଣି ବୋତଲ, ଗୋବର, ମାଟି ଏବଂ ପ୍ରାୟ ୧୨-୧୩ ଟନ୍ ନନ ରିସାଇକେଲ ଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର କରି ଏକ ପରିବେଶ ଅନୁକୂଳ ଘର ନିର୍ମାଣ କରିଛନ୍ତି । 'ଦି ବେଟର ଇଣ୍ଡିଆ' ସହ କଥାବାର୍ତ୍ତା ବେଳେ ସେମାନେ ଜଣାଇଛନ୍ତି ଯେ, ଆସାମର ଅକ୍ଷର ସ୍କୁଲରୁ ଅନୁପ୍ରାଣିତ ହୋଇ ସେମାନେ ଏହି 'ଇକୋ-ବ୍ରିକ୍' ପ୍ରକଳ୍ପ ଆରମ୍ଭ କରିଥିଲେ । ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଘରଟି ସାଧାରଣ ସିମେଣ୍ଟ ଘର ତୁଳନାରେ ଅଧା ଖର୍ଚ୍ଚରେ ପ୍ରସ୍ତୁତ ହୋଇଛି । ଏହାର ବିଶେଷତ୍ୱ ହେଉଛି ଏହା ଗ୍ରୀଷ୍ମ ଦିନେ ଥଣ୍ଡା ଓ ଶୀତ ଦିନେ ଗରମ ରହିଥାଏ । 'ୱାବର' ନାମରେ ନାମିତ ଏହି ଘରଟି ଏବେ ଅନେକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ।



## ନିଆରା ପ୍ରତିବାଦ



ଚୀନ୍‌ର ସାଂଘାଇ ସହରରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ମହିଳା କର୍ମଚାରୀ କମ୍ ଦରମାକୁ ନେଇ ନିଜର ପ୍ରତିବାଦ ଜଣାଇବା ପାଇଁ ଏକ ଅଜବ ଉପାୟ ଆପଣେଇଛନ୍ତି । ମହିଳାଙ୍କ ଅନୁଯାୟୀ ତାଙ୍କ ପରିଶ୍ରମ ତୁଳନାରେ ତାଙ୍କୁ ଦରମା ମିଳୁନଥିବାରୁ ସେ ଅଫିସ୍ ସମୟରେ ହିଁ ୫ ଘଣ୍ଟା ଶୋଇ ରହିଥିଲେ । ନିଦରୁ ଉଠିବା ପରେ ବସ୍‌ଙ୍କ ଟେବୁଲ୍‌ରୁ ଚକୋଲେଟ୍ ମଧ୍ୟ ଖାଇ ଦେଇଥିଲେ । ମହିଳା ଜଣକ 'ଯେତିକି ପଇସା, ସେତିକି କାମ' ବୋଲି ଯୁକ୍ତି ବାଢ଼ିଥିଲେ । ହେଲେ ବସଙ୍କର ଗ୍ଲୁକୋଜ୍ ସମସ୍ୟା ଥିବାରୁ ସେହି ଚକୋଲେଟ୍ ଖାଇବା ତାଙ୍କ ପାଇଁ ଜରୁରୀ ଥିଲା, ଯାହାଫଳରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା । ଏହି ଘଟଣା ପରେ ବସ୍ ତାଙ୍କୁ ଚାକିରିରୁ ବାହାର କରିବାକୁ ଚେତାବନୀ ଦେଇଥିଲେ । ଯାହାକୁ ନେଇ ମହିଳା ଜଣକ କାନ୍ଦି କାନ୍ଦି ସୋସିଆଲ ମିଡିଆରେ ନିଜର ପକ୍ଷ ରଖିଥିଲେ । ତେବେ ଇଣ୍ଟରନେଟ୍‌ରେ ଅଧିକାଂଶ ଲୋକ ମହିଳାଙ୍କୁ ସମାଲୋଚନା କରି କହିଛନ୍ତି ଯେ କମ୍ ଦରମା ନେଇ ଅଭିଯୋଗ ରହିବା ସ୍ୱାଭାବିକ, କିନ୍ତୁ ଅଫିସ୍ ସମୟରେ ଶୋଇବା ଏବଂ ଅନ୍ୟର ଜିନିଷ ଖାଇବା ଭଳି ବ୍ୟବହାର ସମ୍ପୂର୍ଣ୍ଣ ଭୁଲ୍ ।



## ସାହାରା ପାଲଟିଛି ଏ ଆଇ

ଚୀନ୍‌ରେ ଏକ ଅଦ୍ଭୁତ ତଥା ହୃଦୟସ୍ପର୍ଶୀ ଘଟଣା ଦେଖିବାକୁ ମିଳିଛି । ଜଣେ ବୃଦ୍ଧା ମା'ଙ୍କୁ ତାଙ୍କ ପୁଅର ମୃତ୍ୟୁ ଖବରରୁ ରକ୍ଷା କରିବା ପାଇଁ ପରିବାର ଲୋକେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ସାହାଯ୍ୟ ନେଇଛନ୍ତି । ସୂଚନା ଅନୁସାରେ ସଡ଼କ ଦୁର୍ଘଟଣାରେ ପୁଅର ମୃତ୍ୟୁ ହୋଇଥିବା ବେଳେ ୮୦ ବର୍ଷୀୟା ମା' ଜଣେ ହୃଦରୋଗୀ ହୋଇଥିବାରୁ ଏହି ଦୁଃଖଦ ଖବର ତାଙ୍କୁ ଜଣାଯାଇ ନଥିଲା । ମୃତକଙ୍କ ପୁଅ ଜିଆଙ୍ଗସୁର ଜଣେ ଏଆଇ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରି ନିଜ ପିତାଙ୍କ ପୁରୁଣା ଫଟୋ, ଭିଡିଓ ଓ ଅଡିଓ ସାମ୍ପଲ୍ ସାହାଯ୍ୟରେ ଏକ 'ଏଆଇ ଭର୍ଜନ' ତିଆରି କରିଛନ୍ତି । ଏହି ଏଆଇ ପୁଅ ଦେଖିବାକୁ ଏବଂ କଥା କହିବାର ଶୈଳୀରେ ସମ୍ପୂର୍ଣ୍ଣ ଅସଲି ମଣିଷ ପରି ମନେହୁଏ । ବର୍ତ୍ତମାନ ଏହି ଏଆଇ ପୁଅ ପ୍ରତିଦିନ ଭିଡିଓ କଲ୍ ଜରିଆରେ ମା'ଙ୍କ ସହ କଥା ହେଉଛି, ଯେଉଁଥିରେ ମା' ନିଜ ପୁଅ ସହ କଥା ହେଉଥିବା ଭାବି ଖୁସିରେ ସମୟ ବିତାଉଛନ୍ତି । ଟେକ୍ନୋଲୋଜିର ଏହି ଅଭିନବ ପ୍ରୟୋଗ ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ବିଭିନ୍ନ ନକାରାତ୍ମକତା ଭିତରେ ଏହି ସକାରାତ୍ମକତା ଚର୍ଚ୍ଚାର ବିଷୟ ପାଲଟିଛି ।

## ଶୁଣ୍ଠି ବିସ୍କୁଟ



**ସାମଗ୍ରୀ-** ଶୁଣ୍ଠି ଗୁଣ୍ଡ ୨ ଚାମଚ, ବଟର ୧ କପ, ଚିନି ୧ କପ, ମଇଦା ୨କପ, ଅଣ୍ଡା ୧ଟା, ଲୁଣ, ଘିଅ ।

**ପ୍ରଣାଳୀ -** ପ୍ରଥମେ ଶୁଣ୍ଠି ଗୁଣ୍ଡ ଓ ମଇଦାକୁ ମିଶାଇ ଦୁଇହାତରେ କିଛି ସମୟ ଘଷି ଦିଅନ୍ତୁ। ଅଣ୍ଡାକୁ ଫେଣ୍ଟନ୍ତୁ, ଏହି ଫେଣ୍ଟାରେ ଶୁଣ୍ଠି ମଇଦା ମିଶ୍ରଣ, ବଟର, ଚିନିଗୁଣ୍ଡ, ଲୁଣ ମିଶାଇ ଚକଟନ୍ତୁ। ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ଏହାପରେ ଏହାକୁ ରୁଟିପରି ବେଲି ଛୋଟଛୋଟ ଗୋଲଗୋଲ ବିସ୍କୁଟ ପ୍ରସ୍ତୁତ କରନ୍ତୁ । ଏହାପରେ ଓଭେନରେ ଘିଅମାରି ବିସ୍କୁଟ ପ୍ରସ୍ତୁତ କରନ୍ତୁ । ପ୍ରସ୍ତୁତ ହୋଇଯିବ ଶୁଣ୍ଠି ବିସ୍କୁଟ ।

## ଆଉଟଡୋର ସ୍ମୋକିଂ ନିଷେଧ



କାନାଡାର ଏକ ସହର ଏବେ ନିଜର କଠୋର 'ନୋ-ସ୍ମୋକିଂ' ନିୟମକୁ ନେଇ ଚର୍ଚ୍ଚାରେ ରହିଛି, ଯେଉଁଠାରେ ବାହାରେ କିମ୍ବା ଖୋଲା ସ୍ଥାନରେ ସିଗାରେଟ୍ ପିଇବା ଏବେ ଆଉ ସହଜ ହେବନାହିଁ । ନୂତନ ନିୟମ ଅନୁଯାୟୀ, ସହରର ପାର୍କ, ସମସ୍ତ ସାଧାରଣ ସ୍ଥାନ, ବ୍ୟବସାୟିକ ଅଞ୍ଚଳ ଏବଂ ବିଭିନ୍ନ ଆଉଟଡୋର୍ ସ୍ଥାନରେ ଧୂମପାନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଏହି କଟକଣା କେବଳ ସାଧାରଣ ସିଗାରେଟ୍ ପାଇଁ ନୁହେଁ, ବରଂ ଭେପ୍ , ଇ-ସିଗାରେଟ୍ ଏବଂ କ୍ୟାନାବିସ୍ ସ୍ମୋକିଂ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଯଦି କେହି ଏହି ନିୟମ ଉଲ୍ଲଂଘନ କରନ୍ତି, ତେବେ ତାଙ୍କୁ ୨୦୦ ରୁ ୫୦୦ କାନାଡିୟାନ୍ ଡଲାର (ପ୍ରାୟ ୧୨,୦୦୦ ରୁ ୩୦,୦୦୦ ଟଙ୍କା) ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିପାରେ। ଲୋକଙ୍କୁ ପରୋକ୍ଷ ଧୂମପାନର କୁପ୍ରଭାବରୁ ରକ୍ଷା କରିବା, ଜନସ୍ୱାସ୍ଥ୍ୟରେ ସୁଧାର ଆଣିବା ଏବଂ ସହରକୁ ସମ୍ପୂର୍ଣ୍ଣ ଭାବେ 'ସ୍ମୋକ୍-ଫ୍ରି' କରିବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

## ପ୍ରାକୃତିକ ପରିବେଶରେ ଶାନ୍ତି



ବଲିଉଡ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ପୁଣିଥରେ ନିଜର ଆଧ୍ୟାତ୍ମିକ ଯାତ୍ରା ପାଇଁ ଉତ୍ତରାଖଣ୍ଡରେ ପହଞ୍ଚିଛନ୍ତି । ଯେଉଁଠାରେ ସେ ଟିହରୀର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ୧୮ କିଲୋମିଟର ପଦଯାତ୍ରା କରି ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିଛନ୍ତି । ଗତ ଏପ୍ରିଲ ୧୧ ତାରିଖରେ ଟିହରୀର ଘୁତ୍ତୁରେ ପହଞ୍ଚିଥିବା ସାରା, ପନୱାଲୀ କାଣ୍ଠା ବୁଗ୍ୟାଲ୍‌ର ବରଫପାତ ମଧ୍ୟରେ ତିନି ଦିନ ସମୟ ଅତିବାହିତ କରିଥିଲେ ଏବଂ କୌଣସି ହୋଟେଲ୍ ସୁବିଧା ନଥିବାରୁ ଟେଣ୍ଟ୍‌ରେ ରାତି କାଟିଥିଲେ । ଏହି ଟ୍ରେକିଂ ସମୟରେ ସେ ସ୍ଥାନୀୟ ଲୋକଙ୍କ ସହ ମିଶି ପାହାଡ଼ିଆ ସଂସ୍କୃତି ବିଷୟରେ ଜାଣିବା ସହ ଲାଲ୍ ଚାଉଳ, ମାଣ୍ଡିଆ ରୁଟି ଓ ଲିଙ୍ଗଡ଼ି ସବ୍‌ଜି ପରି ପାରମ୍ପରିକ ପାହାଡ଼ିଆ ଖାଦ୍ୟର ସ୍ୱାଦ ଚାଖିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସାରାଙ୍କର ଉତ୍ତରାଖଣ୍ଡ ସହ ଏକ ଗଭୀର ଆଧ୍ୟାତ୍ମିକ ସମ୍ପର୍କ ରହିଛି; ସେ ନିଜର ପ୍ରଥମ ଫିଲ୍ମ 'କେଦାରନାଥ' ପରଠାରୁ ଅନେକ ବାର ବାବା କେଦାରନାଥଙ୍କ ଦର୍ଶନ ପାଇଁ ଯାଇଥାଆନ୍ତି। ସେହିଭଳି ଗତ ଅକ୍ଟୋବରରେ ସେ ରୁଦ୍ରନାଥଙ୍କ ଦର୍ଶନ ପାଇଁ ୨୦ କିଲୋମିଟର ପାଦରେ ଚାଲି ଚାଲି ଯାଇଥିଲେ। ତାଙ୍କୁ ସବୁବେଳେ ପ୍ରକୃତିରୁ ଶାନ୍ତି ମିଳିଥାଏ ବୋଲି ସେ ଅନେକ ସାକ୍ଷାତକାରରେ ମତବ୍ୟକ୍ତ କରିଛନ୍ତି ।

## ଇତିହାସ

୧୪୬୯ - ଶିଖ୍ ଧର୍ମ ସଂସ୍ଥାପକ ତଥା ପ୍ରଥମ ଗୁରୁ ନାନକଙ୍କ ଜନ୍ମ ।
୧୬୮୯ - ସ୍ପେନ୍ ବିରୋଧରେ ଫ୍ରାନ୍ସର ଯୁଦ୍ଧ ଘୋଷଣା ।
୧୯୪୮ - ରାଜ୍ୟ ମାନ୍ୟତା ପାଇଲା ହିମାଚଳ ପ୍ରଦେଶ ।
୧୯୯୦ - ସୋଭିଏତ ସଙ୍ଘର ପ୍ରଥମ ଓ ଶେଷ ରାଷ୍ଟ୍ରପତି ହେଲେ ମିଖାଇଲ ଗୋର୍ବାଚୋଭ ।
୧୯୭୬ - ବେଜିଂକୁ ୧୫ ବର୍ଷ ପରେ ରାଷ୍ଟ୍ରଦୂତ ପଠାଇଲା ଭାରତ ।
୧୯୮୦ - ସରକାରଙ୍କୁ ଅଧୀନକୁ ଗଲା ୬ଟି ଘରୋଇ ବ୍ୟାଙ୍କ ।
୨୦୧୦ - ଭାରତରେ ନିର୍ମିତ ପ୍ରଥମ କ୍ରାୟୋଜେନିକ (କମ ତାପମାନଯୁକ୍ତ ଇଞ୍ଜିନର ଉପଯୋଗ) ରକେଟ ଜିଏସ୍‌ଏଲ୍‌ଭିଡି ୩ର ପ୍ରକ୍ଷେପଣ ବିଫଳ ।

## 'ପାପାଇତାନ୍'

ଭିଏତନାମ ଏବଂ ଫିଲିପାଇନ୍ସରେ ଏକ ନିଆରା ଖାଦ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି, ଯାହାର ନାମ ଶୁଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ସେଠାକାର ଲୋକଙ୍କ ପାଇଁ ଏହା ଅତି ପ୍ରିୟ। ଏହାକୁ ଗାଈର ଅନ୍ତ ଭିତରେ ଥିବା ଅଧା ହଜମ ହୋଇଥିବା ଘାସକୁ ବାହାର କରି ପ୍ରସ୍ତୁତ କରାଯାଇଥାଏ । ଏହାକୁ ଭଲଭାବେ ସଫା କରିବା ପରେ ପିଆଜ, ଟମାଟୋ, ରସୁଣ, ଅଦା, ଲେମନଗ୍ରାସ୍ ଏବଂ ବିଭିନ୍ନ ମସଲା ସହିତ ରନ୍ଧାଯାଏ। ଫିଲିପାଇନ୍ସରେ ଏହା 'ପାପାଇତାନ' ନାମରେ ଜଣାଶୁଣା। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ, ଏହି ସୁପ୍ ଶରୀରକୁ ଗରମ ରଖିବା ସହ ହଜମ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ। ସେଥିପାଇଁ ଶୀତଦିନେ ଏହାର ବ୍ୟବହାର ଅଧିକ ମାତ୍ରାରେ ଦେଖିବାକୁ ମିଳେ। ସୋସିଆଲ ମିଡିଆରେ ଏହି ସୁପକୁ ମିଶ୍ର ପ୍ରତିକ୍ରିୟା ମିଳୁଥିବା ଦେଖିବାକୁ ମିଳୁଛି । କିଛି ଲୋକ ଏଥିରେ ବ୍ୟବହାର ହେଉଥିବା ସାମଗ୍ରୀ ପାଇଁ ଏହାକୁ ବିରୋଧ କରୁଛନ୍ତି । ହେଲେ ସେଠିକା ଲୋକଙ୍କ ଭିତରେ ଏହି ସୁପର ଖୁବ୍ ଡିମାଣ୍ଡ ଦେଖିବାକୁ ମିଳୁଛି।



**ମେଷ:** ଯାତ୍ରାରେ ଶୁଭ, ମନ ପ୍ରଫୁଲ୍ଲ, ଶରୀର ସୁସ୍ଥ, ବନ୍ଧୁଲାଭ, ଶୁଭକାର୍ଯ୍ୟରେ ଧନ ବ୍ୟୟ, ଶତ୍ରୁ ସମସ୍ୟା, ଦୂରସ୍ଥାନେ ସତର୍କ, ଆଶାରେ ସଫଳ, ଚିନ୍ତାଶୂନ୍ୟ, ବିଦ୍ୟାରେ ସଫଳତା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ।

**ବୃଷ:** ଶତ୍ରୁ ପରାଜିତ, ଅର୍ଥଲାଭ, ନୂତନ କାର୍ଯ୍ୟରେ ସଫଳ, ଦୂରଯାତ୍ରାରେ ଖୁସି, ସମ୍ପତ୍ତି ଲାଭ, ସ୍ୱାସ୍ଥ୍ୟସମସ୍ୟା, ତୀର୍ଥାଟନ, ପଦବୀଲାଭ, ଦାମ୍ପତ୍ୟ ଖୁସି, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ବ୍ୟବସାୟରେ କଷ୍ଟ, ଶତ୍ରୁସମସ୍ୟା, ହଠାତ୍ ଧନଲାଭ, କର୍ମକ୍ଷେତ୍ରରେ ସମସ୍ୟା, ପୁରାତନ ଦ୍ରବ୍ୟଲାଭ, ମାଲିମୋକଦ୍ଦମା, ବିଦ୍ୟାରେ ସଫଳ, ଆର୍ଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ।

**କର୍କଟ:** ଯନ୍ତ୍ରଣା ବୃଦ୍ଧି, ବ୍ୟବସାୟରେ ଶତ୍ରୁତା, ଉଚ୍ଚଅଧିକାରୀଙ୍କ ସହାୟତା, ଯାନବାହନେ ସତର୍କ, ମୋକଦ୍ଦମାରେ କଷ୍ଟ, ପ୍ରତ୍ୟେକ କାର୍ଯ୍ୟରେ ସତର୍କ, ନୂତନ କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟ ସୁଖ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ।

**ସିଂହ:** କାର୍ଯ୍ୟରେ ସଫଳ, ଦୂରଯାତ୍ରା, ନୂତନ ବନ୍ଧୁଲାଭ, ସନ୍ତାନସୁଖ, ବିବାଦ ସମାଧାନ, ଦ୍ରବ୍ୟଲାଭ, ଶତ୍ରୁ ପରାଜିତ, ସମ୍ପତ୍ତିଲାଭ, ପୁରାତନ ରୋଗ, ମାନସିକ ଶାନ୍ତି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଶ୍ରୀରାମ।

**କନ୍ୟା:** ବନ୍ଧୁମିଳନ, ଶୁଭସମାଚାର, ନୂତନ ସମସ୍ୟା, ଚୁକ୍ତି ସମ୍ପାଦନ ଅର୍ଥଲାଭ, ଉଚ୍ଚଆଶାରେ ଖୁସି, ବିବାଦମୁକ୍ତ, ଶରୀର ସୁସ୍ଥ, ହଠାତ୍ ଦ୍ରବ୍ୟଲାଭ, ଗୁରୁଜନେ ଆଶିର୍ବାଦ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ହସ୍ତା, ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ନୃସିଂହ।

**ତୁଳା:** ଶୁଭକାର୍ଯ୍ୟରେ ଧନବ୍ୟୟ ସହ ଖୁସି, ସମ୍ମାନଲାଭ, ଦୂରଯାତ୍ରା, ଶତ୍ରୁ ସମସ୍ୟା, ଶରୀର ଅସୁସ୍ଥ, ଯାନବାହନେ ସତର୍କ, ବ୍ୟବସାୟରେ ଲାଭ, ପୁରାତନ ମାମଲା ସମାଧାନ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ବିଛା:** ମାନସିକ କ୍ଲେଶ, ଶତ୍ରୁ ପରାଜିତ, କାର୍ଯ୍ୟରେ ବିଳମ୍ବ, ଦୂରଯାତ୍ରାରେ ସତର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ସୁମିଷ୍ଟ ଭୋଜନ, ବିଶିଷ୍ଟ କାର୍ଯ୍ୟରେ ଲାଭ,ବନ୍ଧୁ ମନାନ୍ତର, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା-ପ୍ରଭୁ ଜଗନ୍ନାଥ।

**ଧନୁ:** ସମ୍ମାନବୃଦ୍ଧି, ବ୍ୟବସାୟରେ ଲାଭ, ଆଶା ସଫଳ, ଶତ୍ରୁ ପରାଜିତ, ଅନୁଷ୍ଠାନରୁ ଖୁସି, ହଠାତ୍ ଦୂରଯାତ୍ରା, ପିଲାଙ୍କ ଖୁସି, ବିଦ୍ୟାରେ ସଫଳ, ମହିଳା ଚିନ୍ତିତ ରହିବେ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ମା' ଭଗବତୀ।

**ମକର:** ପ୍ରସନ୍ନତା, ସୁମିଷ୍ଟ ଭୋଜନ, ଆଶାପୂର୍ତ୍ତି, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବ୍ୟବସାୟରେ ଲାଭ, ନୂତନ ବନ୍ଧୁପ୍ରାପ୍ତି, ଦୂରଯାତ୍ରାରେ ସତର୍କ, ସମ୍ପତ୍ତି କଳହ, ବିଦ୍ୟାରେ ସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୮, ଆରାଧନା-ମା' ବିମଳା।

**କୁମ୍ଭ:** ଚିନ୍ତାଶୂନ୍ୟ, ଅର୍ଥଲାଭ, ଦ୍ରବ୍ୟଲାଭ, ପାରିବାରିକ ଖୁସି, ନୂତନ କର୍ମ ଆରମ୍ଭ, ବ୍ୟବସାୟରେ ମଧ୍ୟମ ଲାଭ, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, କିଛି କିଣାକିଣି କରିବେ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୬, ଆରାଧନା-ମା' ବଗଳାମୁଖୀ।

**ମୀନ:** ସଫଳତା ପ୍ରାପ୍ତି, ଦ୍ରବ୍ୟଲାଭ, ସମ୍ମାନଲାଭ, ଅର୍ଥଲାଭ, ଦୂରସ୍ଥାନକୁ ଯାତ୍ରା, ଗୃହେଉତ୍ସବ, ମାଲିମୋକଦ୍ଦମାରେ ପଡ଼ିପାରନ୍ତି, ଦାମ୍ପତ୍ୟ କଳହ, ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ମା' ଭୁବନେଶ୍ୱରୀ।

ବୈଶାଖ କୃଷ୍ଣପକ୍ଷ, ତ୍ରୟୋଦଶୀ

୧୫.୪.୨୦୨୬ ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଓଡ଼ିଆ ପକ୍ଷ ଉଦ୍‌ଯାପନୀ–୨୦୨୬

# ଭାଷା, ସଂସ୍କୃତି ଓ ପରମ୍ପରାକୁ ନେଇ ଜନଆନ୍ଦୋଳନରେ ପରିଣତ ହୋଇଛି 'ଓଡ଼ିଆ ପକ୍ଷ': ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷର ପବିତ୍ର ଅବସରରେ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ "ଓଡ଼ିଆ ପକ୍ଷ ଉଦ୍‌ଯାପନୀ–୨୦୨୬"ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ କେବଳ ଚଉଦ ଦିନରେ ସୀମିତ ରଖିବା ନୁହେଁ, ବରଂ ବର୍ଷବ୍ୟାପି ଜୀବନ ଶୈଳୀର ଅବିଚ୍ଛିନ୍ନ ଅଂଶ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ସେ କହିଥିଲେ ଯେ, 'ଓଡ଼ିଆ ପକ୍ଷ'ର ଏହି ସଫଳ ଆୟୋଜନ କେବଳ ଏକ ଉତ୍ସବ ନୁହେଁ, ଏହା ଆମ ଅସ୍ମିତାର ଉଦ୍‌ଘୋଷଣା ଓ ଏକ ନୂତନ ସାଂସ୍କୃତିକ ଜାଗରଣର ଆରମ୍ଭ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସାଂସ୍କୃତିକ ଆଧାର ବିନା ଆର୍ଥିକ ସମୃଦ୍ଧିର କୌଣସି ଅର୍ଥ ନାହିଁ । ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ହୋଇଥିବା ଐତିହାସିକ ସଂଘର୍ଷକୁ ସ୍ମରଣ କରି ସେ କହିଥିଲେ ଯେ, ଏହି ଆନ୍ଦୋଳନ ଆମର ଜାତୀୟ ପରିଚୟକୁ ସୁଦୃଢ଼ କରିଛି । ଗଙ୍ଗାଧର ମେହେର, ରାଧାନାଥ ରାୟ, ମଧୁସୂଦନ ରାଓ ଓ ଫକୀରମୋହନ ସେନାପତିଙ୍କ ପରି ବରେଣ୍ୟ ସାହିତ୍ୟିକମାନଙ୍କ ଅବଦାନ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗ ଦେଇଥିବାର ସେ କହିଥିଲେ ।

ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବ୍ୟବହାରକୁ ଜନଆନ୍ଦୋଳନର ରୂପ ଦେବା ଭଳି ପଦକ୍ଷେପ ଗ୍ରହଣ



କରାଯାଇଛି । ପଖାଳ ପରମ୍ପରାର ବିଶ୍ୱସ୍ତରୀୟ ସ୍ୱୀକୃତି ଓ ଲୋକକଳାର ପ୍ରସାର ଓଡ଼ିଆ ସଂସ୍କୃତିର ଗୌରବକୁ ବଢ଼ାଇଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପାଇଁ ଚଳିତ ବଜେଟ୍‌ରେ ୬୧୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଛଉ ନୃତ୍ୟର ସଂରକ୍ଷଣ ପାଇଁ 'ଛଉ ଏକାଡେମୀ' ପ୍ରତିଷ୍ଠା ଓ ବରପୁତ୍ରମାନଙ୍କ ଜନ୍ମପୀଠକୁ ସାଂସ୍କୃତିକ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକାଶ କରିବା ପାଇଁ ଯୋଜନା ହୋଇଥିବା ସେ ଜଣାଇଥିଲେ । ସେ ପୁଣି କହିଥିଲେ ଯେ, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବଢ଼ାଇବା ସହ ସମସ୍ତ ବିଦ୍ୟାଳୟରେ ଓଡ଼ିଆ ପଢ଼ାଇବାକୁ ବାଧ୍ୟତାମୂଳକ କରାଯିବ। ଠସମୃଦ୍ଧସଙ୍କଳ୍ପ ୨୦୩୬ ଓ ୨୦୪୭ ଲକ୍ଷ୍ୟ ଅନୁସାରେ ଓଡ଼ିଶାକୁ ଏକ ବିକଶିତ ଓ ସାଂସ୍କୃତିକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ଆହ୍ୱାନ କରିଥିଲେ ।

ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏକ ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲି ଦେଖିବା ସହିତ ବିଭିନ୍ନ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ ରାଜ୍ୟ ସଂସ୍କୃତି ବିଭାଗର ଏହି ପ୍ରୟାସ ଆମ ଓଡ଼ିଆ ଚଳଣି , ପରମ୍ପରା, ସଂସ୍କୃତି ଓ ଖାଦ୍ୟ ପ୍ରଣାଳୀ କୁ ପୁଣି ଥରେ ଘରେ ଘରେ ପହଞ୍ଚାଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ପ୍ରଥମଥର ପାଇଁ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଭାବେ ଆମ ସରକାର ଆସିବା ପରେ ଏହି ସମ୍ପୂର୍ଣ୍ଣ ପକ୍ଷ ପାଳନର ପ୍ରକ୍ରିୟା ଆରମ୍ଭ କରିଛନ୍ତି ।

## ଧୁମ୍‌ଧାମ୍‌ରେ ପାଳିଲେ ଓଡ଼ିଆ ନବବର୍ଷ, ପଣାସଂକ୍ରାନ୍ତି

# ଝାମୁଯାତ୍ରା ରଡ଼ ନିଆଁରେ ଚାଲିଲେ ଦଣ୍ଡପାଟୁଆ

ଭୁବନେଶ୍ୱର(ସବ୍ୟୁ): ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି । ଓଡ଼ିଆ ନୂଆବର୍ଷ ସାଙ୍ଗକୁ ହନୁମାନ ଜୟନ୍ତୀ । ସବୁଠି ପଣାର ମହକ । ସେହିପରି ଆଜି ଝାମୁଯାତ୍ରା ବା ଦଣ୍ଡଯାତ୍ରା ସଂପନ୍ନ ହୋଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଦଣ୍ଡପାଟୁଆମାନେ ଭକ୍ତି ଓ ନିଷ୍ଠାର ପ୍ରଦର୍ଶନ ସ୍ୱରୂପ ରଡ ନିଆଁରେ ଚାଲିଛନ୍ତି । ମହାବିଷୁବ ତଥା ପଣା ସଂକ୍ରାନ୍ତି ଉପଲକ୍ଷେ ଶୁଭକାମନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି, ଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତିର ଏହି ପବିତ୍ର ଅବସରରେ ସମସ୍ତଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା । ପବିତ୍ର ହନୁମାନ ଜୟନ୍ତୀ ଅବସରରେ ରାଜ୍ୟବାସୀଙ୍କୁ ଆନ୍ତରିକ ଅଭିନନ୍ଦନ । ସଙ୍କଟମୋଚନ ଶ୍ରୀହନୁମାନଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନ ସୁଖ, ସମୃଦ୍ଧି ଓ ଶାନ୍ତିରେ ଭରିଯାଉ । ମହାବୀରଙ୍କ ନିକଟରେ ସମସ୍ତଙ୍କର ମଙ୍ଗଳ କାମନା କରୁଛି । ଆମ ସଂସ୍କୃତି ଓ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ଆହୁରି ଗୌରବାନ୍ୱିତ କରିବା ପାଇଁ ଆମକୁ ନୂତନ ଶକ୍ତି ପ୍ରଦାନ କରୁଛି ।

ଭାବ-ଭକ୍ତି, ଆନନ୍ଦ-ଉଲ୍ଲାସ । କେଉଁଠି ହୋମଯଜ୍ଞ, ପୂଜାପାଠ ତ ଆଉ କେଉଁଠି ପଣାର ମହକ । ପ୍ରତିବର୍ଷ ଭଳି ଓଡ଼ିଆ ନୂଆବର୍ଷକୁ ମନ ଖୋଲି ମନେଇଛି ସାରା ରାଜ୍ୟ । ପରମ୍ପରା ଅନୁଯାୟୀ ପୁର ପଲ୍ଲୀରେ ପାଳନ ହୋଇଛି ପଣା ସଂକ୍ରାନ୍ତି । ଘରେ ଘରେ ପଣା ଭୋଗ ସାଙ୍ଗକୁ ମନ୍ଦିରରେ ଠାକୁର ଦର୍ଶନ କରି ପଣା ପିଇଛନ୍ତି ପ୍ରତିଟି ଓଡ଼ିଆ । ସେଥିପାଇଁ ତ ଝଙ୍କଡ଼ର ମା ଶାରଳା ପୀଠ ହେଉ କି କେନ୍ଦୁଝର ଘଟଗାଁର ତାରିଣୀ ମନ୍ଦିର । ସବୁ ମନ୍ଦିରରେ ନାହିଁ ନଥିବା ଗହଳ । ତାରିଣୀ ପୀଠରେ ଆଜି ଚଇତିପର୍ବ ସରିଥିବା ବେଳେ ଶାରଳା ପୀଠ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ବି ଶେଷ ହୋଇଛି । ଖାଲିପାଦରେ ଡହ ଡହ ରଡ ନିଆଁରେ ଚାଲି ଭକ୍ତି ପରାକାଷ୍ଠା ଦେଖାଇଛନ୍ତି ମାନସିକଧାରୀ । ଏଥିସହ ମଙ୍ଗଳବାର ବିଭିନ୍ନ ସ୍ଥାନରେ ମେରୁ ଓ ଦଣ୍ଡଯାତ୍ରା ବି ଉଦ୍ୟାପିତ ହୋଇଛି ।

ଆଜି ମଧ୍ୟ ମହାବଳୀ ହନୁମାନଙ୍କ ଜୟନ୍ତୀ । ସେଥିପାଇଁ ବଜରଙ୍ଗବାଲିଙ୍କ ମନ୍ଦିରରେ ସ୍ୱତନ୍ତ୍ର ହୋମଯଜ୍ଞର ଆୟୋଜନ କରାଯାଇଛି । ତେବେ ଗଞ୍ଜାମ ଆସିକାରେ ଆକର୍ଷଣର କେନ୍ଦ୍ର ପାଲଟିଥିଲା ଗୁରୁକୃପା ଆଶ୍ରମ । ଏଠି ୧ କୋଟି ରୁଦ୍ରାକ୍ଷରେ ହନୁମାନ ବିଗ୍ରହ ସ୍ଥାପନ ସହ ତୁଳସୀ କାଠିରେ ଏକ ଲକ୍ଷ ବେଲପତ୍ର ଉପରେ ରାମନାମ ଲେଖାଯାଇ ହନୁମାନଙ୍କୁ ଅର୍ପଣ କରାଯାଇଥିଲା । ଶ୍ରୀମନ୍ଦିରରେ ବି ପାରମ୍ପରିକ ରୀତିନୀତିରେ ସଂପନ୍ନ ହୋଇଛି ମହାବୀରଙ୍କ ଜନ୍ମୋତ୍ସବ ନୀତି । ଏହି ଅବସରରେ ପୁରୀର ବିଭିନ୍ନ ଜାଗା ଆଖଡ଼ାରେ କୁସ୍ତି କସରତ ସାଙ୍ଗକୁ ଆକର୍ଷଣୀୟ ସମରକଳା ପ୍ରଦର୍ଶନ କରାଯାଇଛି । ବିଭିନ୍ନ ଯାଗାଘରେ ପିଲାଠୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ କାଛା ପିନ୍ଧି ଗୁରୁମାନଙ୍କ ଆଶୀର୍ବାଦ ନେଇ କୁସ୍ତି କସରତ କରିଛନ୍ତି । ନୂଆ ଶିକ୍ଷାର୍ଥୀଙ୍କର ବି ଆଜିଠୁ ଆରମ୍ଭ ହୋଇଛି କୁସ୍ତିଶିକ୍ଷା । ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ କଟକ, ସମ୍ବଲପୁର ଭଳି ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଶୋଭାଯାତ୍ରାର ବି ଆୟୋଜନ କରାଯାଇଛି ।

## ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ କରି ଦୁର୍ଘଟଣାର ରୂପ

# ମୁଖ୍ୟ ଅଭିଯୁକ୍ତ ସହ ତିନି ଗିରଫ

କଟକ,(ସବ୍ୟୁ): ବ୍ୟବସାୟୀକ ଶତ୍ରୁତାରୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ହୋଇଛି । ଦୁର୍ଘଟଣାର ରୂପ ଦେଇ ହତ୍ୟା ଉଦ୍ୟମ ହୋଇଛି । ଏଭଳି ଏକ ଘଟଣାରେ ମର୍କତନଗର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଏସିଆ ଗାଁର ଚନ୍ଦନ ଭୋଳ(୩୪) ସମେତ ସୁପାରି କିଲର ଭୁବନେଶ୍ୱର ଓଲ୍ଡ ଟାଉନର ରାକା ଓରଫ ଚିକୁ ଓରଫ ରାକେଶ କୁମାର ବେହେରା(୨୨), ଏୟାର ଫିଲ୍ଡ କଣ୍ଟିଲୋ ଗାଁର ଶିଶିର ଜେନା(୩୩) ଓ କ୍ୟାପିଟାଲ ଥାନା ଶିଶୁ ଭବନ ଛକ ନିକଟ ଦିନୁ ଓରଫ ରାଜେଶ ନାୟକ(୨୫)କୁ ଗିରଫ କରିଛି । ଏମାନଙ୍କ ପାଖରୁ ଗୋଟିଏ କାର, ଗୋଟିଏ ପଲସର ବାଇକ, ଧାରୁଆ ମାରଣାସ୍ତ୍ର, ୫ଟି ମୋବାଇଲ, ୧୧ ହଜାର ଟଙ୍କା ଜବତ ହୋଇଛି ।

ପୋଲିସ ସୂଚନା ଅନୁସାରେ, ଏରସମାର ଚନ୍ଦନ ଭୋଳ ବାଦାମବାଡି ଅଞ୍ଚଳରେ ଏକ ବହି ଦୋକାନ କରିଛନ୍ତି । ମର୍କତନଗର ସେକ୍ଟର ୬ ଅଞ୍ଚଳର ଜଣେ ବ୍ୟକ୍ତି ବହି ହୋଲସେଲ ବ୍ୟବସାୟ କରନ୍ତି । ଗଲା କିଛି ବର୍ଷ ହେବ ଚନ୍ଦନଙ୍କ ବ୍ୟବସାୟ ଘାଟାରେ ଚାଲିଥିଲା । ଯେବେଠୁ ମର୍କତନଗର ଅଞ୍ଚଳର ବ୍ୟକ୍ତି ଜଣକ ହୋଲସେଲ ସହିତ ରିଟେଲ ବ୍ୟବସାୟ କଲେ ସେବେଠୁ ଚନ୍ଦନର ଗ୍ରାହକ କମିଗଲା । ଏହାକୁ ନେଇ ଚନ୍ଦନ ପ୍ରତିଶୋଧ ପରାୟଣ ହୋଇପଡିଥିଲା । ଦୀର୍ଘ ଦିନ ଧରି ଆର୍ଥିକ କ୍ଷତି ସହିବା ପରେ ଶେଷରେ ସଂପୃକ୍ତ ବ୍ୟକ୍ତିଙ୍କୁ ମାରପିଟ କରିବାକୁ ଷଡଯନ୍ତ୍ର କରିଥିଲା ଚନ୍ଦନ । ଯେଭଳି ବ୍ୟକ୍ତି ଜଣକ ଆହତ ହୋଇ ପଡିବା ପରେ ତାଙ୍କର ବ୍ୟବସାୟ ବାଧାପ୍ରାପ୍ତ ହେବ । ଏହାପରେ ସେ ଭୁବନେଶ୍ୱରର ଦିନୁ ସହିତ ଯୋଗାଯୋଗ କଲା । ପରେ ଦିନୁ ଓ ସହଯୋଗୀଙ୍କ ସହିତ ମିଳିମିଶି କିଭଳି ଦୁର୍ଘଟଣାର ରୂପ ଦିଆଯିବ ସେନେଇ ଯୋଜନା କଲେ । ଏଥିପାଇଁ ଦେଢ ଲକ୍ଷ ଟଙ୍କାରେ ଡିଲ ହୋଇଥିଲା । ଯୋଜନା ମୁତାବକ ଏପ୍ରିଲ ୫ ତାରିଖକୁ ଧାର୍ଯ୍ୟ ହୋଇଥିଲା । ଦୁର୍ଭାଗ୍ୟବଶତଃ ସେମାନେ ଟାର୍ଗେଟ କରିଥିବା ବ୍ୟକ୍ତିଙ୍କ ବଦଳରେ ତାଙ୍କ ଘର ମାଲିକଙ୍କୁ ଆକ୍ରମଣ କରିଥିଲେ । ଘର ମାଲିକ ସକାଳେ ପ୍ରାତଃଭ୍ରମଣ କରୁଥିଲେ । ଏତିକିବେଳେ ଜୟପ୍ରକାଶ ନାରାୟଣ ପାର୍କ ସମ୍ମୁଖରେ ରାକା, ଶିଶିର ଓ ଦିନୁ ଏକ ବାଇକରେ ଆସି ତାଙ୍କୁ ଜାଣିଶୁଣି ଧକ୍କା ଦେଲେ । ଏହାକୁ ନେଇ ବଚସା ହେବା ଭିତରେ ଦୁର୍ବୃତ୍ତମାନେ ଧାରୁଆ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କଲେ । ବ୍ୟକ୍ତିଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଜୋରଦାର ଆଘାତ ଦେଲେ । ବ୍ୟକ୍ତି ଜଣକ ରକ୍ତାକ୍ତ ହୋଇ ଅଚେତ ହୋଇଯିବା ପରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଲେ । ମାତ୍ର କିଛି ମିନଟ ଭିତରେ ସେମାନେ ଚମ୍ପଟ ମାରିଥିଲେ । ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲେ । ଏନେଇ ଆହତଙ୍କ ପରିବାର ସଦସ୍ୟଙ୍କ ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପ୍ରାରମ୍ଭିକ ତଦନ୍ତରୁ ପୋଲିସ ଏହାକୁ ଦୁର୍ଘଟଣା ଜନିତ ଗଣ୍ଡଗୋଳ ବୋଲି ଆଶଙ୍କା କରୁଥିଲା । କିନ୍ତୁ ସିସିଟିଭି ଫୁଟେଜରେ ଦୁର୍ବୃତ୍ତଙ୍କ ଗତିବିଧିରୁ ପୋଲିସର ସନ୍ଦେହ ବଢିଥିଲା । ଏହାପରେ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ଗଲା ୭ ତାରିଖରେ ପ୍ରଥମେ ରାକାକୁ ଗିରଫ କରିଥିଲା । ତାର ସୂଚନା ଆଧାରରେ ଏସିପି ଅରୁଣ ସ୍ୱାଇଁ ଓ ଇନ୍ସପେକ୍ଟର ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ ବ୍ରହ୍ମପୁର, ଗଞ୍ଜାମ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ ଆଦି ଜିଲ୍ଲାରେ ଲଗାତାର ୫ ଦିନ ଧରି ଚଢଉ କରିଥିଲା । ଏହାପରେ ଦୁଇ ସୁପାରି କିଲର ଶିଶିର ଓ ଦିନୁ ଧରାପଡିଥିଲେ । ସେମାନଙ୍କୁ ଜେରା ବେଳେ ଘଟଣା ପଛର ମାଷ୍ଟରମାଇଣ୍ଡ ଚନ୍ଦନ ଭୋଳ ଏବଂ ଟାର୍ଗେଟ ସମ୍ପର୍କରେ ଜଣାପଡିଲା । ଏହାପରେ ପୋଲିସ ସଂଗେ ସଂଗେ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିଥିଲା । ଅଭିଯୁକ୍ତ ଦିନୁ ନାଁରେ ପୂର୍ବରୁ ବଡଗଡ ଥାନା, ଚନ୍ଦ୍ରଶେଖରପୁର ଥାନା ଓ ଏୟାରପୋର୍ଟ ଥାନାରେ ଏକାଧିକ ଅପରାଧୀକ ମାମଲା ରହିଛି । ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ।

## ସଚିବାଳୟରେ ଜୁନିୟର ଆସିଷ୍ଟାଣ୍ଟ ପଦରେ ନିଯୁକ୍ତି ପ୍ରସଙ୍ଗ

# ସୁପ୍ରିମକୋର୍ଟଙ୍କୁ ଦିଆଯାଇଥିବା ସତ୍ୟପାଠ ଅନୁଯାୟୀ କେବେ ହେବ ନିଯୁକ୍ତି: ହାଇକୋର୍ଟ

କଟକ,(ସବ୍ୟୁ): ୧୯୯୬-୯୭ ମସିହାରେ ସଚିବାଳୟରେ ୩୦୦ ଜୁନିୟର ଆସିଷ୍ଟାଣ୍ଟ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା । କିନ୍ତୁ ଏହି ପଦ ଲାଗି ୬୭୧ଜଣ ଚୟନ ହେଲେ । କିନ୍ତୁ ରାଜ୍ୟ ସରକାର ୩୬୨ଜଣଙ୍କୁ ନିଯୁକ୍ତି ଦେଲେ । ଏହି ନିଯୁକ୍ତିରେ ସଂରକ୍ଷଣ ନିୟମର ଉଲଙ୍ଘନ ହୋଇଥିବା ଦର୍ଶାଇ ମାମଲା ସ୍ୟାଟ୍‌ରେ ହେଲା । ସ୍ୟାଟ୍‌ରୁ ମାମଲା ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଗଲା । ରାଜ୍ୟ ସରକାର ୨୦୨୫ ଜୁଲାଇ ୪ତାରିଖରେ ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରି ମେଧା ତାଲିକାରେ ସ୍ଥାନ ପାଇଥିବା ସମସ୍ତ ୬୭୧ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସୁପ୍ରିମ୍‌କୋର୍ଟରେ ପ୍ରତିଶ୍ରୁତି ଦିଆଯିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ହାଇକୋର୍ଟ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ସୁପ୍ରିମ୍‌କୋର୍ଟରେ ଏହି ନିଯୁକ୍ତିକୁ ନେଇ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ସେ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ମେ ୮ ଧାର୍ଯ୍ୟ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି।

୩୦ବର୍ଷ ତଳେ ସଚିବାଳୟରେ ଜୁନିୟର ଆସିଷ୍ଟାଣ୍ଟ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହି ପଦଲାଗି ୬୭୧ଜଣଙ୍କୁ ଚୟନ କରାଯାଇଥିଲା । କିନ୍ତୁ ରାଜ୍ୟ ସରକାର ଏଥିରୁ ୩୬୨ଜଣଙ୍କୁ ନିଯୁକ୍ତି ଦେବା ପରେ ଏଥିରେ ସଂରକ୍ଷଣ ନୀତି ଅର୍ଥାତ ୫୦%ରୁ ଅଧିକ ସଂରକ୍ଷଣ ଦିଆଯାଇଛି ଅଭିଯୋଗ କରି ପ୍ରଥମେ ସ୍ୟାଟ୍‌ରେ ଏକ ମାମଲା ରୁଜୁ ହୋଇଥିଲା । ସ୍ୟାଟ୍ ଏହି ମାମଲାରେ ରାୟ ପ୍ରକାଶ କରି ଚୟନ ହୋଇଥିବା ସମସ୍ତ ୬୭୧ଜଣଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ରାଜ୍ୟ ସରକାର ହାଇକୋର୍ଟକୁ ଆସିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କରି ଦେଇଥିଲେ । ଫଳରେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟକୁ ଯାଇଥିଲେ । ସୁପ୍ରିମ୍‌କୋର୍ଟ ମାମଲାର ଶୁଣାଣି କରି ଏହି ମାମଲାର ପୁନର୍ବିଚାର କରିବାକୁ ହାଇକୋର୍ଟକୁ ପଠାଇ ଦେଇଥିଲେ । ଏହି ନିଯୁକ୍ତି ପ୍ରକ୍ରିୟା ସଂରକ୍ଷଣ ନିୟମ ଆଧାରରେ ହୋଇଛି କି' ନାହିଁ ତାହ ତଦନ୍ତ କରି ଦେଖିବା ଲାଗି ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ପୁରା ନିଯୁକ୍ତି ପ୍ରକ୍ରିୟାକୁ ବାତିଲ୍ କରି ଦେଇଥିଲେ । ଏହି ଆଦେଶ ବିରୋଧରେ ମାନସ କୁମାର ମିଶ୍ର ଏବଂ ଅନ୍ୟମାନେ ପୁନର୍ବାର ସୁପ୍ରିମ୍‌କୋର୍ଟକୁ ଯାଇଥିଲେ। ସୁପ୍ରିମ୍‌କୋର୍ଟ ହାଇକୋର୍ଟଙ୍କ ଆଦେଶକୁ ରଦ୍ଦ କରି ଦେଇଥିଲେ । ତେବେ ଏଥିରେ ରାଜ୍ୟ ସରକାର ଚୟନ ହୋଇଥିବା ସମସ୍ତ ୬୭୧ଜଣଙ୍କୁ ନୂତନ ପଦ ସୃଷ୍ଟି କରି ନିଯୁକ୍ତି ଦେବାଲାଗି ଯୋଜନା କରୁଛନ୍ତି ବୋଲି ସୁପ୍ରିମ୍‌କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସୁପ୍ରିମ୍‌କୋର୍ଟରେ ପ୍ରତିଶ୍ରୁତି ସତ୍ତ୍ୱେ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ଦୀର୍ଘ ୩୦ବର୍ଷ ଧରି ମେଧା ତାଲିକାରେ ସ୍ଥାନ ପାଇ ମଧ୍ୟ ଅନେକ ଆଶାୟୀ ପ୍ରାର୍ଥୀ ଏବେ ବି ନିଯୁକ୍ତିରୁ ବଞ୍ଚିତ ହୋଇଛନ୍ତି। ଫଳରେ ହାଇକୋର୍ଟ ସୁପ୍ରିମ୍‌କୋର୍ଟରେ ଦିଆଯାଇଥିବା ପ୍ରତିଶ୍ରୁତି ଆଧାରରେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟ ଶାସନସଚିବଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି ।

# ଜିଲ୍ଲା ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଜଳ ଛତ୍ର ଓ ପଣା ବଣ୍ଟନ

ପୁରୀ, (ସବ୍ୟୁ): ଓଡ଼ିଆ ନବ ବର୍ଷ ଓ ମହା ବିଷୁବ ପଣା ସଂକ୍ରାନ୍ତି ଅବସରରେ ଜିଲ୍ଲା ପୋଲିସ ପକ୍ଷରୁ ସହରର ବିଭିନ୍ନ ଥାନା ସମ୍ମୁଖରେ ଜଳ ଛତ୍ର ଖୋଲା ଯାଇଛି । ଟାଉନ ଥାନା, କୁମ୍ଭାରପଡ଼ା ଥାନା, ସମୁଦ୍ରକୂଳ ଥାନା ଓ ତାଳବଣିଆ ଥାନା ଆଦି ସ୍ଥାନରେ ଜଳ ଛତ୍ର ଖୋଲା ଯାଇଛି । ଏସପି ପ୍ରତୀକ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିବା ସହ ବାହାରୁ ଆସୁଥିବା ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମ ତାପ ଓ ଶୋଷରୁ ତୃଷ୍ଣା ନିବାରଣ ପାଇଁ ଏସପି ଦହି ସର୍ବତ, ପଣା ଓ ଟଙ୍କ ତୋରାଣି ବଣ୍ଟନ କରି ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ର, ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସ, ସମୁଦ୍ର କୂଳ ଥାନା ଅଧିକାରୀ ମାନସ ଚକ୍ର ଓ ତାଳ ବଣିଆ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶାରଳା ପୀଠରେ ଓଡ଼ିଆ ନୂଆବର୍ଷ ଉପଲକ୍ଷେ ନୂଆ ଭକ୍ତିଗୀତର ଉନ୍ମୋଚନ

ତିର୍ତ୍ତୋଲ (ସବ୍ୟୁ): ବାଣୀକ୍ଷେତ୍ର ଝଙ୍କଡ଼ ସାରଳା ପୀଠରେ ଓଡ଼ିଆ ନୂଆବର୍ଷ, ମହାବିଷୁବ ପଣାସଂକ୍ରାନ୍ତି, ଝାମୁଯାତ୍ରା ୧୪ ତାରିଖ ସନ୍ଧ୍ୟାରେ କନକପୁର ବଜାର ପଡିଆରେ, ପ୍ରାର୍ଥନା ଟିଭିର ଭକ୍ତିର ସ୍ୱର କାର୍ଯ୍ୟକ୍ରମର ଖ୍ୟାତନାମା କଳାକାରମାନଙ୍କୁ ନେଇ ଗୀତିକାର ଦେବୀଦତ୍ତ ମହାନ୍ତିଙ୍କ ରଚିତ ଓ ମାସାରଳା, ହନୁମାନଜୀଉ ଙ୍କ ଉପରେ ଆଧାରିତ ନଅଗୋଟି ନୂଆ ଭକ୍ତିଗୀତି ର ଉନ୍ମୋଚନ ବିପୁଳ ଜନସମାବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାର୍ଥନା ଚ୍ୟାନେଲର ମୁଖ୍ୟସଂଯୋଜକ ଅଭୟ ଗଡ଼ନାୟକ ଙ୍କ ସଂଯୋଜନା ରେ ଓ ଉପସ୍ଥାପକ ଡ଼ ନିରଞ୍ଜନ ମହାପାତ୍ର ଙ୍କ ଉପସ୍ଥାପନା ରେ କଣ୍ଠଶିଳ୍ପୀ ଅନ୍ତର୍ଯ୍ୟାମୀ ପୁହାଣ, ଅହନ ବିକ୍ରମ, ରୀତିପର୍ଣ୍ଣା ନାୟକ, ବନସ୍ମିତା ରଣା, ରାଜଶ୍ରୀ ଦାଶ, ଜୟପ୍ରକାଶ ମହାନ୍ତି ଓ ଶୁଭଦାନନ୍ଦ ଦାଶ ପ୍ରମୁଖ ସୁଲଳିତ ଭକ୍ତିସଙ୍ଗୀତ ପରିବେଷଣ କରି ଉପସ୍ଥିତ ଶ୍ରୋତା ଓ ଦର୍ଶକ ମାନଙ୍କୁ ଅଭିଭୂତ କରିଥିଲେ । ତେବେ ଏହି ସମସ୍ତ କାର୍ଯ୍ୟକ୍ରମ କନକପୁର



ରବୀନ୍ଦ୍ର ପାଠାଗାର ଆନୁକୂଲ୍ୟରେ ଓ ନାରାୟଣ ପ୍ରସାଦ ଜେନା, ସତ୍ୟଭୂଷଣ ମହାନ୍ତି, ପ୍ରଦୀପ୍ତ ଲେଙ୍କା, ସଞ୍ଜୟ ମହାନ୍ତି, ଅଶୋକ ସାହୁ, ଅରୁଣ ଜେନା, ଦେବୀ ପ୍ରସାଦ ରାଉଳ, ଚନ୍ଦ୍ରଶେଖର ସାହୁ, ଦେବୀ ପ୍ରସାଦ ରାଉଳ, ଇଂ ସୁମିତ ଦାସ ଙ୍କ ପ୍ରତକ୍ଷ୍ୟତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ନିମନ୍ତ୍ରିତ କଳାକାର ମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ । ପ୍ରାରମ୍ଭରେ ବରିଷ୍ଠସେବାୟତ ରମେଶ ଚନ୍ଦ୍ର ରାଉଳ ଓ ତ୍ରିଲୋଚନ ରାଉଳ କଳାକାର ମାନଙ୍କୁ ମାଆଙ୍କ ଅଙ୍ଗବସ୍ତ୍ର ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଏହି ଭକ୍ତିଗୀତିର ଆସର ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିଭାବମୟ ପରିବେଶ ସୃଷ୍ଟି କରିଥିଲା ।

## ବନ୍ଦ ହେଉନି ଚୋରାଚାଲାଣ, ସଫା ହେଲାଣି ଜୟମଙ୍ଗଳପୁର-୨ ପାହାଡ

# ବ୍ଲାଷ୍ଟିଂ ଯୋଗୁ ବଢୁଛି ଅସନ୍ତୋଷ ନଷ୍ଟ ହେଉଛି ଶହ ଶହ ଏକର ଜମି

ଖୋର୍ଦ୍ଧା, (ସବ୍ୟୁ): ଟାଙ୍ଗୀ ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ହରିଲୁଟ ଚାଲିଛି। ମାଫିଆ ମାନେ ଦୈନିକ ଶହ ଶହ ଟ୍ରକ ମାଙ୍କଡା ସାଙ୍ଗକୁ କଳାମୁଗୁନି ପଥର ଚୋରା ଚାଲାଣ କରୁଛନ୍ତି।ଏ ଅଂଚଳରେ ବେଆଇନ ଭାବେ ପାହାଡ ଖନନ ଚାଲିଛି। ଏଠାରୁ ପଥର ଜିଲ୍ଲା ତଥା ଜିଲା ବାହାରକୁ ଚାଲାଣ ହେଉଛି। ଟାଙ୍ଗି ତହସିଲ ଅନ୍ତର୍ଗତ ଜୟମଙ୍ଗଳପୁର ମୌଜାରେ ଗୋଟିଏ ଖଣି ନିୟମାନୁସାରେ ଚାଲିଥିବାବେଳେ ଅନ୍ୟ ଦୁଇଟି ପାହାଡ କୁ ନଣ୍ଡା କରିସାରିଲେଣି ମାଫିଆ। ଜାତୀୟ ରାଜପଥ ଏମାନଙ୍କ ଗଳାବାଟ ସାଜିଛି। ଦିନ ରାତି ହାଇୱା ଓ ଟ୍ରକ୍ ଯୋଗେ ପଥର ଚୋରା ଚାଲାଣ କରାଯାଉଛି। ମାତ୍ର ପ୍ରଶାସନ ସବୁ ଜାଣି ଚୁପ୍। ବେଆଇନ ବ୍ଲାଷ୍ଟିଂ ଓ ପଥର ଚୋରା ଚାଲାଣ ପ୍ରଭାବରେ ସ୍ଥାନୀୟ ଅଂଚଳ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ଟାଙ୍ଗୀ ତହସିଲ ଅନ୍ତର୍ଗତ ଖାତାନଂ-୪୩୨, ପ୍ଲଟ ନଂ- ୧୬୩୨, କିସମ- ମୁଣ୍ଡିଆରେ ଏ୧.୩୦ ଜମିରେ ଜୟମଙ୍ଗଳପୁର-୨ କଳାପଥର ଖଣି ରହିଛି। ଏହାକୁ ବେଆଇନଭାବେ ମାଫିଆମାନେ



ଲୁଟ କରୁଛନ୍ତି। ପ୍ରଶାସନ ଓ ପୁଲିସ ବିଭାଗ ଜାଣନ୍ତାରେ କୋଟି କୋଟି ଟଙ୍କା ଗ୍ରାନାଇଟ୍ ପଥର ଚାଲାଣ ହେଉଛି। ଏଠାରେ ବେଆଇନ ବ୍ଲାଷ୍ଟିଂ ଯୋଗୁ ନିକଟ ଅଂଚଳରେ ବସବାସ କରୁଥିବା ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ବର୍ଷ ପୂର୍ବେ ଏହି ଖଣିକୁ ଜନୈକ ବ୍ୟକ୍ତି ସରକାରୀ ନିୟମ ମୁତାବକ ନେଇ ଚଳାଉଥିଲେ। ମାତ୍ର ତାଙ୍କର ଅବଧି ସରିବା ପରେ ସେ ସରେଣ୍ଡର କରିଛନ୍ତି, କିନ୍ତୁ ତାଙ୍କୁ ଏନଓସି ମିଳିନଥିବା ଜଣାଯାଇଛି। ତେବେ ବିନା ଟେଣ୍ଡରରେ ମାଫିଆମାନେ ଏହି ପାହାଡକୁ ଲୁଟ କରୁଛନ୍ତି। ଏହି ପାହାଡ ଚତୁଃପାଶ୍ୱର୍ରେ ଚାଷଜମି, ଆମ୍ବବଗିଚା ଓ ପ୍ରାୟ ୧କିମି ମଧ୍ୟରେ ରହିଛି ଭବାନୀପୁର, ଜୟମଙ୍ଗଳପୁର, ଜରିପୁଟ ଓ କୟଥପଲ୍ଲା ଗାଁ। ବେଆଇନ୍ ବ୍ଲାଷ୍ଟିଂ ହେବା ଯୋଗୁ ଏଠାକାର ଲୋକମାନେ ଚାଷ ଜମି ଓ ବଗିଚାରେ କାମ କରିପାରୁନଥିବାବେଳେ ବ୍ଲାଷ୍ଟିଂ ଶବ୍ଦରେ ସ୍ଥାନୀୟ ଅଂଚଳରେ ଘର ଗୁଡିକ ଥରାଉଥିବା ଅଭିଯୋଗ ହୋଇଛି।

ସେହିପରି ଜୟମଙ୍ଗଳପୁର-୩ ପାହାଡ ର ବ୍ଲାଷ୍ଟିଂ ଅନୁମତି ଗତ ମାର୍ଚ୍ଚ ମାସରୁ ସରିଥିଲେ ମଧ୍ୟ ମୁଷ୍ଟିମେୟ ବ୍ୟକ୍ତିଙ୍କ ସହଯୋଗରେ ବେଆଇନଭାବେ ମାଫିଆମାନେ ଏହି ଖଣିରୁ ବେଆଇନ ବ୍ଲାଷ୍ଟିଂ କରି ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ରାଜନୈତିକ ଛତ୍ରଛାୟା ତଳେ ବାହୁ ମେଲାଇ ମାଫିଆମାନେ ନିଜ କାୟା ବିସ୍ତାର କରିବାରେ ଲାଗିଛନ୍ତି। ଖଣିରେ ଚଢଉ ପୂର୍ବରୁ ମାଫିଆଙ୍କ ପାଖକୁ ଖବର ପହଁଚିଯାଉଛି। ଆଜି ପ୍ରଶାସନ ପକ୍ଷରୁ ଚଢଉ କରାଯିବ। ବେଆଇନ ପଥର ଖନନ, ବ୍ଲାଷ୍ଟିଙ୍ଗ, ପଥର ଚାଲାଣ ରେ ରୋକ ଲଗାଇବାକୁ ସେମାନେ ଦାବି କରୁଛନ୍ତି।ଖଣି ମାଫିଆଙ୍କ ଉପରେ ରୋକ ଲଗାନଗଲେ, ଆଗକୁ ଟାଙ୍ଗି ତହସିଲ ର ଏହି ଜୟମଙ୍ଗଳପୁର-୨ ଓ ୩ ପାହାଡ ସମ୍ପୂର୍ଣ୍ଣ ଲୋପ ପାଇଯିବା ସହ ଚାରିଆଡେ ମରୁଭୂମି ପାଲଟିବ ବୋଲି ପରିବେଶବିତ ମାନେ ମତ ଦେଇଛନ୍ତି।

# ଗ୍ୟାସସିଲିଣ୍ଡରର ବିସ୍ଫୋରଣ : ମହିଳା ମୃତ

ରଣପୁର,(ସବ୍ୟୁ): ଗତ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଏନଏସିର ଦାଣ୍ଡସାହି ସ୍ଥିତ ପୂର୍ବତନ ସେନାଅଧିକାରୀ ସନ୍ତୋଷ ପ୍ରହରାଜଙ୍କ ଘରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଗୀତାଞ୍ଜଳି ମହାନ୍ତି (୬୮) ନାମକ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ଏହି ବିସ୍ଫୋରଣର ୬ ଜଣ ସଦସ୍ୟ ଗୁରୁତର ଆହତ ହୋଇ ଭୁବନେଶ୍ୱର ଏମ. ଏସ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ମୃତ ମହିଳାଜଣଙ୍କ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ସନ୍ତୋଷଙ୍କ ପୁଅ ଲଳିତଙ୍କ ଶାଶୁ ବୋଲି ଜଣାଯାଇଛି ।ଅନ୍ୟମାନଙ୍କ ମଧ୍ୟରେ ପୁତ୍ର ବଧୂ ତାଙ୍କ ଭଉଣୀ. ତାଙ୍କ କାମ କରୁଥିବା ଆଇଁଠି ବାରିକ ଓ ସନ୍ତୋଷ ପ୍ରହରାଜ ସଓ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି ।

# ହାଇ-ଟେକ୍ ମେଡିକାଲ କଲେଜରେ ୧୩ କେ.ଏଲ୍. ବିଶିଷ୍ଟ ତରଳ ଅମ୍ଳଜାନ ପ୍ଲାଣ୍ଟର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସପିଟାଲ୍ ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ହାଇ-ଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ଏକ ୧୩ କେ.ଏଲ୍. କ୍ଷମତା ବିଶିଷ୍ଟ ତରଳ ଅମ୍ଳଜାନ ପ୍ଲାଣ୍ଟ ଉଦଘାଟିତ ହୋଇଛି। ଏହି ଅବସରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ହାଇ-ଟେକ୍ ଗ୍ରୁପର ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ଲାଣ୍ଟର ଶୁଭ ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ହାଇ-ଟେକ୍ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ତଥା ସି.ଇ.ଓ ଶ୍ରୀ ସୁରେଶ କୁମାର ପାଣିଗ୍ରାହୀ ଏବଂ ଟ୍ରଷ୍ଟି ଡାକ୍ତର ରାକେଶ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ନୂତନ ଅମ୍ଳଜାନ ପ୍ଲାଣ୍ଟ ଦ୍ୱାରା ରୋଗୀମାନଙ୍କୁ ନିରନ୍ତର ଏବଂ ଉନ୍ନତ ମାନର





ଅମ୍ଳଜାନ ସେବା ଯୋଗାଇଦେବା ମୂଳଲକ୍ଷ୍ୟ ବୋଲି କହିଛନ୍ତି ଡକ୍ଟର ତିରୁପତି ପାଣିଗ୍ରାହୀ। ଏହି ନୂତନ ପ୍ଲାଣ୍ଟ ପ୍ରତିଷ୍ଠା ହେବା ଫଳରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଗୁରୁତର ରୋଗୀଙ୍କୁ ସୁବିଧାରେ ଅମ୍ଳଜାନ ଯୋଗାଇ ଦିଆଯାଇପାରିବ । ବିଶେଷ କରି ଜରୁରୀକାଳୀନ ପରିସ୍ଥିତିରେ ଏହା ମେଡିକାଲ କଲେଜର ସାମର୍ଥ୍ୟକୁ ଆହୁରି ବୃଦ୍ଧି କରିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହସ୍ପିଟାଲର ସିଓଓ ଜ୍ୟୋର୍ତୀମୟ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଡାକ୍ତର, କର୍ମଚାରୀ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

## ଭାରତରତ୍ନ ଡଃ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ସମତା ଓ ନ୍ୟାୟ ଭିତ୍ତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଆମ୍ବେଦକର କେବଳ ଏକ ନାମ ନୁହେଁ, ଏହାଏକ ବିଚାରଧାରା, ଯାହା ସମାନତାର ପଥ ପ୍ରଦର୍ଶନ କରେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଭାରତରତ୍ନ ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି ଯେ ଭୁବନେଶ୍ୱର ଖାରବେଳ ନଗର ଠାରେ ଆମ୍ବେଦକର ଭବନ ନିର୍ମାଣ ହେବ ଏବଂ ସାଧାରଣ ପ୍ରଶାସନ ବିଭାଗକୁ ଏହାର ଡିପିଆର ପ୍ରସ୍ତୁତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମତା ଓ ନ୍ୟାୟ ଭିତ୍ତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଅଭିଭାଷଣରେ ଆମ୍ବେଦକରଙ୍କ ଜୀବନ ସଂଘର୍ଷ ଓ ଶିକ୍ଷା ପ୍ରତି ତାଙ୍କର ନିଷ୍ଠାକୁ ଉଲ୍ଲେଖ କରି ସେ କହିଛନ୍ତି ଯେ ବାବା ସାହେବ ସମାଜରେ ସମାନତା ଆଣିବା ପାଇଁ ଜୀବନଭରି ଲଢ଼େଇ କରିଥିଲେ। ଭାରତୀୟ ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଓ ନ୍ୟାୟ ଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ



ଉନ୍ନତି ଆଜି ଡଃ ଆମ୍ବେଦକରଙ୍କ ପାଇଁ ସମ୍ଭବ ହୋଇଛି । ସମାଜର ସବୁଠାରୁ ପଛୁଆ ଲୋକଙ୍କ ଉନ୍ନତି ବିନା ସମୃଦ୍ଧ ଓଡିଶା ସମ୍ଭବ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ ଓଡିଶାରେ ଆମ ସରକାର ଆସିବା ପରେ ଅଧିକାଂଶ କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ଦଳିତ ଓ ନିଷ୍ପେଷିତଙ୍କ ଅଧିକାରକୁ ସୁନିଶ୍ଚିତ କରାଯାଉଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ଉନ୍ନୟନ ପାଇଁ ଚଳିତ ୨୦୨୬-୨୭ ବଜେଟରେ ୬ ହଜାର ୬୪୯ କୋଟିରୁ ଅଧିକ ଟଙ୍କା ପ୍ରାବଧାନ କରାଯାଇଛି । ଏଥି ସହିତ ଚଠଞ୍ଚଏ ବର୍ଗଙ୍କ ବିକାଶକୁ ମଧ୍ୟ ଆମେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ । ସେ ଆହୁରି କହିଛନ୍ତି ଯେ ୨୦୨୬-୨୭ ବଜେଟରେ ଏସ୍‌ସି ଓ ଏସ୍‌ଟି ବର୍ଗ ପାଇଁ ବଡ଼ ଆର୍ଥିକ ପ୍ରାବଧାନ ରହିଛି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାକୁ ଗୁରୁତ୍ୱ ଦିଆଯାଉଛି। ଇଞ୍ଜିନିୟରିଂ ଓ ମେଡିକାଲ୍ କ୍ଷେତ୍ରରେ ନୂତନ ସଂରକ୍ଷଣ ବ୍ୟବସ୍ଥାକୁ ସେ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରି କହିଛନ୍ତି, ଯେ ପ୍ରତିଭା କୌଣସି ଜାତି ବା ଧର୍ମରେ ସୀମିତ ନୁହେଁ, ସୁଯୋଗ ମିଳିଲେ ସବୁଠୁ ଆଗକୁ ବଢ଼ିପାରିବେ।

ଖାଦ୍ୟ ସୁରକ୍ଷାକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ସୁରକ୍ଷା ସମାଜିକ ନ୍ୟାୟର ମୂଳ ଆଧାର ଏବଂ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା' ଯୋଜନା ମାଧ୍ୟମରେ କୋଟିକୋଟି ଲୋକ ଲାଭାନ୍ୱିତ ହେଉଛନ୍ତି। ଏଥିସହିତ ସେ ଆହ୍ୱାନ କରିଛନ୍ତି ଯେ ସମତା ଭିତ୍ତିକ ସମାଜ ଗଠନ ପାଇଁ ସମସ୍ତେ ଏକତ୍ରିତ ହେବା ଆବଶ୍ୟକ। ୧୯୯୦ରେ ଡକ୍ଟର ଆମ୍ବେଦକରଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଇଥିଲା, ଯେତେବେଳେ ସେ ସମୟର ସରକାରକୁ ଭାରତୀୟ ଜନତା ପାର୍ଟି ସମର୍ଥନ ଦେଇଥିଲା । ସମ୍ବିଧାନର ନିର୍ମାତା ଏବଂ ଦେଶର ଅଖଣ୍ଡତାର ନାୟକଙ୍କୁ ସେମାନେ ଭୁଲି ନ ଥିଲେ, ଜାଣିଶୁଣି ତାଙ୍କୁ ଅବହେଳିତ ଏବଂ ଅନାଦାର କରାଯାଇଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରେ ଆମ୍ବେଦକରଙ୍କ କୀର୍ତ୍ତି ଓ ସମ୍ମାନକୁ ପୁନଃପ୍ରତିଷ୍ଠା କରାଯାଇଛି । ମୋଦୀଜୀ ଡ. ବାବା ସହେବଙ୍କ ଜୀବନୀ ସହିତ ଜଡିତ ୫ଟି ସ୍ଥାନକୁ ବିକଶିତ କରି ପଞ୍ଚତୀର୍ଥ ଭାବେ ନାମକରଣ କରିଛନ୍ତି । ମୋଦୀ ସରକାରଙ୍କ ଅନେକ ଯୋଜନା ଆମ୍ବେଦକରଙ୍କ ସ୍ୱପ୍ନର ଭାରତର ପରିକଳ୍ପନାକୁ ସାର୍ଥକ କରିଛି ବୋଲି ସେ କହିଥିଲେ । ଏହି ଅବସରରେ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଭାରତ ରତ୍ନ ବାବା ସାହେବ୍ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଠାରେ ବାବାସାହେବ୍ ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ନିଲାମ ବଦଳରେ ବାଲିଘାଟକୁ ଲଟେରୀ ଆକାରରେ ଟେକିଦେବା ବିଜ୍ଞପ୍ତି

# ସରକାରଙ୍କୁ ଜବାବ ମାଗିଲେ ହାଇକୋର୍ଟ

କଟକ,(ସବ୍ୟୁ): ଆଜି ପର୍ଯ୍ୟନ୍ତ ଲଘୁ ଖଣିଜ ସାମଗ୍ରୀ ବିଶେଷକରି ବାଲିଘାଟକୁ ନିଲାମ ଜରିଆରେ ଆବଣ୍ଟନ କରାଯାଇଥିଲା । ଯିଏ ସର୍ବାଧିକ ନିଲାମ କରି ନେଉଥିଲେ ତାଙ୍କୁ ବାଲିଘାଟ ନିଆଯାଉଥିଲା। ପ୍ରଥମ କରି ରାଜ୍ୟ ସରକାର ନିଲାମ ପରିବର୍ତ୍ତେ ଲଟେରୀ ଜରିଆରେ ବାଲିଘାଟକୁ ଟେକିଦେବାକୁ ବିଜ୍ଞପ୍ତି ଜାରି କରିଛନ୍ତି । ଏହାଦ୍ୱାରା ରାଜ୍ୟ ସରକାରଙ୍କୁ ବିପୁଳ ପରିମାଣର ରାଜସ୍ୱ ହରାଇବାକୁ ପଡ଼ିବାକୁ ଯାଉଥିଲାବେଳେ ଏଭଳି ଏକ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ହାଇକୋର୍ଟ ଏହି ମାମଲାକୁ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାରଙ୍କୁ ଗୋଟେ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆସନ୍ତା ୩୧କୁ ଧାର୍ଯ୍ୟ ହୋଇଛି । କଟକ ନିଉ ରାଉସପାଟଣାର ରବି ଚରଣ ସିଂଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି।

ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାର ଓଡ଼ିଶା ମାଇନର ମିନେରାଲ କନ୍‌ସେସନ୍ ଆମେଣ୍ଡମେଣ୍ଟ ରୁଲ୍-୨୦୨୫ରେ ଏକ ସଂଶୋଧନ ଆଣିଥିଲେ। ଏହି ସଂଶୋଧନ ପରେ ଲଘୁ ଖଣିଜ ସାମଗ୍ରୀ ଆବଣ୍ଟନ ଲାଗି ଗତ ଫେବ୍ରୁଆରୀ ୨ତାରିଖରେ ଏକ ଗାଇଡ୍‌ଲାଇନ୍ ଜାରିକଲେ। ଯେଉଁଥିରେ ଦର୍ଶାଯାଇଥିଲା ଯେ, ଏଣିକି ଲଘୁ ଖଣିଜ ସାମଗ୍ରୀ ବିଶେଷକରି ବାଲିଘାଟଗୁଡ଼ିକୁ ନିଲାମ ପରିବର୍ତ୍ତେ ଲଟେରୀ ଜରିଆରେ ପ୍ରଦାନ କରାଯିବ। ଏହି ନିଷ୍ପତ୍ତି ପ୍ରତ୍ୟେକ ଜିଲ୍ଲାର ଖଣି ଅଧିକାରୀମାନେ ନିଷ୍ପତ୍ତି ନେବେ। ସେମାନେ କାହାକୁ ବାଲିଘାଟ ଲଟେରୀରେ ଦେବେ ଏବଂ କାହାକୁ ନଦେବେ ଏନିଷ୍ପତ୍ତି ସେମାନଙ୍କ ଉପରେ ଛାଡ଼ି ଦିଆଗଲା। ଆବେଦନକାରୀ ଏଭଳି ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ସ୍ୱେଚ୍ଛାଚାରିତା ବୋଲି ଦର୍ଶାଇଛନ୍ତି । ଏହି ଆଇନର କୌଣସି ସାମ୍ବିଧାନିକ ବୈଧତା ନାହିଁ । ଏଭଳି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାରଙ୍କୁ ବିପୁଳ ପରିମାଣର ରାଜସ୍ୱ ହରାଇବାକୁ ପଡ଼ିବ। ଆହୁରିମଧ୍ୟ ରାଜ୍ୟ ସରକାର କେନ୍ଦ୍ରର ଏମ୍‌ଏମ୍‌ଆର ଆଇନର ଉଲଂଘନ କରି ଏଭଳି ଏକ ଆଇନ ଆଣିଛନ୍ତି। ଯାହାକି ବେଆଇନ। ଏହି ଆଇନରେ ଗୋଟେ ପରିବାରର ଜଣକୁ ଅଧିକ ଲୋକ ଲଘୁ ଖଣି ସାମଗ୍ରୀ ପାଇଁ ଆବେଦନ କରିପାରିବେ ନାହିଁ ବୋଲି ପ୍ରତିବନ୍ଧକ ଲଗାଯାଇଛି। ଏଥିରେ ଲଘୁ ଖଣି ସାମଗ୍ରୀର ଚୋରି ବା ବେଆଇନ କାର୍ଯ୍ୟକୁ ରୋକିବା ଲାଗି କୌଣସି ପ୍ରକାର ଏନ୍‌ଫୋର୍ସମେଣ୍ଟର ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ ।

# ସ୍ଥାୟୀ ଜୀବିକା ସହ ୫୪୦୦ରୁ ଅଧିକ ପରିବାରକୁ ସଶକ୍ତ କରିଛି ଡାଲମିଆ ସିମେଣ୍ଟ

ଭୁବନେଶ୍ୱର (ସବ୍ୟୁ): ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) ନିଜର ଗ୍ରାମ ପରିବର୍ତନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ରାଜଗାଙ୍ଗପୁର ୟୁନିଟ ଆଖପାଖରେ ଥିବା ସମୁଦାୟଗୁଡ଼ିକରେ ଜୀବିକା ବିକାଶକୁ ପ୍ରୋତ୍ସାହିତ କରିବା ଜାରି ରଖିଛି। ସ୍ଥାୟୀ ଗ୍ରାମାଂଚଳ ପରିବର୍ତନକୁ ପରିଚାଳନା କରିବା ଉପରେ ଗୁରୁତ୍ୱ ଦେଉଥିବା ଏହି ଅଭିଯାନ ଦକ୍ଷତା ବିକାଶ, ଉଦ୍ୟୋଗିକତା ଓ ଲକ୍ଷିତ ପଦକ୍ଷେପ ମାଧ୍ୟମରେ ସରକାରୀ କଲ୍ୟାଣକାରୀ ଯୋଜନାଗୁଡିକ ପାଇଁ ଉନ୍ନତ ପହଂଚ ମାଧ୍ୟମରେ ପରିବାରଗୁଡିକୁ ସଶକ୍ତ କରୁଛି। ଚଳିତ ଆର୍ଥିକ ବର୍ଷ ସମୟରେ ଏହି କାର୍ଯ୍ୟକ୍ରମ ସକରାତ୍ମକ ଭାବେ ୫୪୪୩ଟି ପରିବାରକୁ ପ୍ରଭାବିତ କରିଛି, ଯାହା ସ୍ଥାନୀୟ ସମୁଦାୟଗୁଡିକରେ ଆୟ ସୁରକ୍ଷାକୁ ସୁଦୃଢ଼ କରିବା ସହ ଅନେକ ପରିବାର ଏବେ ବାର୍ଷିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି।



ଗ୍ରାମ ପରିବର୍ତନର କେନ୍ଦ୍ରରେ ଏକ ବହୁମୁଖୀ ଜୀବିକ ରଣନୀତି ଅନ୍ତର୍ନିହିତ ରହିଛି। ରାଜଗାଙ୍ଗପୁରରେ ୧୦୦୦ରୁ ଅଧିକ ପରିବାର ବାଣିଜ୍ୟିକ ଉଦ୍ଦେଶ୍ୟ ପାଇଁ ଜୈବିକ ପନିପରିବା ଚାଷ ଆପଣାଇଥିବା ବେଳେ ପ୍ରାୟ ୮୦୦ ପରିବାର ଉଭୟ ଆୟ ଓ ପୋଷଣରେ ସମର୍ଥନ ପାଇଁ କିଚେନ ଗାର୍ଡେନ ବିକଶିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଭର୍ମିକମ୍ପୋଷ୍ଟିଙ୍ଗ, ଅଜୋଲା ଉତ୍ପାଦନ ଭଳି ପଦକ୍ଷେପ ଏଂ ଡ୍ରାଗନ ଫ୍ରୁଟ ଭଳି ଉଚ୍ଚମୂଲ୍ୟଯୁକ୍ତ ଫସଲ ମାଧ୍ୟମରେ କୃଷି ଅର୍ଥନୀତିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେଉଛି, ଯାହା କୃଷକଙ୍କୁ ଖର୍ଚ୍ଚ ହ୍ରାସ କରିବା, ଉତ୍ପାଦକତା ବୃଦ୍ଧି କରିବା ଓ ଜଳବାୟୁ-ପ୍ରତିରୋଗୀ ଅଭ୍ୟାସଗୁଡିକୁ ଗ୍ରହଣ କରିବା ପାଇଁ ସକ୍ଷମ କରିଛି। ପଶୁପାଳନ ଚାଷ ଏକ ପ୍ରମୁଖ ସ୍ତମ୍ଭ ଭାବେ ବଜାୟ ରହିଥିବା ବେଳେ ମୋଟ ୧୧୧୧ ପୋଲଟ୍ରି ୟୁନିଟ, ୯୮୫ ଗୋଟେରୀ ୟୁନିଟ ଓ ୧୭୦ ପିଗେରୀ ୟୁନିଟ ସ୍ଥାପନ କରାଯାଇଛି। ଏହି ପ୍ରୟାସଗୁଡିକୁ ପରିପୂରକ କରି, ଗ୍ରାମାଂଚଳେ ଉଦ୍ୟୋଗିକତାକୁ ମଜବୁତ କରିବା ପାଇଁ ମିଲେଟ ବା ବାଜରା ଚାଷ ୧୦୬ ଏକରରେ ପରିବ୍ୟାପ୍ତ ରହିଛି, ୩୧୫୦୦ରୁ ଅଧିକ ଫଳ ଗଛ ସହିତ ବାଡି ବିକାଶ ୪୨୦ ଏକର ଜମିକୁ କଭର କରିଛି ଏବଂ ୯୨ଟି ଅଣ୍ଡ ଉଦ୍ୟୋଗ ସ୍ଥାପନ କରାଯାଇଛି। ଆୟ ବୃଦ୍ଧି କରିବା ପାଇଁ ପ୍ରୋଜେକ୍ଟ ଅନ୍ନଦାତା ଓ ପ୍ରୋଜେକ୍ଟ ହସ୍ତକଳା ଭଳି ପଦକ୍ଷେପଗୁଡିକ ଉଭୟ କୃଷି ଓ ଅଣ-କୃଷି ଜୀବିକାଗୁଡିକୁ ଆଗକୁ ବଢାଉଛନ୍ତି।

ଏହି ଅଭିଯାନ ସମ୍ପର୍କରେ ଡିସିବିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ରାଜଗାଙ୍ଗପୁରର ୟୁନିଟ ହେଡ ଚେତନ ଶ୍ରୀବାସ୍ତବ କହିଛନ୍ତି, "ସାର୍ଥକ ସମୁଦାୟ ବିକାଶ ଗଭୀରତା, ନିରନ୍ତରତା ଓ ବିଶ୍ୱାସ ଆବଶ୍ୟକ କରିଥାଏ। ଗ୍ରାମ ପରିବର୍ତନ ମାଧ୍ୟମରେ ବହୁମୁଖୀ ଓ ସ୍ଥାୟୀ ଜୀବିକା ମଡେଲ ନିର୍ମାଣ କରିବା ପାଇଁ ଆମେ ଗ୍ରାମୀଣ ସମୁଦାୟଗୁଡିକ ସହ ମିଳିତ ଭାବେ କାର୍ଯ୍ୟ କରୁଛୁ। ରାଜଗାଙ୍ଗପୁରରେ ଆମେ ପରିଲକ୍ଷିତ କରିଥିବା ପ୍ରଭାବର ବ୍ୟାପକତା , କାର୍ଯ୍ୟକ୍ରମଗୁଡିକ ଅଂଶଗ୍ରହଣକାରୀ, ସ୍ଥାନୀୟ ରୂପେ ପ୍ରାସଙ୍ଗିକ ଓ ଅର୍ଥନୈତିକ ଦୃଷ୍ଟିରୁ ସ୍ଥାୟୀ ହେଲେ କ'ଣ ସବୁ ସମ୍ଭବ ହୋଇପାରେ ତାହାକୁ ପ୍ରତିଫଳନ କରୁଛି।

## ଚୌଦ୍ୱାର ପୌରପାଳିକା ତରଫରୁ ଓଡ଼ିଆ ପକ୍ଷ ଉତ୍ସବ ଉଦ୍‌ଯାପିତ

ଚୌଦ୍ୱାର,(ସ.ବ୍ୟୁ.) : ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡ଼ିଶା ସରକାରଙ୍କ ତରଫରୁ ଓଡ଼ିଆ ପକ୍ଷ ପାଳନ ହେଉଥିବା ବେଳେ ଚୌଦ୍ୱାର ପୌରପାଳିକା ତରଫରୁ ଆଜି ସ୍ଥାନୀୟ ଟାଉନ୍‌ହଲ ଠାରେ ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ୱାର୍ଡ଼ରେ ଓଡ଼ିଆ ଅସ୍ମିତାକୁ ନେଇ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଐତିହ୍ୟସ୍ଥଳୀ ବିରାଟଗାଦିର ସାମୁହିକ ସଫେଇ ଭଳି କାର୍ଯ୍ୟକ୍ରମ ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିଲା । ଆଜି ଉଦ୍‌ଯାପନୀ ଉତ୍ସବରେ ଚୌଦ୍ୱାର ଅଂଚଳର ବିଭିନ୍ନ ବ୍ୟକ୍ତିତ୍ୱମାନଙ୍କୁ ଓଡ଼ିଆ ଅସ୍ମିତା ପ୍ରଦାନ କରାଯିବା ସହିତ କଲେଜ ଛାତ୍ରଛାତ୍ରୀମାନଙ୍କ ମ୍ଧରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ମୁଖ୍ୟବକ୍ତା ଭାବେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କାଉନ୍‌ସିଲର ସୁବ୍ରତ ସାମଲ, ଅଜୟ ବେହେରା, ଅର୍ଜିନି ବେହେରା, ଆଶୁତୋଷ ଦାସ, ଦିଲ୍ଲୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ରେଳ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ଆମ୍ବେଦକରଙ୍କ ଜୟନ୍ତୀ ପାଳନ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳମଣ୍ଡଳ ଠାରେ ଅବସ୍ଥିତ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ଠାରେ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଧୂମଧାମରେ ପାଳନ କରାଯାଇଛି କ୍ଷ ଶାଖା ସମ୍ପାଦକ ତଥା ଏନ ଏଫ ଆଇ ଆର କାର୍ଯ୍ୟକାରୀ ସଭ୍ୟ ଏଲ ଡ଼ି ମହାନ୍ତି ଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମନ୍ମଥ ରାଉତରାୟ, କଳିଙ୍ଗ ସାହୁ , ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ , ଆଶୁତୋଷ ବ୍ରହ୍ମା, ସମ୍ପାଦକ ଜୟନ୍ତ ସାମଲ , ମନୋରଞ୍ଜନ ମହାପାତ୍ର, ସୁନୀଲ ପରିଡାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

# କିଟ୍ ରେ ଫେମିନା ମିସ୍ ଇଣ୍ଡିଆ ୨୦୨୬ ପ୍ରତିଯୋଗୀ ପାଳନ କଲେ ଓଡ଼ିଆ ନବବର୍ଷ

ଭୁବନେଶ୍ୱର, (ସବ୍ୟୁ): କିଟ୍ ପରିସରରେ ଓଡ଼ିଆ ନୂଆବର୍ଷ ଆଜି ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇଥିଲେ ୬୧ତମ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାର ୩୦ ଜଣ ରାଜ୍ୟ ପ୍ରତିଯୋଗୀ। ବିଭିନ୍ନ ରାଜ୍ୟରୁ ଆସିଥିବା ଏହି ପ୍ରତିଯୋଗୀମାନେ ଖୁବ୍ ଧୁମ୍‌ଧାମ୍ ରେ ଉତ୍ସାହର ସହ ଓଡ଼ିଆ ନୂଆବର୍ଷ ପାଳନ କରିଥିଲେ। ଓଡ଼ିଶାର ପ୍ରସିଦ୍ଧ ପାଟ ଶାଢ଼ି ପିନ୍ଧି ଓଡ଼ିଆ ଖାଦ୍ୟ ସାଙ୍ଗକୁ ଓଡ଼ିଶାର ପାରମ୍ପରିକ ମିଠା ଛେନାପୋଡ଼ର ମଜା ନେଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆ ଢ଼ାଞ୍ଚାରେ ପ୍ରସ୍ତୁତ ଓଡ଼ିଆ ଖାଦ୍ୟ ଖାଇ ସେମାନେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଶାର ଉଚ୍ଚକୋଟୀର ସଂସ୍କୃତି ଓ ପରମ୍ପରାକୁ ସମଗ୍ର ଦେଶରେ ପହଞ୍ଚାଇବା ପାଇଁ ସେମାନେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏପ୍ରିଲ ୧୮ ତାରିଖରେ କିଟ୍ ରେ



ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୩୦ ଜଣ ରାଜ୍ୟ ବିଜେତା କିଟ୍ କ୍ୟାମ୍ପସରେ ରହୁଛନ୍ତି। ସେମାନଙ୍କ ସହ ସାମିଲ ହୋଇଥିଲେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍।

ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି କ୍ରମେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଆୟୋଜନ କରିଛନ୍ତି। ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା ଭାରତରେ ଆୟୋଜିତ ହେଉଥିବା ପ୍ରସିଦ୍ଧ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ। ଏହି ପ୍ରତିଯୋଗିତା ନିଜ ନିଜ ରାଜ୍ୟରେ କରାଇବା ପାଇଁ ବିଭିନ୍ନ ରାଜ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ଖୁସିର କଥା ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଓଡ଼ିଶା ଆସିଛି। ଏହି ପ୍ରତିଯୋଗିତା ଜରିଆରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ସୁବନ୍ଦୋବସ୍ତ କରାଯାଇଛି। ଏହା ବ୍ୟତୀତ ସେମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଭବ କରିବା ପାଇଁ ପୁରୀ, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚନ୍ଦ୍ରଭାଗା ବେଳାଭୂମି ମଧ୍ୟ ପରିଦର୍ଶନ କରିବେ। ପୁରୀ ବେଳାଭୂମି ଓ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିରରେ ସେମାନେ ହେରିଟେଜ୍ ୱାକ୍ କରିବେ।

## ସମ୍ବଲପୁର ଜିଲ୍ଲାରେ ୩୭୫ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

# କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ବିକାଶମୂଳକ ପ୍ରକଳ୍ପ ଜୀବନଶୈଳୀରେ ପରିବର୍ତ୍ତନ ଆଣିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ସମ୍ବିଧାନ ପ୍ରଣେତା ବାବାସାହେବ ଡଃ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲା କୁଚିଣ୍ଡା, ବାମରା ଏବଂ ଜମନକିରା ଅଞ୍ଚଳ ପାଇଁ ଏକ ବଡ଼ ବିକାଶର ଭେଟି ଦେଇଛନ୍ତି । ଶ୍ରୀ ପ୍ରଧାନ ଏହି ଅଞ୍ଚଳ ଗସ୍ତ ସମୟରେ ପ୍ରାୟ ୩୭୫ କୋଟି ୩୬ ଲକ୍ଷ ଟଙ୍କା ମୂଲ୍ୟର ୭୮ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ ଲାଭାର୍ଥୀଙ୍କୁ ସରକାରୀ ଯୋଜନା ହସ୍ତାନ୍ତର କରିଛନ୍ତି ।

କୁଚିଣ୍ଡା ଓ ବାମରା ଠାରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ୧୦୮ କୋଟି ୩୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଉଦଘାଟନ କରିଥିବା ବେଳେ୨୬୭ କୋଟି ୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । କୁଚିଣ୍ଡା ଠାରେ ଏକ ନୂତନ ଉପଖଣ୍ଡ ଚିକିତ୍ସାଳୟ ଭବନର ଭୂମିପୂଜନ କରି ଶ୍ରୀ ପ୍ରଧାନ କହିଥିଲେ, ପ୍ରାୟ ୫୩ କୋଟି ଟଙ୍କା



ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଏବଂ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ସ୍ଥାନୀୟ ଅଞ୍ଚଳର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ । ଏଥିସହ ୫ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ କୁଚିଣ୍ଡା ଯାତ୍ରା ପଡ଼ିଆ ଓ କୁଣ୍ଡାପୋଷି ଠାରେ ଦୁଇଟି ବହୁମୁଖୀ କଲ୍ୟାଣ ମଣ୍ଡପର ଉଦଘାଟନ ଏବଂ ୬ କୋଟି ଟଙ୍କା ବ୍ୟୟରେ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି । ଲୋକାର୍ପିତ ନୂତନ କମ୍ୟୁନିଟି ସେଣ୍ଟର ଅଞ୍ଚଳର ଗରିବ ସାଧାରଣ ଲୋକମାନଙ୍କର ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ବ୍ରତଘର ଓ ବିବାହ ପାଇଁ ବହୁତ ସହାୟକ ହେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ କୁଚିଣ୍ଡା ଉପଖଣ୍ଡର ସର୍ବାଙ୍ଗୀନ ବିକାଶ, ସବୁଜାୟନ ଏବଂ ଉନ୍ନତ ନାଗରିକ ସେବା ଯୋଗାଇଦେବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ। ଆଜି ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ କୁଚିଣ୍ଡା ଉପଖଣ୍ଡର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ମଜଭୂତ୍ କରିବ । ବିଶେଷ କରି ବାମରା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନୂତନ ସଫେଇ ଗାଡ଼ିର ଶୁଭାରମ୍ଭ ସହରୀ ଜୀବନକୁ ଆହୁରି ସୁବିଧାଜନକ କରିବ । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗମନାଗମନ ସହ ଅନ୍ୟାନ୍ୟ ସାମାଜିକ ଭିତ୍ତିଭୂମିଗୁଡ଼ିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ । କୁଚିଣ୍ଡାର ପ୍ରତ୍ୟେକ ନାଗରିକଙ୍କ ସହଯୋଗରେ ଏକ ସୁନ୍ଦର ଓ ସୁସ୍ଥ କୁଚିଣ୍ଡା ଗଠନ କରିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ' ମନ୍ତ୍ର ଆଜି ବାବାସାହେବ ଆମ୍ବେଦକରଙ୍କ ସ୍ୱପ୍ନକୁ ସାକାର କରୁଛି । କୁଚିଣ୍ଡା ଭଳି ଜନଜାତି ବହୁଳ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମିର ଉନ୍ନତି କରିବା ଆମ ଡବଲ ଇଞ୍ଜିନ ସରକାରଙ୍କ ପ୍ରାଥମିକତା ହୋଇଛି । ପ୍ରତିଟି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପିଇବା ପାଣି ପହଞ୍ଚାଇବା ସହ 'ପାର୍ବତୀ ଗିରି ଜଳସେଚନ ପ୍ରକଳ୍ପ' ମାଧ୍ୟମରେ ଚାଷ ଜମିକୁ ପାଣି ଯୋଗାଇବା ଆମର ଲକ୍ଷ୍ୟ ରହିଛି । ଆଗାମୀ ଦିନରେ ବାମରାରେ ରେଳ ଓଭରବ୍ରିଜ୍ ସହ ବଜାର ଅଞ୍ଚଳ ପାଇଁ ଏକ ଅଣ୍ଡରପାସ୍ ନିର୍ମାଣ କରାଯିବାର ପ୍ରୟାସ ଜାରି ରହିଛି ।

# ବି. ଆର୍. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ବିଜେଡି

## ଶଙ୍ଖ ଭବନରେ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ପାଳିତ

ଭୁବନେଶ୍ୱର, (ସବ୍ୟୁ): ଡ. ବି.ଆର୍. ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ଏଜି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ଏକତ୍ରିତ ହୋଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଭୁବନେଶ୍ୱର ବିଜେଡି ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଶଙ୍ଖ ଭବନରେ ଡ. ବି.ଆର୍. ଆମ୍ବେଦକର ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ଦଳ ପକ୍ଷରୁ ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତିକୁ ଶଙ୍ଖ ଭବନରେ ଉତ୍ସାହର ସହ ପାଳନ କରାଯାଇଥିଲା । ଏହି ଅବସରରେ ସୁଲୋଚନା ଦାସ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ଅନନ୍ତ ନାରାୟଣ ଜେନା, ଡ. ଦେବାଶିଷ ମାରାଣ୍ଡି, ମହେଶ ସାହୁ, ଶ୍ରୀମତୀ ସୁମିତ୍ରା ଜେନା, ଶ୍ରୀମତୀ ସୁଲତା ଦେଓ, ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାର ଓ ମନ୍ମଥ ରାଉତରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ । ବିଧାୟକ ସୁଶାନ୍ତ ରାଉତ, ମାନସୀ ସୁନ୍ଦରାୟ, ଆର୍ସିଆ ବେଗମ୍, ସୋଫିଆ ଆଲାମ, ମନୋଜ ସେନାପତି, ଅରୂପ ଶ୍ରୀଚନ୍ଦନ, ମନୋରଂଜନ ସ୍ୱାଇଁ, ସୋନାଲି ପ୍ରିୟଦର୍ଶିନୀ, ଲଗ୍ନାଦୀପ ମିଶ୍ର, ତବରେଜ୍ ଆଲାମ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଭରତ ଲେଙ୍କା, ବାସନ୍ତୀ ସିଂ, ଇଲା ସ୍ୱାଇଁ, ପରୱାନ ପରବୀନ୍, ମୋନାଲିସା ଗନ୍ତାୟତ, ପ୍ରୀତିନନ୍ଦା ରାଉତରାୟ, ବନଜା ମହାନ୍ତି, ଜ୍ୟୋତ୍ସ୍ନାମୟୀ ପରିଡା, ସ୍ୱର୍ଣ୍ଣ ସାମଲ, ସଂଯୁକ୍ତା ମହାନ୍ତି, ସୌମ୍ୟରଂଜନ ତ୍ରିପାଠୀ, ଚିନ୍ମୟ ପଣ୍ଡା, ଅମରଜିତ ଗଜେନ୍ଦ୍ର, ଭାଗୀରଥି ମଲ୍ଲିକ, ନୀଳମାଧବ ମହାନ୍ତି, ଶୁଭ୍ରାଂଶୁ ପାଢୀ, ସଂଜୟ ସେଠୀ, ବିକ୍ରମ ରଣଜିତ ପଟ୍ଟନାୟକ, ଏସ୍କେ ନୱାଜ୍, ସଂଜିତ ମହାନ୍ତି ଓ ଅବତାବ ଆଲାମ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ ।

### ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରଛାତ୍ରୀ ଅସୁସ୍ଥ

# ଚିକିତ୍ସିତ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ, ବିଜେଡି ପକ୍ଷରୁ ବିକ୍ଷୋଭ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି । ପିଆରଏମ ହସ୍ପିଟାଲରେ ଚିକିତ୍ସିତ ଗୁରୁତର ଛାତ୍ରୀଙ୍କ ମୃତ୍ୟୁ ହୋଇଛି । ଯାହାକୁ ନେଇ ବିଜେଡି ପକ୍ଷରୁ କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ହସ୍ପିଟାଲ ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ଉକ୍ତ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ୧୪୬ଜଣ ଛାତ୍ରଛାତ୍ରୀଙ୍କ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ସ୍କୁଲରେ ପଖାଳ, ଆଳୁ ଚଟଣି, ଆମ୍ବ ଚଟଣି ଏବଂ ବାସି ଖାଦ୍ୟ ପିଲା ମାନଙ୍କୁ ପ୍ରଦାନ କରାଯିବା ଉକ୍ତ ପରିସ୍ଥିତି ପ୍ରମୁଖ କାରଣ ହୋଇପାରେ । ଅସୁସ୍ଥ ପିଲା ମାନଙ୍କ ଚିକିତ୍ସା ଜାରି ଥିବାବେଳେ ଗୁରୁତର ହେବାରୁ ୬୦ଜଣଙ୍କୁ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।

ଚିକିତ୍ସିତ ଅବସ୍ଥାରେ ରାସଗୋବିନ୍ଦପୁର ଲୁଣଚାଟି ଗ୍ରାମର ଦୁର୍ଗା ବେସ୍ରାଙ୍କ ଝିଅ ରୂପାଲି ବେସ୍ରା(୧୨) । ସେ ଉକ୍ତ ସ୍କୁଲର ପଞ୍ଚମ ଶ୍ରେଣୀ ଅଧ୍ୟୟନରତ ଥିଲେ । ଅବହେଳା ଯୋଗୁଁ କମଳମତି ଶିଶୁର ଜୀବନ ଯାଇଛି । ଏହାସହିତ ମୃତ୍ୟୁ ପରେ ଖବର ନଜଣାଇ ପିଲାଙ୍କ ମୃତଦେହ ଗ୍ରାମକୁ ପଠାଇବା ବ୍ୟବସ୍ଥା କରାଯାଉଥିଲା ।

ତେଣୁକରି ବିଜେଡି ପକ୍ଷରୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପରିବାର ଲୋକଙ୍କୁ ପ୍ରଦାନ ଓ ଜିଲ୍ଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ଡବ୍ଲୁଇଓ, ପ୍ରଧାନ ଶିକ୍ଷକ ଆଦିଙ୍କୁ ନିଲମ୍ବନ ସହ ଗିରଫ କରିବାକୁ ଦାବି କରିଛନ୍ତି । ଛାତ୍ରଛାତ୍ରୀ ମାନେ ବିଷାକ୍ତ ଖାଦ୍ୟ ଖାଉଥିବା ବେଳେ ଉଚ୍ଚ ଅଧିକାରୀ ମାନେ ଦାୟୀ ଅଟନ୍ତି । ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାବେଳେ ରାଷ୍ଟ୍ରପତିଙ୍କ ଜିଲ୍ଲା ଅଟେ । ଏହାସହିତ ମୁଖ୍ୟମନ୍ତ୍ରୀ ମଧ ଜଣେ ଆଦିବାସୀ ଅଟନ୍ତି । କିନ୍ତୁ ଏହାପରେ ମଧ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି ରାଜ୍ୟସରକାରଙ୍କ ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ଶ୍ରୀ ମାର୍ଣ୍ଡି କହିଛନ୍ତି । ଆଦିବାସୀ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାର ନେତା, ମନ୍ତ୍ରୀ ମାନେ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ଏତେ ବ୍ୟସ୍ତ ଯେ ମୃତକ ପରିବାରକୁ ସମବେଦନା ଜଣାଇବାକୁ ମନେ ପଡୁନାହିଁ । ଆଦିବାସୀ ମାନଙ୍କ ବିକାଶ ନାରାଦେଇ ନିର୍ବାଚନ ବୈତରଣୀ ପାର କରିବା ପରେ ଆଦିବାସୀ ମାନଙ୍କ ସମସ୍ୟା ସମାଧାନ ପ୍ରତି ବିଜେପି ସରକାର ତିଳେ ହେଲେ ମନନିବେଶ କରୁନାହାନ୍ତି । ଆନ୍ଦୋଳନ ପ୍ରଦର୍ଶନ ସହ ହସ୍ପିଟାଲ ପରିସରରେ ବିଜେଡି ନେତା ଓ କର୍ମୀ ମାନେ ବିଜେପି ସରକାରଙ୍କ ବିରୁଦ୍ଧରେ ନାରାବାଜି ଦେଇଥିଲେ ।

ଘଟଣାସ୍ଥଳରେ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, କରଞ୍ଜିଆ ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡା ପ୍ରମୁଖ ପହଞ୍ଚି ବୁଝାସୁଝା କରିଥିଲେ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଥିଲା । ଏହାପରେ ବିଜେଡି ନେତୃମଣ୍ଡଳୀ ଆଲୋଚନା କରିଥିଲେ । ଦାବି ଅନୁଯାୟୀ ୭ଲକ୍ଷଟଙ୍କାର କ୍ଷତିପୂରଣ ରାଶି ସହ ମୃତକଙ୍କ ପିତା ଓ ମାତାଙ୍କୁ ଚାକିରୀ ପ୍ରଦାନ କରିବା ପ୍ରତିଶ୍ରୁତି ଦେଇଥିଲେ । ଏହାସହିତ କାକବନ୍ଧ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଚାକିରୀରୁ ନିଲମ୍ବିତ କରିଛନ୍ତି । ଏହାସହିତ ଛାତ୍ରଛାତ୍ରୀ ମାନଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି । ଛାତ୍ରଛାତ୍ରୀ ମାନଙ୍କୁ ବିଷାକ୍ତ ଖାଦ୍ୟ ପ୍ରଦାନ ନେଇ ଅଭିଯୋଗର ତଦନ୍ତ ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ଏକ ଟିମ ଗଠନ କରାଯାଇଛି ।

ଟିମ ରିପୋର୍ଟକ୍ରମେ ଅନ୍ୟମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଉକ୍ତ ସମୟରେ ଜିଲ୍ଲା ସଭାପତି ଶ୍ରୀ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ବିଜେଡି ନଗର ସଭାପତି ପ୍ରଭାତ ମହାନ୍ତି, ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅମର ସେଠି, ଲଲାଟେନ୍ଦୁ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ପ୍ରସାଦ ମାର୍ଣ୍ଡି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ସୁନୀଲ ନାୟକ, ରାଜ୍ୟ ସମ୍ପାଦକ ଆଶୀର୍ବାଦ ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ମାଟି ତଳୁ ମିଳିଲା ୨ କୋଟି ଟଙ୍କାର ୨୦୧୦ କେଜି ଗଞ୍ଜେଇ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ପୋଲିସ ମାଟି ତଳୁ ଗାତ ଖୋଳି ୨୦୧୦ କେଜି ଗଞ୍ଜେଇ ଜବତ କରିଥିବା ସୂଚନା ମିଳିଛି । ଜବତ ଗଞ୍ଜେଇର ମୂଲ୍ୟ ୨ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ପକ୍ଷରୁ ଜଣାପଡିଛି । ଆର.ଉଦୟଗିରି ଏସଡିପିଓ ରାକେଶ କୁମାର ସାହୁ ଜଣାଇଛନ୍ତିଯେ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗଜପତି ଜିଲ୍ଲାର କିରମା ପଞ୍ଚାୟତର ବିମାନପୁର ଗ୍ରାମରେ ଚଢାଉ କରାଯାଇଥିଲା । କିଛି ବ୍ୟକ୍ତିଙ୍କ ଘର ନିକଟରେ ବିପୁଳ ପରିମାଣର ଗଞ୍ଜେଇ ପୋତା ଯାଇଥିବା ସୂଚନା ମିଳିଥିଲା । ଏହି ସମୟରେ ଜଣେ ବ୍ୟକ୍ତିଙ୍କ ଘର ନିକଟରେ ମାଟି ଖୋଳି ଭିତରେ ଗଞ୍ଜେଇ ଲୁଚାଇ ରଖିଥିବା ଜଣା ପଡିଥିଲା । ସେଣୁ ତାଙ୍କ ଘରେ ମାଟି ଖୋଳିବା ପରେ ୬୭ ବସ୍ତାରେ ଗଞ୍ଜେଇ ରଖାଯାଇଥିବା ଦେଖିବାକୁ ପାଇଥିଲେ । ଏ ସମସ୍ତ ଗଞ୍ଜେଇ ବସ୍ତାକୁ ଜବତ କରି ଓଜନ କରାଯିବାରେ ଏଥିରେ ୨୦୧୦ କେଜି ଗଞ୍ଜେଇ ରହିଥିବା ଜଣା ପଡିଥିଲା । ଏହାର ଆନୁମାନିକ ମୂଲ୍ୟ ୨ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛି । ଆର. ଉଦୟଗିରି ଥାନାରେ କେଶ ନଂ - ୫୫ ରେ ମକଦ୍ଦମା ରୁଜୁ କରାଯାଇ ଏନଡିପିଏସ ଆଇନ ଅନୁଯାୟୀ ତଦନ୍ତ ଜାରି ରହିଛି । ଏହି ଚଢାଉ ପୂର୍ବରୁ ଗଞ୍ଜେଇ ମାଫିଆମାନେ ଘର ଛାଡି ଆତ୍ମଗୋପନ କରିଥିବା ଯୋଗୁଁ ଏହି ଘଟଣାରେ କାହାକୁ ଗିରଫ କରାଯାଇ ପାରିନାହିଁ । ଅତିଶୀଘ୍ର ଏଥିରେ ସମ୍ପୃକ୍ତ ମାଫିଆ ମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ପ୍ରଦାନ କରି କହିଛନ୍ତି । ଗଜପତି ଜିଲ୍ଲାରେ ଗଞ୍ଜେଇ ଚୋରା କାରବାରୀଙ୍କୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ଏଭଳି ଚଢାଉ ଜାରି ରହିବ ବୋଲି ସୂଚନା ମିଳିଛି ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଳ ବିତରଣ କେନ୍ଦ୍ର



କଟକ, (ସବ୍ୟୁ) : ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍ପିଟାଲ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜଳ ବିତରଣ କେନ୍ଦ୍ର ଟାଙ୍ଗୀ ବସଷ୍ଟାଣ୍ଡ ଠାରେ ଶୁଭାରମ୍ଭ ହୋଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦଘାଟନ କରିବା ସହ ପଥଚାରୀଙ୍କୁ ବିସ୍କୁଟ ପଣା ବିତରଣ କରିଥିଲେ । ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ସୁବ୍ରତ କୁମାର ରଥ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରାଧ୍ୟାପିକା ଜୟଶ୍ରୀ ନନ୍ଦ, ଫିରୋଜ ସାହୁ, ବଳରାମ ପତି, ସାରଦା ପଣ୍ଡା, ସୁମନ୍ତ ନାୟକ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଏବଂ ବିଭିନ୍ନ ବିଭାଗର ପଦାଧିକାରୀ, ଏମ୍‌ବିବିଏସ୍ ସମେତ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଜଳ ବିତରଣ କାର୍ଯ୍ୟକ୍ରମ ଦୁଇମାସ ଧରି ଚାଲିବବୋଲି ବିଶ୍ୱବିଦ୍ୟାଳୟ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଗଣପର୍ବ ଦଣ୍ଡଯାତ୍ରା ଉଦ୍‌ଯାପିତ, ମେରୁ ପର୍ବ ପାଳିତ

ବୁଗୁଡା, (ସବ୍ୟୁ) : ବୁଗୁଡା ଏବଂ ଏହାର ଆଖପାଖ ଅଞ୍ଚଳରେ ଚାଲିଆସିଥିବା ଗଣପର୍ବ ଦଣ୍ଡଯାତ୍ରା ପବିତ୍ର ମେରୁ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଯାଇଥିଲା ବେଳେ ଉତ୍ସାହର ସହ ମେରୁ ପର୍ବ ପାଳିତ ହୋଇଯାଇଛି । ଚଳିତବର୍ଷ ପ୍ରବଳ ଜନସମାଗମ ସହ ଆନନ୍ଦ ଓ ଉଲ୍ଲାସରେ ବୁଗୁଡ଼ା ସମେତ ତାଳସାକର, ଡାକରାବାଡି, ଚିରିକିପଡା, ମରାଇପଲ୍ଲୀ, ଗୋଲିଆ, ଭାମଶ୍ୟାଳୀ, ପଙ୍କଲବାଡି, ଆଶ୍ରମ କରଡ଼ାବାଡ଼ି, ପୋଟାଲୁଣ୍ଡି, ବକ୍ସିପଲ୍ଲୀ, ବଣପଲ୍ଲୀ, ପାଣିକେଶର, ଭାବସର, ଚିଲିଖମା ଓ କାନନକୁଟୀର ଆଦି ଗ୍ରାମରେ ସଂକ୍ରାନ୍ତି ମେରୁପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପର୍ବ ପାଳନ ଅବସରରେ ଦଣ୍ଡକାଳୀ ମନ୍ଦିର ଗୁଡିକ ନିକଟରେ ଯଥା ରୀତିନୀତି ପ୍ରକାରେ ଧୂଳିଦଣ୍ଡ, ଜଳଦଣ୍ଡ ଓ ଅଗ୍ନିଦଣ୍ଡ ପରେ ଦଣ୍ଡଭୁକ୍ତାମାନେ ଗ୍ରାମ୍ୟ ପରିକ୍ରମା କରିଥିଲେ । ତା'ପରେ ମେରୁ ମଣ୍ଡପଠାରେ ହୋମକୁଣ୍ଡ ପ୍ରଜ୍ୱଳନ କରାଯାଇ ତାହା ଉପରେ ପାଟ ଦଣ୍ଡୁଆଙ୍କୁ ଝୁଲାଇ ଝୁଣାମାଡ କରାଯାଇଥିଲା । ଏହି ଦୃଶ୍ୟ ଦେଖିବା ସହ ଶ୍ରଦ୍ଧାଳୁଗଣ ଭକ୍ତିପୂର୍ଣ୍ଣ ଭାବେ ରୁଦ୍ର ଏବଂ କାଳୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏ ଅବସରରେ ବୁଗୁଡା ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପଣା ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଥିଲା ।

## ପବିତ୍ର ହନୁମାନ ଜୟନ୍ତୀ ଓ ପଣା ବଣ୍ଟନ

ବ୍ରହ୍ମପୁର, (ସବ୍ୟୁ): ପବିତ୍ର ଶ୍ରୀ ହନୁମାନ ଜୟନ୍ତୀ ଅବସରରେ ମଙ୍ଗଳବାର ସ୍ଥାନୀୟ ବାବାଜୀ ତୋଟା ସାହି ମୁଖ୍ୟରାସ୍ତାରେ ଥିବା ଶ୍ରୀ ଆଞ୍ଜନେୟ ସ୍ୱାମୀ ହନୁମାନ ମନ୍ଦିର ଏବଂ ହିଲ-ପାଟଣାସ୍ଥିତ ସିଦ୍ଧ ହନୁମାନ ମନ୍ଦିରରେ ବହୁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା । ଏଠାରେ ଭକ୍ତମାନେ ପ୍ରଭୁ ହନୁମାନଙ୍କ ଦର୍ଶନ କରିବା ସହ ଦୀପ ଦାନ କରିଥିବା ବେଳେ ୧୦୮ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମରେ ଶହ ଶହ ଭକ୍ତମାନେ ସାମିଲ ହୋଇଥିଲେ । ସେହିପରି ପଣା ସଂକ୍ରାନ୍ତି ଯୋଗୁଁ ଏଠାରେ ଭକ୍ତମାନଙ୍କୁ ନବାତପଣା ବଣ୍ଟନ କରାଯାଇଥିଲା । ଭକ୍ତମାନଙ୍କ ଭିଡ଼ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମହାନଗର ନିଗମରେ ଥିବା ଅନ୍ୟାନ୍ୟ ହନୁମାନ ମନ୍ଦିରଗୁଡ଼ିକରେ ମଧ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି । ବାବାଜୀ ତୋଟା ସାହିସ୍ଥିତ ଆଞ୍ଜେନେୟ ସ୍ୱାମୀ ହନୁମାନ ମନ୍ଦିରର ମୁଖ୍ୟ ପରିଚାଳକ ଈଶ୍ୱର ମହାନ୍ତିଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଅନୁଷ୍ଠିତ ହୋଇଥିବା ଶ୍ରୀ ହନୁମାନଙ୍କ ଜୟନ୍ତୀ ପୂଜା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ନାରୀ ନେତ୍ରୀ ଏନ୍. ସୁଜାତା, ସ୍ଥାନୀୟ କର୍ପୋରେଟର ପ୍ରଦୀପ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ହନୁମାନଙ୍କ ନିକଟରେ ଦୀପ ଦାନ କରିବା ସହ ପୂଜାର୍ଚ୍ଚନା କରୁଥିବା ପରିଲକ୍ଷିତ ହୋଇଥିଲା ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆମ୍ବେଦକର ଜୟନ୍ତୀରେ ଆଲୋଚନାଚକ୍ର



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଡ. ବି. ଆର ବାବାସାହେବ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳନ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ରାଜନିତୀ ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗ ପକ୍ଷରୁ ସମସାମୟିକ ଭାରତରେ ଆମ୍ବେଦକରଙ୍କ ସାମାଜିକ ନ୍ୟାୟର ଦୃଷ୍ଟିକୋଣକୁ ପୁନଃପରୀକ୍ଷଣ କରିବା ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନିତୀ ବିଜ୍ଞାନର ପୂର୍ବତନ ପ୍ରଫେସର ଅମିୟ କୁମାର ପରିଛା ଯୋଗଦେଇ ଶୀର୍ଷକ ଉପରେ ବକ୍ତବ୍ୟ ରଖିବା ସହ ତାତ୍ତ୍ୱିକ ବିଶ୍ଳେଷଣ ସହ ନିଜ ସୁଚିନ୍ତା ପ୍ରକାଶ କରିଥିଲେ । ରାଜନିତୀ ବିଭାଗ ମୁଖ୍ୟ ଡ. ଶାରାଦା ପ୍ରସନ୍ନ ରାଉତ, ଇତିହାସ ବିଭାଗ ମୁଖ୍ୟ ସଦାନନ୍ଦ ନାୟକ, ଲୋକ ପ୍ରଶାସନ ବିଭାଗ ସଂଯୋଜକ ସଂଜୟ ମେହେର, ଆଇନ ବିଭାଗର ଡ. ଲୁପ୍ତରନି ପାତ୍ର, ଡ. ରାଜେଶ ସେଟ୍, ଡ. ଭାଗ୍ୟଶ୍ରୀ ରଥ, ଡ. ଦିଲ୍ଲୀପ କୁମାର ମାଝୀଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଛାତ୍ର ବାଲ୍ମୀକି ସେଠୀ, ରମେଶ ହାଙ୍ଗା, ଲିପା ବିଶ୍ୱଳ, ଆଶୁତୋଷ ପୋଲେଇ, ଅବିନାଶ ସାହୁ ଓ ଇଜ୍ଜୁ ଆମିନ ଖାନ, ଛାତ୍ର, ଛାତ୍ରୀ ଯୋଗଦେଇ ନିଜ ନିଜ ମତ ରଖିଥିଲେ ।

## ଅଗ୍ନିଶମ ବାହିନୀ ପକ୍ଷରୁ ୮୨ତମ ସେବା ସପ୍ତାହ ଓ ଶହୀଦ ଦିବସ

ବ୍ରହ୍ମପୁର, (ସବ୍ୟୁ): ଦକ୍ଷିଣାଞ୍ଚଳ ରେଞ୍ଜ ଅଗ୍ନିଶମ ବାହିନୀ ପକ୍ଷରୁ ୮୨ତମ ସେବା ସପ୍ତାହ ଆରମ୍ଭ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ଭୋରୁ ଅଗ୍ନିଶମ କର୍ମଚାରୀମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଏହା ସହିତ ଲିଫଲେଟ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ । ଏହାପରେ ଗୋପାଳପୁର ଜଙ୍କସନରେ ଥିବା ଅଗ୍ନିଶମ ରେଞ୍ଜ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରେଞ୍ଜ ଫାୟାର ଅଫିସର ବିଚିତ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସହିଦ ସ୍ତୁପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ରେଞ୍ଜ ଉପ ଅଗ୍ନିଶମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ଯୋଗ ଦେଇଥିଲେ ।

୧୪ ଏପ୍ରିଲ ୧୯୪୪ରେ ବମ୍ବେ ଡକିୟାର୍ଡରେ ହୋଇଥିବା ଅଗ୍ନିକାଣ୍ଡରେ ଭିକେଫୋରିଆ ଜାହାଜରେ ଯାଉଥିବା ୨ଶହ ଜଣ ନାବିକ ଓ ୬୫ ଜଣ ଅଗ୍ନିଶମ ଅଧିକାରୀଙ୍କ ମୃତ୍ୟୁ ହୋଇଥିଲା । ତାଙ୍କ ସ୍ମୃତିରେ ସହିଦ ଦିବସ ପାଳିବା ସହ ସେବା ସପ୍ତାହ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସୁରକ୍ଷିତ ସ୍କୁଲ ଓ ଡାକ୍ତରଖାନା ସାଙ୍ଗକୁ ସଭିଏଁ ମିଳିମିଶି ଆମ ସମାଜକୁ ଅଗ୍ନି ନିରାପତ୍ତା ପ୍ରଦାନ କରିବା ସେ ନେଇ ବାର୍ତ୍ତା ପହଞ୍ଚାଇବାକୁ ବୋଲି ମୁଖ୍ୟ ଅତିଥି କହିଥିଲେ ।

ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ, ଠାକୁର ପ୍ରସାଦ ଦଳାଇ, ଶିଶିର କାନ୍ତ ସିଂ, ଏସ୍ୱ ଲୁକେଶ ମିଞ୍ଜ, ଜଗଦୀଶ ଖୋରା, ଡି. କିଶାନ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଅଗ୍ନିଶମର କେନ୍ଦ୍ର ପରିଚାଳକ ଏଥିରେ ସହଯୋଗ କରିଥିଲେ ।

## ସରିଲା ଅନ୍ତରବାଟିଆ ମା' ରୁଦ୍ରକାଳୀଙ୍କ ୧୩ ଦିନ ଦଣ୍ଡଯାତ୍ରା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟସ୍ଥ ଅନ୍ତରବାଟିଆ ଗ୍ରାମର ମା' ଦକ୍ଷିଣେଶ୍ୱରୀ ରୁଦ୍ର ଦଣ୍ଡ କାଳୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ମେରୁ ଯାତ୍ରା ଉଦଯାପିତ ହୋଇଛି । ମା' କାଳୀଙ୍କ ପୂଜା ଅର୍ଚ୍ଚନା ପରେ ରୁଦ୍ର ଓ କାଳୀ ନିଜ ମନ୍ଦିରକୁ ଫେରିଛନ୍ତି । ବୁଧବାର ମାନସିକ ଧାରୀ ଭୁକ୍ତା ମାନେ ନିଜ ନିଜର ଘରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି କୁହାଯାଇଛି । ପ୍ରକାଶ ଥାଉକି ଗତ ଦୁଇ ତାରିଖରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା । ମା'ରୁଦ୍ରକାଳୀ ଓ ସଂକେଲଶ୍ୱର ମହାଦେବଙ୍କ ସେବା ନିମନ୍ତେ ୧୩ ଭୁକୁତା, ମାନସିକ ଧାରୀ ଓ ଦଣ୍ଡୁଆ ଭକ୍ତଙ୍କ ସହ ମନ୍ଦିରରୁ ବାହାରି ବିଭିନ୍ନ ଅଞ୍ଚଳର ମାନସିକ ଧାରୀ ଭକ୍ତଙ୍କ ନିକଟକୁ ଯାତ୍ରା କରି ଶେଷ ଦିନରେ ନିଜ ମନ୍ଦିରରେ ପୂଜା ପାଇଛନ୍ତି । ରୀତିନୀତି ମୁତାବକ ଠାକୁରଙ୍କ ଦୈନନ୍ଦିନୀ ପୂଜାବିଧି ହୋଇଥିଲା । ମଧ୍ୟାହ୍ନରେ ଧୂଳିଦଣ୍ଡ ଅନୁଷ୍ଠିତ ହୋଇଥିଲା । ଅପରାହ୍ଣରେ ପାଣିଦଣ୍ଡ ସରିବା ପରେ ମେରୁ ମଣ୍ଡପକୁ ଠାକୁର ବିଜେ କରିଥଲେ । ସେଠାରେ ହୋମ ଅନୁଷ୍ଠିତ ହେବା ସହିତ ପାଟଭୁକ୍ତାଙ୍କୁ ପଞ୍ଚାମୃତ ସ୍ନାନ ସହ ୧୩ ମାଠିଆ ପାଣିରେ ସ୍ନାନ କରାଯାଇଥିଲା । ପ୍ରଥା ଓ ପରମ୍ପରା ଅନୁସାରେ ନାକରୁ ତିନି ଟୋପା ରକ୍ତ ଅଗ୍ନି କୁଣ୍ଡରେ ପଡିବା ପର୍ଯ୍ୟନ୍ତ ତାଙ୍କୁ ଅଗ୍ନି କୁଣ୍ଡ ଉପରେ ରହିଥିବା ମେରୁ ଖୁଣ୍ଟରେ ଓଲଟା ଝୁଲା ଯାଇଥିଲା । ପାଟଭୁକ୍ତା ପ୍ରଶାନ୍ତ କୁମାର ଦାସଙ୍କୁ ଝଜାଙ୍ଗ ପତ୍ର, ଦହି, କଦଳୀ ବଟାକୁ ଲେପନ ଦେଇ ମେରୁ ଖୁଣ୍ଟକୁ ଆଣି ସେଠାରେ ଝୁଲାଇ ଥିଲେ । ହୋମ କୁଣ୍ଡରେ ଝୁଣା ଓ ଘିଅ ଆହୁତି ପ୍ରଦାନ ହୋଇଥିଲା । ପରେ ମେରୁ ଖୁଣ୍ଟରେ ବନ୍ଧା ଯାଇଥିବା ଖଜୁରୀ, ଆମ୍ବକୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶରେ ଫିଙ୍ଗା ଯାଇଥିଲା । ଦିନସାରା ପ୍ରବଳ ଖରା ହୋଇଥିବା ବେଳେ ଅପରାହ୍ଣରେ ମେଘୁଆ ହୋଇଥିବାରୁ ଯାତ୍ରା ଦେଖିବା ପାଇଁ ମେରୁ ମଣ୍ଡପ ନିକଟରେ ପ୍ରବଳ ଭିଡ ଦେଖା ଦେଇଥିଲା । ଏଥିରେ ପୂଜକ ଭାବେ ବନୋଜ କୁମାର ଶତପଥୀ, କର୍ତ୍ତା ଭାବେ ଭିକାରୀ ଚରଣ ଦାସ ଏବଂ ସୁଶାନ୍ତ କୁମାର ଦାସ ପୂଜାର୍ଚ୍ଚନା କରିଥିଲେ । ପରେ ସେଠାରେ ମେରୁ ଝୁଲଣ ଅନୁଷ୍ଠିତ ହୋଇଥିଲା । ପାଟ ଭୁକ୍ତାଙ୍କୁ ମନ୍ଦିରକୁ ନିଆଯାଇଥିଲା । ସେଠାରେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ ହୋଇ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ମନ୍ଦିର କମିଟି ପକ୍ଷରୁ ବିପ୍ର ଦାସ, ରାମହରି ଦାସ, ସମୀର ଦାସ, ପ୍ରଦୀପ ଦାସ, ନଟବର ଦାସ, ବାବୁଲା ଦାସ, ଗୋବିନ୍ଦ ଦାସ, ରାହୁଲ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ଶକ୍ତିମାନ ଜିମ୍ନାସିୟମର ୩୫ତମ ବାର୍ଷିକ ଉତ୍ସବ

# ହନୁମାନ ଜୟନ୍ତୀ ଉପଲକ୍ଷେ କ୍ରୀଡା ପ୍ରଦର୍ଶନ




ବାରିପଦା, (ସବ୍ୟୁ) : ଶକ୍ତିମାନ ଜିମ୍ନାସିୟମ ତରଫରୁ ଜିମ୍ନାସିୟମର ପ୍ରତିଷ୍ଠାତା ପରେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ କ୍ରୀଡା ପ୍ରଦର୍ଶନ ଏବଂ ସାଂସ୍କୃତିକ ବିରାଟ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଶକ୍ତିମାନ ଜିମ୍ନାସିୟମକୁ ଭଲ ପାଉଥିବା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଯୁବକ ଯୁବତୀ ଯୋଗ ଦେଇଥିଲେ । ଏହି ବିଶାଳ ଶୋଭାଯାତ୍ରା ମଧୁବନ ପଡ଼ିଆରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଜଗଧାତ୍ରୀ ପଡିଆରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାକୁ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ପୂର୍ବତନ ବିଧାୟକ ରାଜ କିଶୋର ଦାସ, ସମାଜସେବୀ ଗିରୀଶ ଚନ୍ଦ୍ର ଦାସ , ଶିଳ୍ପପତି ମୁରାରୀ ଶର୍ମା ଏବଂ ବିଶିଷ୍ଟ ଠିକାଦାର ଅରୁଣ ସରକାର ପ୍ରମୁଖ ପତାକା ହଲେଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଏହି ବିଶାଳ ପଦଯାତ୍ରାରେ ଶକ୍ତିମାନ ଜିମ୍ନାସିୟମରେ ପ୍ରଶିକ୍ଷଣ ପାଉଥିବା ବିଭିନ୍ନ କ୍ରୀଡା ଯଥା ପୁରୁଷ ଶକ୍ତି ଉତ୍ତୋଳନ, ମହିଳା ଶକ୍ତିଉତ୍ତୋଳନ, ପୁରୁଷ ଭାରଉତ୍ତୋଳନ, ମହିଳା ଭାରଉତ୍ତୋଳନ, ପୁରୁଷ ବକ୍ସିଂଗ, ମହିଳା ବକ୍ସିଂଗ, ପୁରୁଷ କରାଟେ, ମହିଳା କରାଟେ, ପୁରୁଷ ତାଇକୁଣ୍ଡୁ, ମହିଳା ତାଇକୁଣ୍ଡୁ ଏବଂ ପୁରୁଷ ବଡିବିଲଡିଙ୍ଗର କଳା କୌଶଳ ଜିମ୍ନାସିୟମର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କ୍ରୀଡା ପ୍ରଦର୍ଶନ କରି ଶକ୍ତିମାନ ଜିମର କୌଶଳ ସବୁ ଦର୍ଶକ ମାନଙ୍କୁ ଆକର୍ଷିତ କରିଥିଲା ।

ସର୍ବଶେଷରେ ଏହି ବିରାଟ ପଦଯାତ୍ରାକୁ ଉଦ୍‌ଯାପନ କରିଥିଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏହି ପଦଯାତ୍ରାର ମୁଖ୍ୟ ଆକର୍ଷଣ ଥିଲେ ଶକ୍ତିମାନ ଜିମ୍ନାସିୟମର ଆନ୍ତର୍ଜାତୀୟ ଖେଳାଳୀ ମନ୍ଦାକିନୀ ମହାନ୍ତ ଏବଂ ସ୍ନେହା ସୋରେନ ଓ ଜାତୀୟ ଖେଳାଳୀ ସମରେନ୍ଦ୍ର ମହାନ୍ତ, ଅଭିଷେକ ମହାନ୍ତ, ସୁଷମା ରାୟ, ମିନା ସିଂ, ରଞ୍ଜନ ହାଁସଦାଃ, ଅଲିଶା ବେହେରା, ଦୁଃଖୀରାମ ମାରାଣ୍ଡି, ସ୍ୱର୍ଣ୍ଣପ୍ରଭା ଟୁଡୁ, ହରିଶଙ୍କର ମହାନ୍ତ ଏବଂ ରାଜ୍ୟସ୍ତରୀୟ ଖେଳାଳୀ ଶୁଭଶ୍ରୀ ମହାନ୍ତ, ଦେବସ୍ମିତା ସିଂ, ତନୁଶ୍ରୀ ସିଂ,ହୀରାମଣି ମହାନ୍ତ, ଆକାଶ ମହାନ୍ତ, ଚନ୍ଦନ ମହାନ୍ତ, ଗଗନ କୁମାର ମହାନ୍ତ ଏବଂ ଆଶିଷ ମାରାଣ୍ଡି ।

ଏହି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ ତରୁଣ ମହାନ୍ତି, ବିପ୍ଳବ ଭୁଗୁଡେଇ, ପ୍ରିୟବ୍ରତ ଦାସ, ଅମିତାବ ସାହୁ, ଦିଲ୍ଲୀପ ଦାସ, ସୌମ୍ୟରଞ୍ଜନ ମିଶ୍ର, ସୁରଜ ଲୋହାର, ମାନସ ବେହେରା, ସଂଗ୍ରାମ କେଶରୀ ଦେବ, ସୁକୁଳ ମୁର୍ମୁ, କାଳୀଚରଣ ନାଏକ, ଦନାର୍ଦ୍ଦନ ମହାନ୍ତ, ହିମାଂଶୁ ଶେଖର ମହାନ୍ତ, ରତିକାନ୍ତ ମହାନ୍ତ, ହରିନାରାୟଣ ମହାନ୍ତ, ଦୀପକ ମଲ୍ଲିକ, କୁମାର ମଙ୍ଗଳମ, ଚୈତନ୍ୟ କୁମାର ମହାନ୍ତ, ଜିତେନ୍ଦ୍ର ବେହେରା, ଲୋହିତ ଦାସ, ରସିକାନନ୍ଦ ମିଶ୍ର, ପାୟଲ ରାୟ, ସୃଷ୍ଟି ଓଡା ଶରତ ମହାନ୍ତ, ଦୀପକ ପାତ୍ର, ଅମୂଲ୍ୟ ଦାସ, ଡା. ଲକ୍ଷ୍ମୀକାନ୍ତ ପତି, ଅଜୟ ଜେନା, ରାଧା ମହାନ୍ତ, ତଫାନ ମହାନ୍ତ ଏବଂ ଶକ୍ତିମାନ ଜିମକୁ ଭଲ ପାଉଥିବା ମୟୂରଭଞ୍ଜର ହଜାର ହଜାର କ୍ରୀଡାପ୍ରେମୀ । ଏହି ଶୋଭା ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସୁନ୍ଦର ସ୍ୱାସ୍ଥ୍ୟ ଗଠନ, ଅନୁଶାସନ ଏବଂ ଛାତ୍ର ଛାତ୍ରୀ ମାନଙ୍କର ସରକାରୀ ନିଯୁକ୍ତିରେ କ୍ୟାରିଅର ଗଠନ । ପ୍ରକାଶ ଥାଉକି, ନଙ୍ଗଳକଟା ଠାରେ ଥିବା ଶକ୍ତିମାନ ଜିମ୍ନାସିୟମରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି ।

## ଚୈତ୍ର ପର୍ବ-୨୦୨୬ : ଦକ୍ଷିଣସାହି ରାଧାକୃଷ୍ଣ ହୋଲି ପ୍ରଥମ ସ୍ଥାନ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଐତିହ୍ୟ ଚୈତ୍ର ପର୍ବ ୨୦୨୬ ଉଦ୍‌ଯାପିତ ହୋଇଛି । ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ସଂଧ୍ୟାରେ ଗ୍ରାମୀଣ ଛଉନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ ସହରାଞ୍ଚଳ ଛଉନୃତ୍ୟ ପ୍ରତିଯୋଗିତାରେ ବାରିପଦା ଅଞ୍ଚଳର ଐତିହାସିକ ଦୁଇ ଦଳ ଉତ୍ତର ସାହି ଓ ଦକ୍ଷିଣ ସାହି ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ସେହିପରି ତୃତୀୟ ସଂନ୍ଧ୍ୟାରେ ମଧ ଉତ୍ତର ସାହି ଓ ଦକ୍ଷିଣ ସାହି ନିଜ ନିଜର ଛଉ ନୃତ୍ୟର ଉତ୍କର୍ଷତା ପ୍ରଦର୍ଶନ କରିଥିଲେ । ଅନୁଷ୍ଠିତ ଉକ୍ତ ଛଉ ନୃତ୍ୟ ପ୍ରତିଯୋଗିତାରେ ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତାରେ ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ ରାଇରଙ୍ଗପୁର ପ୍ରଥମ ସ୍ଥାନ ଅଧିକାର କରିଛି ।

ବଡଜାମବଣୀ ଛଉ ନୃତ୍ୟ ପ୍ରତିଷ୍ଠାନ, ଦାନ୍ତିଆମୁହାଁ, ବାମନୀପାହାଡ଼ ଛଉନୃତ୍ୟ ପ୍ରତିଷ୍ଠାନ, ଅାଁଳାଯୋଡି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଦେବ ଗୁଣିଆ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ମନପ୍ରୀତ ମହାନ୍ତ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ବିବେଚିତ ହୋଇଛନ୍ତି । ସେହିପରି ସହରାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପ୍ରଥମ ସ୍ଥାନ ଓ ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଚନ୍ଦ୍ର ଶେଖର ଦାସ (ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ଭାଗ୍ୟଶ୍ରୀ ରାଉତ୍ (ଦକ୍ଷିଣ ସାହି ରାଧାକୃଷ୍ଣ ହୋଲି) ବିବେଚିତ ହୋଇଛନ୍ତି ।

ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସୁଶ୍ରୀ ସଞ୍ଜଲୀ ମୁର୍ମୁ, ରାଜସ୍ୱ ପାରିଷଦ ସତ୍ୟବ୍ରତ ସାହୁ, ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚୈତ୍ର ପର୍ବ ସ୍ମରଣିକା-୨୦୨୬ ଉନ୍ମୋଚିତ ହୋଇଥିଲା ।

ସଭାରେ ମୁଖ୍ୟଅତିଥି ଡଃ ମହାପାତ୍ର ଛଉନୃତ୍ୟ ବିଶ୍ୱ ଦରବାରରେ ମୟୂରଭଞ୍ଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହା ମୟୂରଭଞ୍ଜର ଅସ୍ମିତାର ପ୍ରତୀକ ଓ ଏହାକୁ ବିଶ୍ୱସ୍ତରରେ ପ୍ରଚାର ପାଇଁ ଯୁବପିଢ଼ିଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି । ସେହିପରି ସମ୍ମାନିତ ଅତିଥି ସୁଶ୍ରୀ ମୁର୍ମୁ ଚୈତ୍ର ପର୍ବକୁ ମୟୂରଭଞ୍ଜର ଗର୍ବ ଓ ପରମ୍ପରାର ଜୀବନ୍ତ ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛଉ ନୃତ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ ଦଳ ଓ କଳାକାର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ଚୈତ୍ର ପର୍ବରେ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା । ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ନୃତ୍ୟ ଉପଭୋଗ କରୁଥିଲେ ।

# ଭାରସାମ୍ୟ ହରାଇ ଟ୍ରକ ଦୁର୍ଘଟଣା, ଉପୁଡିଲା ଆଲୋକୀକରଣ ଖୁଣ୍ଟ

ପାଣିକୋଇଲ, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଥାନାର ଅନତୀ ଦୂରରେ ମଙ୍ଗଳବାର ଭୋର ସମୟରେ ଏକ ଲୁହାପଥର ବୋଝେଇ ହାଇୱା ଭାରସାମ୍ୟ ହରାଇ ରାସ୍ତା କଡ ଡିଭାଇଡର ସହ ଆଲୋକୀକରଣ ଖୁଂଟରେ ପିଟି ହେବା ଏକ ସିମେଂଟ ବୋଝେଇ ଟ୍ରକ ପଛରେ ପିଟି ହୋଇଛି । ଫଳରେ ଦୁଇଟି ଆଲୋକୀକରଣ ଖୁଂଟ ଭାଂଗି ଉପୁଡି ପଡିଛି । ପ୍ରକାଶଯେ ଓଭରବ୍ରିଜ ସଂଯୋଗୀକରଣ ରାସ୍ତାରେ ଲୁହାପଥର ବୋଝେଇ କରି ଯାଉଥିବା ଏକ ହାଇୱା (ଓଡି୨୨ଏଏ ୭୯୭୯) ଭଦ୍ରକ ପଟକୁ ଯାଉଥିବା ବେଳେ ନିଦ ଲାଗିଯିବାରୁ ଚାଳକ ଭାରସମ୍ୟ ହରାଇ ଜାତୀୟ ରାଜପଥ ସଂଯୋଗୀକରଣ ରାସ୍ତାର ଡିଭାଇଡରରେ ପିଟି ହେବା ସହ ଲାଗିଥିବା ୨ଟି ଆଲୋକୀକରଣ ଖୁଂଟକୁ ଧକ୍କା ଦେଇ ଆଗରେ ଥିବା ଏକ ସିମେଂଟ ବୋଝେଇ ଟ୍ରକ (ଓଡି୧୭ କେ ୮୧୭୫) ପଛରେ ପିଟି ହୋଇଥିଲା । ଯାହା ଫଳରେ ଦୁଇଟି ଯାକ ଗାଡି କ୍ଷତିଗ୍ରସ୍ଥ ହେବା ସହ ଆଇରନ ଗାଡିର ଚାଳକ ସମାନ୍ୟ ଆହତ ହୋଇଥିଲା । ଘଟଣାସ୍ଥଳେ ପୁଲିସ ପହଂଚି ଦୁର୍ଘଟଣା ଗ୍ରସ୍ଥ ଟ୍ରକ ଦୁଇଟିକୁ ଜବତ କରିଛି ।

# ଟାଟା ଷ୍ଟିଲ୍, ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ



ବ୍ୟାସନଗର,(ଜିପ୍ର): ଅଗ୍ନିଶମ କର୍ମଚାରୀଙ୍କ ତ୍ୟାଗ ଏବଂ ସେବାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟ ରେ ମଙ୍ଗଳବାର ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପରିସରରେ 'ଜାତୀୟ ଅଗ୍ନିଶମ ସେବା ସପ୍ତାହ'ର ଶୁଭାରମ୍ଭ କରାଯାଇଛି। ସେବା ବେଳେ ସର୍ବୋଚ୍ଚ ବଳିଦାନ ଦେଇଥିବା ଶହୀଦ ଅଗ୍ନିଶମ ବାହିନୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଟାଟା ଷ୍ଟିଲ୍ କଳିଙ୍ଗନଗର ପରିସରରେ ଥିବା ସ୍ରୋଲ୍ ଫାୟାର୍ ଷ୍ଟେସନଠାରେ ଆୟୋଜିତ ଉଦ୍ଘାଟନୀ ସମାରୋହରେ ଟିଏସକେର ଅପରେସନ୍ସ ଭାଇସ୍ ପ୍ରେସିଡେଣ୍ଟ ଉଲମ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସହିଦମାନଙ୍କୁ ସ୍ମରଣ କରିଥିଲେ। କଳିଙ୍ଗନଗର ଅଗ୍ନିଶମ ଓ ସୁରକ୍ଷା ବିଭାଗ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଏକ 'ଅଗ୍ନି ସୁରକ୍ଷା ସଚେତନତା ରଥ'ର ଶୁଭାରମ୍ଭ କରାଯାଇଥିଲା।

ସେହିପରି ନୀଳାଚଳ ଇସ୍ପାତ ନିଗମଠାରେ ଆୟୋଜିତ ଉତ୍ସବରେ ସପ୍ଲାଇ ଚେନ୍ ମୁଖ୍ୟ ସୁଶାନ୍ତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ସ୍ଥାନରେ ଆୟୋଜିତ ଏହି ସମାରୋହରେ ଉପସ୍ଥିତ ସମସ୍ତ କର୍ମଚାରୀ ଓ ଅଧିକାରୀମାନେ ଅଗ୍ନି ସୁରକ୍ଷା ସମ୍ପର୍କିତ ଶପଥ ପାଠ କରିଥିଲେ। ଏହା ପରେ ଅଗ୍ନିଶମ ଏବଂ ଉଦ୍ଧାର କାର୍ଯ୍ୟ ରେ ନିୟୋଜିତ କର୍ମଚାରୀମାନଙ୍କ ଦ୍ୱାରା ଅଗ୍ନିଶମ ଏବଂ ଉଦ୍ଧାର କାର୍ଯ୍ୟ ର ମକ୍ ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଏହି ଅଗ୍ନିଶମ ସପ୍ତାହ ପାଳନ ଅବସରରେ ଟିଏସକେ ଏବଂ ଏନଆଇଏନଏଲ ପକ୍ଷରୁ କର୍ମଚାରୀ, ଟାଉନସିପ୍ ବାସିନ୍ଦା, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପାଇଁ କୁଇଜ୍, ସଚେତନତା ଶିବିର ଏବଂ ସୂଚନାପତ୍ର ବନ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି। ଏହାବ୍ୟ ତୀତ, ଟାଟା ଷ୍ଟିଲ୍ କଳିଙ୍ଗନଗର କାରଖାନା ପରିସରରେ ଏକ ଅଗ୍ନିଶମ ପ୍ରଦର୍ଶନୀର ମଧ ଆୟୋଜନ କରାଯିବ, ଯେଉଁଥିରେ ଅଗ୍ନିଶମ ଏବଂ ଉଦ୍ଧାର ଅଭିଯାନରେ ବ୍ୟ ବହୃତ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଯନ୍ତ୍ରପାତି ପ୍ରଦର୍ଶିତ ହେବ। ପ୍ରତିବର୍ଷ ଏପ୍ରିଲ ୧୪ ତାରିଖକୁ ଜାତୀୟ ଅଗ୍ନିଶମ ସେବା ଦିବସ ଭାବେ ପାଳନ କରାଯାଏ। ୧୯୪୪ ମସିହାରେ ମୁମ୍ବାଇ ବନ୍ଦରରେ 'ଏସଏସ ଫୋର୍ଟ ଷ୍ଟିକିନ୍' ଜାହାଜରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଓ ବିସ୍ଫୋରଣ ସମୟରେ ଅଦମ୍ୟ ସାହସ ଦେଖାଇ ଶହୀଦ ହୋଇଥିବା ଅଗ୍ନିଶମ କର୍ମଚାରୀଙ୍କ ସ୍ମୃତିରେ ଏହି ଦିବସ ସମର୍ପିତ। ଏହି ଦିବସ ସମସ୍ତଙ୍କୁ ଅଗ୍ନିଶମ ବାହିନୀଙ୍କ ନିରନ୍ତର ତ୍ୟାଗ ଏବଂ କର୍ତ୍ତବ୍ୟ ପ୍ରତି ସମର୍ପଣ ଭାବକୁ ମନେ ପକାଇ ଦେଇଥାଏ।

# ଏସଏନ କଲେଜରେ ଓଡ଼ିଆ ନବବର୍ଷ ପାଳିତ

ରାଜକନିକା, (ସବ୍ୟୁ) : ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଅବସରରେ ଓଡ଼ିଆ ନବ ବର୍ଷ ଶାସ୍ତ୍ରୀୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛ । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତା ଓ ଓଡ଼ିଆ ବିଭାଗ ମୁଖ୍ୟ ଡ଼. ପ୍ରକାଶ ସାମଲଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଡ଼.ଫକୀର ଚନ୍ଦ୍ର ପ୍ରଧାନ,ଶୈକ୍ଷିକ ଅଧିକାରୀ ଡ଼. ଅଜୟ କୁମାର କୁଣ୍ଡ, ଇତିହାସ ବିଭାଗ ମୁଖ୍ୟ ଡ଼. ପ୍ରଦୀପ ଦାସ, ଡ଼. କିର୍ତ୍ତୀ କଳ୍ପିତା ସିଂହ, ଡ଼.ଚିତ୍ରା କାନ୍ତି ସେଠୀ, ମୁଖ୍ୟ କିରାଣୀ ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ ଯୋଗଦେଇ ସମସ୍ତେ ମାତୃଭାଷା ଓ ମାତୃ ଭୂମିକୁ ସମ୍ମାନ ଦେବା ସହିତ ଓଡ଼ିଆ ଭାଷା ସମ୍ପର୍କରେ ଜାଣିବା ଦରକାର ବୋଲି ଉପସ୍ଥିତ ଛାତ୍ରଛାତ୍ରୀ ଙ୍କୁ ଅବଗତ କରାଇଥିଲେ । ଅନ୍ୟ ଅଧ୍ୟାପକ ,ଅଧ୍ୟାପିକା ,କର୍ମଚାରୀ ମାନଙ୍କ ମଧ୍ୟରେ ଆକାଉଟାଣ୍ଟ ଜୟନ୍ତ ମଥାନ, ଅନିଲ ନାହାକ, ସୟଦ ଟିକି, ମନୋରଞ୍ଜନ ମଲ୍ଲିକ,ପିନାଲି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ପାଟୁଆ ନାଚରେ ପ୍ରକମ୍ପିତ ମା ରାମଚଣ୍ଡୀଙ୍କ ଝାମୁଯାତ୍ରା

ମହାକାଳପଡ଼ା ,(ସବ୍ୟୁ) : ମହାକାଳପଡ଼ା ବ୍ଲକ ଅଞ୍ଚଳ ର ପ୍ରସିଦ୍ଧ ଶକ୍ତି ପୀଠ ଦରିଆପାରୀ ମା ରାମଚଣ୍ଡୀ ଙ୍କ ପୀଠରେ ଚିରାଚରିତ ଭାବେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପଣା ସଂକ୍ରାନ୍ତି ଅବସର ରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ସହିତ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି ।ଜମ୍ବୁ ସାମୁଦ୍ରିକ ଥାନା ଅଧିକାରିଣୀ ଅନିତା ସ୍ୱାଇ ଓ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ସ୍ଥାନୀୟ ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ସାହୁ ଟ୍ୟାଙ୍କ ର ଯୋଗେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଜଳ ଯୋଗାଣ ବ୍ୟବସ୍ଥା କରାଇଛନ୍ତି । ସେହିପରି ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ପ୍ରାଥମିକ ଚିକିତ୍ସା, ରାମନଗର ପଞ୍ଚାୟତ ର ସରପଞ୍ଚ ମିଳନ କୁମାର ଦେବନାଥ ଓ ପିଇଓ ବିଜୟ କୁମାର ସେଠି ଶ୍ରଦ୍ଧାଳୁଙ୍କ ହିତାର୍ଥେ ଜଳଛତ୍ର ର ଆୟୋଜନ କରିଛନ୍ତି ।ବିଭିନ୍ନ ମନସ୍କାମନା ନେଇ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକ ର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଭିତରେ ମା ଙ୍କ ଝାମୁଯାତ୍ରା ଅବସରରେ ବିମାନ ଯୋଗେ ମନ୍ଦିର ବେଢା ପରିକ୍ରମା କାଳରେ ମା ଙ୍କ ସମ୍ମୁଖରେ ପାଟୁଆଙ୍କ ନୃତ୍ୟ ଜନ ମନ ହରଣ କରୁଥିଲା । ସ୍ଥାନୀୟ ଅଂଚଳର ସମାଜସେବୀ ଡ଼. ଗନ୍ଧର୍ବ ନାୟକ,ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କଂଗ୍ରେସ ଯୁବନେତା ସିଦ୍ଧାର୍ଥ ସ୍ୱରୂପ ଦାଶ, ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି, ବ୍ଲକ ଉପାଧକ୍ଷ ବିଜୟ ଶୁକ୍ଲା ଆଦି ପ୍ରସିଦ୍ଧ ଶକ୍ତି ପୀଠରେ ପହଂଚି ଦେବୀଙ୍କ ଆଶିଷ ଭିକ୍ଷା କରିଛନ୍ତି । ଅଞ୍ଚଳର ପ୍ରସିଦ୍ଧ ଯାତ୍ରା ହୋଇଥିବାରୁ ବିଭିନ୍ନ ଉଠା ଦୋକାନୀ ଜିଲ୍ଲା ତଥା ଜିଲ୍ଲା ବାହାର ଏବଂ ରାଜ୍ୟ ବାହାରୁ ଆସି ପସରା ମେଲିଛନ୍ତି । ସଂକ୍ରାନ୍ତି ଠାରୁ ସପ୍ତାହେ ବ୍ୟାପି ବେପାର କାରି ଲାଭବାନ ହେବା ଲକ୍ଷ୍ୟରେ ସୁଦୂର ବ୍ୟବସାୟୀଙ୍କ ଭିଡ଼ ଜମୁଛି । ଏଥି ସହିତ ରାମଚଣ୍ଡୀ ବେଢାକୁ ଲାଗି ହେବାକୁ ଥିବା ଜମ୍ବୁ ଦ୍ୱୀପ ମହୋତ୍ସବ ଲକ୍ଷ୍ୟରେ ବ୍ୟବସାୟୀ ପସନ୍ଦ ମୁତାବକ ଜାଗା ବାଛୁଛନ୍ତି ।ସ୍ଥାନୀୟ ଅଗ୍ନିଶମ ବାହିନୀ ଯାତ୍ରା ରେ ମଧ ଉପସ୍ଥିତ ରହି ପରିସ୍ଥିତିକୁ ଅନୁଧ୍ୟାନ କରୁଛନ୍ତି ।ଆଗାମୀ ଦିନରେ ରାତ୍ରି ସମୟରେ ଯାତ୍ରା ପରିବେଷଣ କରାଯିବ ବୋଲି ଟ୍ରଷ୍ଟ ତରଫରୁ ଜଣାପଡିଛି । ମା ଙ୍କ ଆଶୀର୍ବାଦରୁ ଅନୁକୂଳ ପାଗ ହେତୁ ମାଙ୍କ ଝାମୁ ଯାତ୍ରା ସୁରୁଖୁରୁରେ ସମ୍ପାଦିତ ହୋଇଯାଇଛି ।

# ନବକାକଳିର ଓଡ଼ିଆ ନବବର୍ଷ ପାଳନ ଓ ବିଷୁବ ମିଳନ



ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ବ୍ଲକ ମୁଦୁପୁର ପଞ୍ଚାୟତ ସ୍ଥିତ ସିଦ୍ଧଳ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଓଡ଼ିଆ ନବବର୍ଷ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହଯୋଗରେ ନବକାକଳି ସାହିତ୍ୟ ପତ୍ରିକାର ୩୧ତମ ବିଷୁବ ମିଳନ, ରାଜ୍ୟସ୍ତରୀୟ କବି ସମ୍ମିଳନୀ, ନବକାକଳିର ବିଷୁବ ସଂଖ୍ୟାର ଲୋକାର୍ପଣ ତଥା ବିଷୁବ ସମ୍ମାନ ସମାରୋହ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ଉଦଘାଟକ ଭାବରେ ଭଦ୍ରକ ଲେଖକ ସାମ୍ମୁଖ୍ୟର ସଭାପତି ଇଂ. ଅଭୟ ସୂତାର ଯୋଗ ଦେଇ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ,ପୁରୀର କୁଳପତି ପ୍ରଫେସର ଡକ୍ଟର ପ୍ରଭାତ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବରେ ଯାଜପୁରର ବିଶିଷ୍ଟ ସାହିତ୍ୟିକ, ସମାଜସେବୀ, ବାଗ୍ମୀ ଏଲିନା ପ୍ରିୟଦର୍ଶିନୀ, ସମ୍ମାନନୀୟ ଅତିଥି ଭାବରେ ଜଗତସିଂହପୁର ସାହିତ୍ୟ ପରିଷଦର ପ୍ରତିଷ୍ଠାତା କବି ଅଜୟ ବେହେରା,ସମ୍ବଲପୁରର ପ୍ରାକ୍ତନ ବିଡ଼ିଓ ଡ. ମୁରଲୀଧର ନାଏକ, ପଣ୍ଡିତ ସୁରେନ୍ଦ୍ର ନାଥ ଦାଶ ଶର୍ମା ଏବଂ ଡାକ୍ତର ନବକିଶୋର ଶତପଥୀ ପ୍ରମୁଖ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନର ଆବଶ୍ୟକତା ସହ ଆଲୋଚନା ଚକ୍ରର ଶୀର୍ଷକ ଓଡ଼ିଆ ସାହିତ୍ୟର ଗତି ଓ ପ୍ରକୃତି ଉପରେ ଅଭିଭାଷଣ ରଖିଥିଲେ। ଶତାଧିକ କବିଙ୍କ କବିତା ସଂଯୋଜନା କରିଥିଲେ ଝଙ୍କଡ଼କନ୍ୟା ସବିତା ନାୟକ ଏବଂ ସଙ୍ଗୀତା ଦାସ। ସମସ୍ତକବିଙ୍କୁ ଅଙ୍ଗବସ୍ତ୍ର,ପୁସ୍ତକ ଏବଂ ପୁଷ୍ପଗୁଚ୍ଛ ସହ ସମ୍ମାନିତ କରାଯାଇଥିଲା। ଅତିଥିମାନେ ନବକାକଳିର ବିଷୁବ ସଂଖ୍ୟାକୁ ଲୋକାର୍ପଣ କରଥିଲେ ।ଏହି ଅବସରରେ ମର୍ଯ୍ୟାଦାଜନକ ୩୧ତମ ନବକାକାଳି ବିଷୁବ ସମ୍ମାନରେ ପ୍ରତିଷ୍ଠିତ ସାହିତ୍ୟିକ ଓ କଳାକାରଙ୍କୁ ଟ୍ରଫି, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନବକାକଳିର ପରିଚାଳନା ସମ୍ପାଦିକା ମନୋରମା ଦାଶ ସମ୍ପାଦକୀୟ ବିବରଣୀ ପାଠକରିଥିଲେ। ଡ. ଆରତି ତ୍ରିପାଠୀ ବେଦପାଠ କରିଥିବାବେଳେ ରୁଦ୍ରପ୍ରସନ୍ନ ପତି ଅତିଥି ପରିଚୟ ଦେଇଥିଲେ। ସୁଦର୍ଶନ ଷଡ଼ଙ୍ଗୀ, ସବ୍ୟସାଚୀ ତ୍ରିପାଠୀ, ପିଙ୍କୁନା ବେହେରା, ମୋନାଲିସା ମୁଦୁଲି କାର୍ଯ୍ୟକ୍ରମରେ ସହଯୋଗ କଲାବେଳେ ଅନୀଲ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଓଡ଼ିଆ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି

ରଘୁନାଥପୁର,(ସବ୍ୟୁ) : ଓଡ଼ିଆ ସଂସ୍କୃତିକୁ ଉଜ୍ଜୀବିତ ରଖିବା ସଚେତନତା ପାଇଁ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି ଓଡ଼ିଆ ପକ୍ଷ ଦିବସ ପାଳନ ଅବସରରେ ରଘୁନାଥପୁର ବ୍ଲକ ପରିସରରେ ଅନୁଷ୍ଠିତ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ଭାଗ ନେଇଥିବା ମହିଳା ଗ୍ରୁପର ସଦସ୍ୟାମାନେ କହିଥିଲେ। ସୂଚନାଯୋଗ୍ୟ, ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାର, ଓଡ଼ିଆ ସଂସ୍କୃତିର ସମ୍ମାନ, ଓଡ଼ିଶା ମାଟି ଇତିହାସର ସ୍ମରଣ, ଓଡ଼ିଆ ସାହିତ୍ୟ ଓ କଳାର ଉନ୍ନତି, ପାରମ୍ପରିକ ଓଡ଼ିଆ ଖାଦ୍ୟ, ସର୍ବୋପରି ଓଡ଼ିଆ ଜାତିର ଏକତା ଓ ଗର୍ବର ଭାବନା ଜାଗ୍ରତ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ବ୍ଲକରେ ପ୍ରତିବର୍ଷ ଏପ୍ରିଲ ୧ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୧୪ଦିନ ବ୍ୟାପି ଓଡ଼ିଆ ପକ୍ଷ ଦିବସ ଗତବର୍ଷ ଠାରୁ ପାଳନ କରା ଯାଇ ଆସୁଛି। ଏହି ପରିପ୍ରେକ୍ଷୀରେ ଗତ ଏପ୍ରିଲ ୧୦ ତାରିଖ ଦିନ ରଘୁନାଥପୁର ବ୍ଲକ ପରିସରରେ କଳାକାରଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଏଥିରେ ବ୍ଲକ ଅଂଚଳରେ ଥିବା ପାଲା, ଦାସକାଠିଆ, ଘୋଡ଼ାନାଚ, ଯାତ୍ରା କଳାକାର ୧୦ଜଣଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୧୩ ତାରିଖରେ ବ୍ଲକ ପରିସରରେ ଅନୁଷ୍ଠିତ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ବ୍ଲକର ୧୯ଟି ପଞ୍ଚାୟତର ୧୯ଟି ଗ୍ରୁପ ମହିଳାଙ୍କ ସହିତ ଜ୍ୟୋତି ମହାସଂଘର ମହିଳା ମାନେ ଓଡ଼ିଆ ପାରମ୍ପରିକ ଖାଦ୍ୟ ସହ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ରଘୁନାଥପୁର ବିଡିଓ ବିରେଞ୍ଚି ନାରାୟଣ ବେହେରା, ଏଡିଏମ ଜ୍ୟୋତି ଶଙ୍କର ରାୟ, ସିଡ଼ିପିଓ ତୃପ୍ତି ଲତା ମହାନ୍ତି, ବିଏସ ଏସ ଓ ଜ୍ୟୋର୍ତିମୟୀ ସ୍ୱାଇଁ, ବିପିସି ଶଶାଙ୍କ ଶେଖର ସ୍ୱାଇଁ, ବିପିଏମ ଲିପିକା ଷଡ଼ଙ୍ଗୀଙ୍କ ସମେତ ବ୍ଲକ କର୍ମଚାରୀ ଓ ମହିଳା ଗ୍ରୁପର ସଦସ୍ୟାମାନେ ଯୋଗଦେଇ ଓଡ଼ିଆ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଓଡିଆ ପାରମ୍ପରିକ ଖାଦ୍ୟର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପଣା ବଣ୍ଟନ



ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବରିଷ୍ଠ ନାଗରିକ ମଂଚ ପକ୍ଷରୁ ପବିତ୍ର ପଣା ସଂକ୍ରାନ୍ତି ଅବସରରେ ଆଜି ପଥଚାରୀଙ୍କୁ ପଣା ବଂଟନ କରାଯାଇଥିଲା।

ମଂଚର ସଭାପତି ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡାଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଂଚର କର୍ମକର୍ତ୍ତା ବିବେକାନନ୍ଦ ନାୟକ, ପୀତବାସ ପାତ୍ର, ଯୁଧିଷ୍ଠିର ସ୍ୱାଇଁ, ଭିକାରୀ ମଲ୍ଲିକ, ଆଦିକନ୍ଦ ସ୍ୱାଇଁ, ସତ୍ୟାନନ୍ଦ ପ୍ରଧାନ,ବଟକୃଷ୍ଣ ସାହୁ, ବନମାଳୀ ରାଉତ,ନୃସିଂହ ମହାନ୍ତି, ହୃଷିକେଶ ସାମଲ, ନିରଜ ମହାନ୍ତି ଓ ନାରାୟଣ ଲେଙ୍କା ପ୍ରମୁଖ ଯୋଗଦେଇ ଜାରକା ବସ ଷ୍ଟାଣ୍ଡ ଯାତ୍ରୀମାନଙ୍କୁ ପଣା ପ୍ରଦାନ କରିଥିଲେ।

ଆଜି ସକାଳୁ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ପଣା କରାଯାଇ ଜାରକା ଫ୍ଲାଏ ଓଭର ବ୍ରିଜ ତଳେ ଯାତାୟାତ କରୁଥିବା ପଥଚାରୀ ଓ ବସ ଷ୍ଟାଣ୍ଡରେ ଥିବା ଲୋକମାନଙ୍କୁ ପଣା ବଂଟନ କରାଯାଇଥିବା ଦେଖିବାକୁ ମିଳିଥିଲା ।

# ଶିକ୍ଷାବିତ୍‌ଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ



ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ସୁଙ୍ଗୁଡା ପଞ୍ଚାୟତର ନୂଆସୁଙ୍ଗୁଡା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ପୂର୍ବତନ ପ୍ରଧାନ ଶିକ୍ଷକ ଲୋକନାଥ ସେନାପତିଙ୍କର ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ସେ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ହୋଇ କଟକର ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ପରଲୋକ ଘଟିଥିଲା। ସ୍ୱର୍ଗତ ସେନାପତି ଜଣେ ଅମାୟିକ ଓ ମୁରବୀ ସ୍ଥାନୀୟ ବ୍ୟକ୍ତି ଭାବେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ସେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜଣେ ଭକ୍ତ ଓ ରିତିକ ରହିଥିଲେ। ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ତଥା ବିକାଶ ପାଇଁ ତାଙ୍କର ବହୁ ଅବଦାନ ରହିଥିଲା। ରବିବାର ତାଙ୍କ ମରଶରୀର ଚଣ୍ଡିଖୋଲରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ଗ୍ରାମରେ ମରଶରୀର ପହଞ୍ଚିଲା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ତାଙ୍କର ବହୁ ଛାତ୍ରଛାତ୍ରୀ ଶେଷ ଦର୍ଶନ କରିବା ସହିତ ଶବା ଧାରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଥଲା ବେଳେ ପୁଅ ସଚିତ୍ର ସେନାପତି ମୁଖାଗ୍ନୀ ଦେଇଥିଲେ।

ତାଙ୍କ ବିୟୋଗରେ ବଡଚଣା ବିଧାୟକ ଅମରକୁମାର ନାୟକ, ପୂର୍ବତନ ମନ୍ତ୍ରୀ ଅମରପ୍ରସାଦ ଶତପଥୀ, ସୀତାକାନ୍ତ ମହାପାତ୍ର, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କଂଗ୍ରେସ ନେତା ଅଜୟ ସାମଲ, ଯୁବନେତା ଚିଛିତ ମାହାଲା, ପ୍ରେସକ୍ଲବ ଚଣ୍ଡିଖୋଲ ସମ୍ପାଦକ ହେମଶକୁମାର ଜେନା, ଯୁବନେତା ସଂଜୟକୁମାର ସ୍ୱାଇଁ, ବିଜେପି ଯୁବନେତା ପ୍ରିତମ ନାୟକ, ବାର ଆସୁସିଏସନ ସଭାପତି ଦେବରାଜ ବେହେରା, ବାର ସମ୍ପାଦକ ପ୍ରକାଶକୁମାର ଦାସ, ପୂର୍ବତନ ସରପଞ୍ଚ ଚାଚାଲିନ ସାଇଁ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ନୃତ୍ୟଶ୍ରୀ କଳା ନିକେତନ ଟ୍ରଷ୍ଟର ବାର୍ଷିକ ଉତ୍ସବ



ସାଲେପୁର, (ସବ୍ୟୁ) : ସାଲେପୁର ନୃତ୍ୟଶ୍ରୀ କଳା ନିକେତନ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗତ ରବିବାର ସନ୍ଧ୍ୟାରେ ସାଲେପୁର ମାସାହେଶ୍ୱରୀ ପଡିଆରେ ନୃତ୍ୟଶ୍ରୀ କଳା ନିକେତନ ଟ୍ରଷ୍ଟର ଅଧକ୍ଷା ଅନ୍ୱେଷା ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମନୋଜ କୁମାର ନାୟକ, ଶିକ୍ଷାବିତ୍ ମନୋଜ ବେହେରା ଓ ସାଲେପୁର ପବ୍ଲିକ ସ୍କୁଲ ପରିଚାଳନା ନିର୍ଦ୍ଦେଶିକା ଡ଼ଃ ଜୟନ୍ତୀ ମିଶ୍ର ଅତିଥିଭାବେ ଯୋଗଦେଇ ଏହି ଅଞ୍ଚଳର ପିଲାମାନଙ୍କ ଠାରେ ଥିବା ଲୁକ୍କାଇତ ପ୍ରତିଭାମାନଙ୍କୁ ଏହି ଅନୁଷ୍ଠାନ ଲୋକଲୋଚନକୁ ଆଣିବା ସହିତ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରାକୁ ଗୀତ ଏବଂ ନୃର୍ତ୍ୟ ମାଧ୍ୟମରେ ପଦର୍ଶନ କରିପାରୁଥିବାରୁ ଭୁୟସୀ ପ୍ରଶଂସା କରିଥିଲେ । ଏହି ଅନୁଷ୍ଠାନ ଖୁବ କମ ଦିନ ମଧ୍ୟରେ ଓଡିଶାର ବିଭିନ୍ନ ସ୍ଥାନକୁ ଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ବେଶ ଲୋକପ୍ରିୟତା ଅର୍ଜନ କରିଥିବାରୁ ଅଧକ୍ଷା ଅନ୍ୱେଷାଙ୍କୁ ସାଧୁବାଦ ଜଣାଇଥିଲେ।

ଅନୁଷ୍ଠାନର ପିଲାମାନଙ୍କ ଉଚ୍ଚ କୋଟିର ନୃତ୍ୟ ଓ ସଂଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା । ୟୁଟ୍ୟୁବର କମେଡି ଷ୍ଟାରଙ୍କ କମେଡିରେ ଦର୍ଶକ ହସିହସି ବେଦମ ହୋଇଥିଲେ । ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ଶୁଭକାନ୍ତ ପରିଡା, ମନୋଜ କୁମାର ରାଉତ ଓ ସୌମ୍ୟରଞ୍ଜନ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ ।

# ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ ( ସ ବ୍ୟୁ ) : ଓଡ଼ିଆ ପକ୍ଷ ପାଳନ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର ରଘୁରାମ ଆୟାରଙ୍କ ନିର୍ଦ୍ଦେଶ ରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ପକ୍ଷରୁ ଲୋକକଳାକୁ ଅଧିକ ପ୍ରଚାର ପ୍ରସାର ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।

ଏହି ଅବସରରେ ପାରମ୍ପରିକ ଖାଦ୍ୟ ପରିବେଷଣ ଓ ଝୋଟି ପକା କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଯାଇଛି ।ଭାବ ଗ୍ରାହୀ କଳା ନିକେତନ ସଭାପତି ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଳା ,ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଆମର ପରିଚୟ ହୋଇଥିବାରୁ ଏହାକୁ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ ।ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଲୋପ ପାଇ ଯାଉଥିବା କଳା ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ରଜ ମଉଜ, ପଖାଳ ଦିବସ ଆଦି ୧୨ମାସରେ ୧୩ପର୍ବ ପାଳନ କରି ଓଡ଼ିଆ ଭାବେ ପଟ୍ଟାମୁଣ୍ଡାଇ ଅଞ୍ଚଳର କଳା ସଂସ୍କୃତିର ବିକାଶ ପାଇଁ ବ୍ଲକ ପ୍ରଶାସନ ସମସ୍ତ ସହଯୋଗ ଯୋଗାଇ ଦେବ ବୋଲି ପ୍ରକାଶ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ ,ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।

ଭାବଗ୍ରାହୀ କଳା ନିକେତନ ଓ କଳା ଶ୍ରୀକ୍ଷେତ୍ର କଳା ନିକେତନ କଳାକାରମାନେ ପାରମ୍ପରିକ ନୃତ୍ୟ ସଂଗୀତ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ।ଏଇ ଅବସରରେ ୬୦ଜଣ କଳାକାରଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା,ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ବାଛରା ସମିତି ସଭ୍ୟା ସୁମିତ୍ରା ସାହୁ ବଡ଼ମୂଳବସନ୍ତ ସମିତିସଭ୍ୟା ଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଓ ଶତାଧିକ କଳାକାର ଯୋଗ ଦେଇଥିଲେ। ଶେଷରେ କ୍ଷଣପ୍ରଭା ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# ନୂତନ ପାଠ୍ୟକ୍ରମ ରୂପରେଖ ସମ୍ପର୍କରେ ପ୍ରଶିକ୍ଷଣ

କୁଆଖିଆ,(ସବ୍ୟୁ) : )ରସୁଲପୁର ବ୍ଲକ ଅନ୍ତର୍ଗତ କୋଳଥଳ ସ୍ଥିତକ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟ, ପରିସରରେ ପଞ୍ଚ ଦିବଶୀୟ ଓଡିଶା ପାଠ୍ୟକ୍ରମ ରୂପରେଖ ପ୍ରଶିକ୍ଷଣ ୯ ତାରିଖରୁ ଆରମ୍ଭ ହୋଇଆଜି ୧୩ ତାରିଖ ରେ ଉଦଯାପିତ ହୋଇଯାଇଛି । ଶିକ୍ଷକ ଶିକ୍ଷୟିତ୍ରି ଙ୍କୁ ନୂତନ ପାଠ୍ୟକ୍ରମ ରୂପରେଖ ସମ୍ପର୍କରେ ଅତିଥି ଓ ସମ୍ବଳ ଶିକ୍ଷକ ପ୍ରଶିକ୍ଷଣ ଦେଇଥିଲେ । ଏହି ପ୍ରଶିକ୍ଷଣକୁ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପରିଡା ଉଦଘାଟନ କରିଥିଲେ । ଏଥିରେ ଅତିଥି ଭାବେ ବ୍ଲକ ସହ ଶିକ୍ଷା ଅଧିକାରୀ ,ଏ ବି ଇ ଓ, ତଥା ବି ଆର ସି ଅରୁଣ କୁମାର ସେଠି ଯୋଗ ଦେଇ ନୂତନ ପାଠ୍ୟକ୍ରମ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଗୃହରେ କିପରି ପଢ଼ାଯିବ ଆମ ପରମ୍ପରା, ଗୀତା, ଉପନିଷଦ, ମହାପୁରୁଷ ଙ୍କ ଜୀବନୀ ଆଦି ରୁ ପିଲାମାନେ କିପରି ଶିକ୍ଷାଲାଭ କରି ଭବିଷ୍ୟତକୁ ସୁଗମ କରିବେ ସେ ସ ମ୍ପର୍କ ରେ କହିଥିଲେ । ସି ଆର ସି ସି ଦେବକୀ ପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶିବିରରେବିଭିନ୍ନ କ୍ଲସଟର ର ୧୦୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଉଛନ୍ତି । ଆର ପି ସମ୍ବଳ ଶିକ୍ଷକ ପ୍ରଶାନ୍ତ ଗୁଇଁ, ମିତ୍ରଭାନୁ ନାୟକ, ଦିବାକର ସାହୁ ଯୋଗ ଦେଇ ପ୍ରଥମ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀ ନୂତନ ପାଠ୍ୟ କିପରି ପଢ଼ା ଯିବ ଏବଂ ଶାରୀରିକ, ବୃତ୍ତି ଗତ, ସଂସ୍କୃତି ଶିକ୍ଷା କିପରି ସର୍ବ ଜନାଦୃତ ହୋଇ ପାରିବ ଏଥି ସହ କିପରି ଛାତ୍ର ଛାତ୍ରୀ ସେସବୁ କୁ ସହଜରେ ଗ୍ରହଣ କରିବେ ସେ ଉପରେ ଆଲୋଚନା ହୋଇଥିଲା । ଶିବିର କୁ କ୍ଲଷ୍ଟର ର ଶିକ୍ଷକପ୍ରକାଶ ପଣ୍ଡା ଶିକ୍ଷୟିତ୍ରୀ ଜ୍ୟୋସ୍ନା ରାଣୀ ତରାଇ, ପ୍ରକାଶ ରଣା ମନୋଜ ମହାନ୍ତି, ସୁବାସ ଚନ୍ଦ୍ର ବାରିକ, ସାଗତିକା ସାହୁ, ବିଭୁତି ଭୂଷଣ ସାହୁ, ଓ କ୍ଷେତ୍ରପାଳ ସ୍କୁଲର ସମସ୍ତ ଶିକ୍ଷକ, ପରିଚାଳନା ରେ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣ ରେ୧୨ ଗୋଟି କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ଓ ସି ଆର ସି ସି ବସନ୍ତ ସାମଲ, ଚିନ୍ମୟ ପାତ୍ର, ବିଜୟ କୁମାର ସାହୁ, ଜିତେନ୍ଦ୍ର କୁମାର ସାହୁ, ପ୍ରଭାତ ନାଥ, ସଞ୍ଜୀବ କୁମାର ସୁତାର ଓ ଅନ୍ୟ ସମସ୍ତ ସି ଆର ସି ବୃନ୍ଦ ଯୋଗ ଦେଇଥିଲେ ।

# ଶ୍ରୀଶ୍ରୀ ସଙ୍କଟମୋଚନ ହନୁମାନଙ୍କ ଯଜ୍ଞ



ତିର୍ତ୍ତୋଲ, (ସବ୍ୟୁ) : ଜଗସିଂହପୁର ଜିଲ୍ଲା ତିର୍ତ୍ତୋଲ କୂଳସାମନ୍ତରାୟ, ଉକୁସହି ଗ୍ରାମର ଶ୍ରୀଶ୍ରୀ ସଙ୍କଟ ମୋଚନ ହନୁମାନ ଅଷ୍ଟାଦଶତମ ଯଜ୍ଞର ମଙ୍ଗଳବାର ଦ୍ୱିତୀୟ ଦିବସରେ ସକାଳ ସମୟରେ ସୂର୍ଯ୍ୟ ପୂଜା, ଗୋ ପୂଜା କରାଯାଇଥିଲା। ମହାବିଷୁବ ସଂକ୍ରାନ୍ତି ଅବସରରେ ସଙ୍କଟ ମୋଚନ ହନୁମାନଙ୍କ ବିଭିନ୍ନ ପୂଜା ଅର୍ଚ୍ଚନା କରାଯାଇଥିଲା।

ମନ୍ଦିର ପ୍ରାଙ୍ଗଣରେ ଥିବା ମା ଶାରଳାଙ୍କ ମନ୍ଦିରରେ ବିଧି ଅନୁସାରେ ପୂଜା ଅର୍ଚ୍ଚନା କରାଯାଇଥିଲା। ଏଥିରେ ଗ୍ରାମର ସମସ୍ତ ମହିଳା, ପୁରୁଷ ଓ ଯୁବକ ଯୁବତୀମାନେ ଉପସ୍ଥିତ ରହି ହରିବୋଲ ହୁଳହୁଳି ଦେଇଥିଲେ । ଏହି ଯଜ୍ଞରେ କର୍ତ୍ତାଭାବେ ରଞ୍ଜିତ କୁମାର ରାଉତ ଓ କର୍ତ୍ତୀ ଭାବେ ମାନସୀ ରାଉତ ଯଜ୍ଞରେ ବସିଥିଲେ। ଶ୍ରୀଶ୍ରୀ ସଙ୍କଟ ମୋଚନ ହନୁମାନ ମନ୍ଦିର ନାମଯଜ୍ଞ ଚାରିଦିନ ଧରି ଆୟୋଜିତ ହେବ ବୋଲି ଅନୁଷ୍ଠାନର ସଭାପତି ଉମେଶ ଚନ୍ଦ୍ର ନାୟକ, କୋଷାଧକ୍ଷ ବଳରାମ ସୂତାର ସୂଚନା ଦେଇଛନ୍ତି । ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଶେଷରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା।

# ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା, (ସବ୍ୟୁ) : ଦଳିତ ପରିବାରରେ ଜନ୍ମ ହୋଇ ଉଚ୍ଚ ଶିକ୍ଷା ଲାଭ କରି ଦଳିତ ମାନଙ୍କୁ ଶକ୍ତି ସାମର୍ଥ୍ୟ ଓ ଅଧିକାର ଦେବାରେ ବାବା ସାହେବ ଡ଼. ଆମ୍ବେଦକରଙ୍କ ଭୂମିକା ଥିଲା ଅତୁଳନୀୟ। ସମାଜରୁ ଅସ୍ପୃଶ୍ୟତା ଦୂର କରିବା ପାଇଁ ଆମ୍ବେଦକର ଅହରହ ସଂଗ୍ରାମ କରିଥିଲେ। ଏଥିପାଇଁ ଅଛୁଆଁ ଏକ ଅପରାଧ ବୋଲି ସମ୍ବିଧାନରେ ବିଧି ବ୍ୟବସ୍ଥା କରିଯାଇଛନ୍ତି। ଆଜି ଜନ ପ୍ରତିନିଧି ମାନେ ଦଳିତ ମାନଙ୍କ ସମସ୍ୟା କେତେ ବୁଝୁଛନ୍ତି ବୋଲି କେନ୍ଦ୍ରାପଡ଼ା ଆମ୍ବେଦକର ସ୍ମୃତି କମିଟି ଓ କେନ୍ଦ୍ରାପଡ଼ା ସମତା ସୈନିକ ଦଳ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ସହରସ୍ଥ ହାଇସ୍କୁଲ ଛକରେ ଅନୁଷ୍ଠିତ ବାବା ସାହେବଙ୍କ ୧୩୬ ତମ ଜୟନ୍ତୀ ପାଳନ ଅବସରରେ ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭାପତି ଲିଳିତା ଦାସ, ନଗରପାଳ ସରିତା ସାହୁ, ଜିଲ୍ଲାପାଳ ରଘୁରାମ ଆର ଆୟାର ,ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ କହିଲେ ବାବାସାହେବ ଆମ୍ବେଦକର ଦଳିତ ସମାଜକୁ ଆହ୍ୱାନ ଦେଇ କହିଥିଲେ ଶିକ୍ଷିତ ହୁଅ, ସଂଗଠିତ ହୁଅ, ସଂଘର୍ଷ କର। ବହୁ ବାଧା ବିଘ୍ନ ସତ୍ତ୍ୱେ ସଂଘର୍ଷ ବଳରେ ଏଠାରେ ପୃଥିବୀର ଅନ୍ୟତମ ଶ୍ରେଷ୍ଠ ମାନବ ଭାରତ ରତ୍ନ ବାବା ସାହେବଙ୍କ ପ୍ରତିମୂର୍ତ୍ତି ହାଇସ୍କୁଲ ଛକରେ ସ୍ଥାପିତ ହୋଇପାରିଲା। ଆଜି ଯଦି ଆମେ ଏହି ସ୍ଥାନରେ ଅଛୁ ତାହା ଆମ୍ବେଦକରଙ୍କ ଯୋଗୁଁ ସମ୍ଭବ ହୋଇଛି ବୋଲି ସେମାନେ କହିଥିଲେ। କେନ୍ଦ୍ରାପଡ଼ା ଆମ୍ବେଦକର ସ୍ମୃତି କମିଟି ସଭାପତି ସୁଧୀର କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମତା ସୈନିକ ଦଳର ସଂଗଠନ ସମ୍ପାଦକ ଗୟାଧର ଦାସ, ହଳଧର ମଲ୍ଲିକ, ତ୍ରିଲୋଚନ ମଲ୍ଲିକ, ମମତା ମୟୀ ମଲ୍ଲିକ, କୀର୍ତ୍ତନ ମଲ୍ଲିକ, ସୁରେନ୍ଦ୍ର ବେହେରା, ନିରୁପମା ବେହେରା, ସଞ୍ଜୟ ମଲ୍ଲିକ, ପ୍ରଭାତ ମହାପାତ୍ର, ଲାବନ୍ୟ ମଲ୍ଲିକ, ମନୋରଞ୍ଜନ ମଲ୍ଲିକ, ଅପୂର୍ବ ସେଠି, ଅର୍ଜୁନ ମଲ୍ଲିକ ପ୍ରମୁଖ ଆମ୍ବେଦକରଙ୍କ ତ୍ୟାଗ ତିତିକ୍ଷା ଓ ସଂଘର୍ଷ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ସମ୍ମାନ ଜଣାଇଥିଲେ। ଆମ୍ବେଦକର ଭବନ ନିର୍ମାଣ ପାଇଁ ପୂର୍ବରୁ ପୂର୍ବତନ ବିଧାୟକ ଶଶି ଭୂଷଣ ବେହେରା ୫ ଲକ୍ଷ ଅନୁଦାନ ଦେଇଥିଲେ। ବିଧାୟକ ଗଣେଶ୍ୱର ବେହେରା ବିଧାୟକ ପାଣ୍ଠିରୁ ଆଉ ୫ ଲକ୍ଷ ଦେବା ପାଇଁ ସଭାରେ ଘୋଷଣା କରିଥିଲେ।

# ଡମଣଭୂମି କାମନା ମନ୍ଦିରରେ ପ୍ରସିଦ୍ଧ ଝାମୁଯାତ୍ରା

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଡମଣଭୂମି ଅଞ୍ଚଳରେ ଥିବା ପ୍ରସିଦ୍ଧ ମା' କାମନାଙ୍କ ପୀଠରେ ପବିତ୍ର ପଣା ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଝାମୁଯାତ୍ରା ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୪ ଦିନ ଧରି କଠିନ ବ୍ରତ ଓ ନିଷ୍ଠାରେ ରହିଥିବା ଭକ୍ତମାନେ ଆଜି ଜ୍ୱଳନ୍ତ ଅଙ୍ଗାର ବା ନିଆଁ ଖନ୍ଦା ଉପରେ ଚାଲି ନିଜର ଭକ୍ତି ଓ ସଂକଳ୍ପ ପ୍ରଦର୍ଶନ କରିଛନ୍ତି ।ଗତ ୧୪ ଦିନ ଧରି ମା'ଙ୍କ ନିକଟରେ ମାନସିକ ରଖିଥିବା ଭକ୍ତ ବା 'ଭକ୍ତା'ମାନେ ନିଷ୍ଠାର ସହ ସଂଯମତା ରକ୍ଷା କରିଥିଲେ । ସାତ୍ତ୍ୱିକ ଆହାର ଓ ଭକ୍ତିପୂତ ଜୀବନଶୈଳୀ ପରେ ଆଜି ସେମାନଙ୍କର ଏହି କଠିନ ବ୍ରତର ଉଦଯାପନୀ ହୋଇଥିଲା । ଶାରୀରିକ କଷ୍ଟକୁ ଭୁଲି କେବଳ ମା'ଙ୍କ ନାମ ସ୍ମରଣ କରି ସେମାନେ ଧାଡ଼ି ବାନ୍ଧି ନିଆଁ ଉପରେ ଚାଲିଥିବା ଦେଖିବାକୁ ମିଳିଥିଲା । ମା'ଙ୍କ ମନ୍ଦିରକୁ ଅତି ସୁନ୍ଦର ଭାବେ ଫୁଲ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା । ପାରମ୍ପରିକ ଢୋଲ, ମହୁରୀ ଓ ଶଙ୍ଖ ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା । ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ସହ ଏହି ରୋମାଞ୍ଚକର ଝାମୁଯାତ୍ରା ଦେଖିବା ପାଇଁ ଭିଡ଼ ଜମାଇଥିଲେ ।

# ଦଶପଲ୍ଲା ମହୋତ୍ସବ 'କୁଆଁରିଆ' ଉଦ୍‌ଯାପିତ

ଦଶପଲ୍ଲା,(ସବ୍ୟୁ): ଚାରିଦିନ ଧରି ଚାଲିଥିବା ଦଶପଲ୍ଲା ମହୋତ୍ସବ ' କୁଆଁରିଆ ' ଉଦଯାପିତ ହୋଇଯାଇଛି । ଲଙ୍କାପୋଡି ଯାତ୍ରା କମିଟି ତଥା ମହୋତ୍ସବ କମିଟି ସଭାପତି କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼.ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ,ସମ୍ମାନୀତ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା ,ଏନ ଏ ସି ଅଧ୍ୟକ୍ଷା ଙ୍କ ପୁନମ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ । ଦୀର୍ଘ ୨୨୪ ବର୍ଷ ର ଲଙ୍କାପୋଡି ଯାତ୍ରା ଏକ ବିରଳ ଯାତ୍ରା ରେ ପରିଣତ ହୋଇଛି । ମାଟିର ଇତିହାସ,ଐତିହ ଓ ପରମ୍ପରାକୁ ବଜାୟ ରଖିବା ମହୋତ୍ସବ ର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ । ପର୍ଯ୍ୟଟନ ,କୃଷି ଓ ପରମ୍ପରା ସମ୍ପର୍କ ରେ




ସଭାପତି ସାଂସଦ ଶ୍ରୀଯୁକ୍ତ ପାଣିଗ୍ରାହୀ ମତବ୍ୟକ୍ତ କରିଥିବା ବେଳେ ଆଜିର ନେତାମାନେ ପ୍ରଭୁ ଶ୍ରୀରାମ ଙ୍କ ଜୀବନିକୁ ନେଇ ନିଜେ ସମୀକ୍ଷା କରିବା ଉଚିତ ବୋଲି ମତ ରଖିଥିଲେ । ଏ ଅବସରରେ ବିଭିନ୍ନ କ୍ଷେତ୍ର ରେ ପାରଦର୍ଶିତା ଲାଭ କରିଥିବା ଡ଼ଃ ରଂଜିତା ଘଡେଇ,ଅଙ୍କିତା ଦାସ, ଟିପିସିଓଡିଏଲ ର ଯନ୍ତ୍ରୀ ତନ୍ମୟ ପୃଷ୍ଟି, ଆଇ ଆଇ ସି ବିନୟ ରଞ୍ଜନ ପରିଡା, ରେଞ୍ଜର ଶ୍ରୀନିବାସ ଦାସ ଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏ ଅବସରରେ ମହୋତ୍ସବ ର ସ୍ମରଣୀକା କୁ ମୁଖ୍ୟ ଅତିଥୀଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା । ଏହି ସଭାକୁ ଗାଳ୍ପିକ ହାଡ଼ିବନ୍ଧୁ ମହାଖୁଡ଼ ସଂଚାଳନ କରିଥିବା ବେଳେ ଆଇନଜୀବୀ ଦିଲ୍ଲୀପ କୁମାର ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ମହୋତ୍ସବ ର ସମ୍ପାଦକ କିଶୋର ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ ରାଜ୍ୟ ସରକାର ଙ୍କ କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ବିଭିନ୍ନ ଜିଲାର କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବା ବେଳେ କଳାକାର ତଥା ସଙ୍ଗୀତଜ୍ଞ ଦୀପ୍ତି ରେଖା ପାଢ଼ୀ ଓ ସାଥୀଙ୍କ ସଙ୍ଗୀତ ରେ ଝୁମିଥିଲେ ଦର୍ଶକ ।

# ମା ଦକ୍ଷିଣକାଳୀଙ୍କ ପ୍ରସିଦ୍ଧ ପଣା ଯାତ୍ରା ଆରମ୍ଭ

ନୟାଗଡ଼, (ସବ୍ୟୁ): ନୟାଗଡ଼ ପୁରୁଣା ସହରରେ ବିରାଜିତ ମା ଦକ୍ଷିଣକାଳୀଙ୍କ ପୀଠରେ ପବିତ୍ର ପଣା ପର୍ବ ଆରମ୍ଭ ହୋଇଛି । ମହାବିଷୁବ ସଂକ୍ରାନ୍ତିରେ ପାବନ ତିଥିରେ ମାଙ୍କ ସ୍ୱତନ୍ତ୍ର ପୂଜା ନୀତୀ ସହିତ ସନ୍ଧ୍ୟାରେ ପଣା ପଟୁଆର ଯାତ୍ରା ଅନୁଷ୍ଠିତ ହୋଇଛି । ନୟାଗଡ଼ ର ଶ୍ରୀ ଜଗନ୍ନାଥ ଜୀଉଙ୍କ ମନ୍ଦିରରୁ ଝଣ୍ଡାମାଳ ଆସିବା ପରେ ଦେବୀଙ୍କ ଷୋଡ଼ଷ ଉପଚାର ପୂଜା ବିଦ୍ଧି ସହିତ ଚଳିତ ବର୍ଷର ପଣା ପର୍ବ ଆରମ୍ଭ ହୋଇଛି । ପ୍ରାଚୀନ କାଳରୁ ପ୍ରତିଷ୍ଠିତ ମା ଦକ୍ଷିଣକାଳୀଙ୍କ ମନ୍ଦିରେ ବର୍ଷର ବିଭିନ୍ନ ପୂଜା ପାର୍ବଣ ମଧ୍ୟରେ ପଣା ଯାତ୍ରା ଅନ୍ୟତମ । ଏହି ଅବସରରେ ମା ଙ୍କ ପୀଠରେ ୫ ଦିନବ୍ୟାପୀ ଯାତ୍ରା ଉତ୍ସବ ର ଆୟୋଜନ ହୋଇ ଆସୁଛି । ଚଳିତ ବର୍ଷେ ପଣା ଯାତ୍ରାକୁ ଜାକ ଜମକରେ ପାଳନ କରିଯାଉଛି । ମାଙ୍କ ପୀଠରେ ଏହି ସ୍ୱତନ୍ତ୍ର ପର୍ବ ପାଳନ ଅବସରରେ ଦର୍ଶନ ପାଇଁ ରାଜ୍ୟ ର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ସମାଗମ ପରିବେଶକୁ ଉତ୍ସବ ମୁଖରିତ କରିଛି ।



# କଣ୍ଟାରେ ଗଡିଲେ ନିଆଁରେ ଝୁଲିଲେ ଦଣ୍ଡୁଆ

କୁହୁଡ଼ି, (ସବ୍ୟୁ): ପବିତ୍ର ମେରୁ ମହାପର୍ବ ବୈଶାଖ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ ଆନନ୍ଦ ହୁଲ୍ଲାସ ଓ ଭକ୍ତିମୟ ପରିବେଶରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର କୁହୁଡି ବଡ଼ଠାକୁର, କୁହୁଡି ସାନକୋଠୀ, ରତନପୁର ବାବା ବାଲୁଙ୍କେଶ୍ୱର ଦେବ, ସୋରଣ ଯଜ୍ଞାଶର ଦେବ, ବ୍ରହ୍ମେଶର୍ ଦେବ, ବାଲିଆ କୋଠୀ, ବାଳିନାସି କୋଠୀ, ଦାରୁଗାଁ କୋଠୀ, ପଣସପୁର କୋଠୀ, ଛକଡିପୁର କୋଠୀ, ବାଉଁଶମୂଳ କୋଠୀ, ବିରିବାଡି କୋଠୀ ଓ ବାଉଲାବନ୍ଧ କୋଠୀ ମେରୁ ପର୍ବ ପାଳିତ ହୋଇଯାଇଛି ।ଭକତାମାନେ ଦୀର୍ଘ ୨୧ ଦିନ ନିର୍ଝଳ ଉପବାସ ରହି ଠାକୁରଙ୍କ ସେବା କରିଥାନ୍ତି ।ମହାବିଷୁବ ସଂକ୍ରାନ୍ତି ଦିନ ଭକତାଙ୍କ ସହିତ ଠାକୁର ମଧ କଣ୍ଟାରେ ଗଡିବା, ନିଆଁରେ ଚାଲିବା, ତଳମୁଁହା କରି ନିଆଁରେ ଝୁଲିବା ପରି କଷ୍ଟସାଧ ପରମ୍ପରାକୁ ପାଳନ କରନ୍ତି ମଧ୍ୟରାତ୍ରୀରେ ପାରମ୍ପରିକ ରୀତିନୀତି ଅନୁସାରେ ଦଣ୍ଡଛପା କରାଯାଏ

# ଭାରତରତ୍ନ ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ

ଆଠଗଡ,(ସବ୍ୟୁ): ଆଠଗଡ-ତିଗିରିଆ ଦଳିତ ଆଦିବାସୀ ବହୁଜନ ମଞ୍ଚ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ଭାରତରନି ଭିମ ରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ଆଠଗଡ଼ ଏନ ଏସି ର ପୂର୍ବତନ ନଗରପାଳ ରମେଶ ଚନ୍ଦ୍ର ଘଡେ ଙ୍କ ନେତୃତ୍ୱରେ ଆଠଗଡ ସହର ଉପକଣ୍ଠ ସାପୁଆ ନଦୀ କୂଳରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଆଠଗଡ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।ଆଠଗଡ ଏନଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ ଙ୍କ ପରିଚାଳିତ ଉକ୍ତ ସଭାରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ । ପ୍ରାରମ୍ଭରେ ଆମ୍ବେଦକର ଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଆମ୍ବେଦକର ଙ୍କ ଜୀବନି ଓ ଦର୍ଶନ ସମ୍ବନ୍ଧରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଛାତ୍ର ନେତା ଖଲ୍ଲିଦ ମହମ୍ମଦ ସ୍ୱାଗତ ଭାଷଣ ଦେଇଥିଲେ ।ଆମ୍ବେଦକରବାଦୀ ଅଭିରାମ ମଲ୍ଲିକ, ଶିକ୍ଷାବିତ ତଥା ବିଶିଷ୍ଟ ସମାଜସେବୀ ସତ୍ୟବ୍ରତ ବାରିକ,ସମାଜ ସେୀ ଉଜଳ ଭାରତୀ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ବାବାସାହେବଙ୍କ ପ୍ରଣିତ ସମିଧାନ ଯୋଗୁଁ ସାମାଜିକ ନ୍ୟାୟ ସମାନତା ଦେଖାଯାଇ ଭାରତୀୟ ସମାଜ ସମୃଦ୍ଧ ହୋଇଛି ଲେି ମତ ଦେଇଥିଲେ । ସଂମ୍ପାଦକ ରାଜେଶ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।ମଞ୍ଚର ଉପ-ସଭାପତି କାଶୀନାଥ ପ୍ରଧାନ ଙ୍କ ସଂଯୋଜନା ରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ମିତାଲି ରାଉତ, ସୁନୀଲ ପରିଡ଼ା ମିନତୀ ଗାଗରାଇ, ଶାନ୍ତିଲତା ବେହେରା, ବାସନ୍ତୀ ରାଉଳ ଜାନକୀଲତା ନାଏକ ବଳଭଦ୍ରାଘ, ରବିନ୍ଦ୍ରନାଥ ରାଉତ, ନୃସିଂହ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ ।

# ମହାବିଷୁବ ସଂକ୍ରାନ୍ତି , ମହାବୀର ଜୟନ୍ତୀ ପାଳିତ

ବଳଙ୍ଗା, (ସବ୍ୟୁ): ବଳଙ୍ଗା ଅଞ୍ଚଳରେ ମଙ୍ଗଳବାର ଦିନ ମହାବିଷୁବ ସଂକ୍ରାନ୍ତି ଓ ମହାବୀର ଜୟନ୍ତୀ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ଏହି ଅବସରରେ ବଳଙ୍ଗା,କୋଠକୁସାଙ୍ଗ, ଶାଇଁସଶାସନ ଗୋପିନାଥପୁର,ତେରହଳ,ାୟାର, ଖଣ୍ଡାୟତ ପାଟଣା,ରାଟସାହି ଆଦି ଗ୍ରାମରେ ମହାଧୁମଧାମରେ ଝାମୁଯାତ୍ରା ପାଳିତ ହୋଇଯାଇଥିବା ବେଳେ ଆଖପାଖ ଅଞ୍ଚଳରେ ଥିବା ମହାବୀର ମନ୍ଦିର ପରିସରରେ ୧୦୮ ହନୁମାନ ଚାଳିଶା ଓ ସୁନ୍ଦରକାଣ୍ଡ ଅନୁଷ୍ଠିତ ହୋଇଯାଇଛି । ଳଙ୍ଗା ମହାବୀର ମନ୍ଦିର ପରିସରରେ ସଂଧ୍ୟା ସମୟରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଝାମୁଯାତ୍ରା ଓ ସଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅଞ୍ଚଳରେ ଉତ୍ସ ମୁଖର ହୋଇପଡିଥିଲା ।

# ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଇଛାପୁରଠାରେ ଥିବା ସେ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡଃ.କୁମରବର ଦାସ ମୁଖ ଅତିଥି, ପ୍ରମେୟ ଖବର କାଗଜ ଅଧିକାରୀ ସୁଭାଷଚନ୍ଦ୍ର ଶତପଥି ମୁଖ ବକ୍ତା ଓ ଡିଏଭି ସ୍କୁଲର ପ୍ରାକ୍ତନ ଅଧ୍ୟକ୍ଷ ଭୋଳାନାଥ ମହନ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ମିର ଅବଦୁଲ କଲିମ ବାର୍ଷିକ ବିବରଣୀ ପାଠ କରିଥିଲେ । ଚେୟାରମାନ ଇଂ.ଜୋତିପ୍ରକାଶ ଲେଙ୍କା ଓ ନିର୍ଦ୍ଦେଶିକା ସରିତା ଜୟନ୍ତୀ ଲେଙ୍କା ଓ ନିର୍ଦ୍ଦେଶକ ରଶ୍ମୀକାନ୍ତ ବାରିକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । ଏହି ଅବସରରେ




ବ୍ଲକ, ବିଦାଳୟ ଓ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଉପାଧ୍ୟକ୍ଷ ବିବେକାନନ୍ଦ ସାହୁ ଅତିଥି ପରିଚୟ ଦେବା ସହିତ ଶିକ୍ଷାନୁଷ୍ଠାନର ଆଭିମୁଖ ସମ୍ପର୍କରେ ସୂଚନା ଦେଇଥିଲେ । ଶିକ୍ଷକ କପିଳେଶ୍ୱର ନନ୍ଦ ସମସ୍ତଙ୍କୁ ଧନବାଦ ଅର୍ପଣ କରିଥିଲେ । ଶେଷରେ ପିଲାମାନଙ୍କଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା ।

# ବାଲୁଗାଁ ମହାବିଦ୍ୟାଳୟରେ ଅଗ୍ନିଶମ ବିଭାଗର ସଚେତନା କାର୍ଯ୍ୟକ୍ରମ

ବାଲୁଗାଁ ( ସବ୍ୟୁ ) : ଜାତୀୟ ଅଗ୍ନି ନିରାପତ୍ତା ସପ୍ତାହ ପାଳନ ଅବସରରେ ସୋମବାର ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଅଗ୍ନିଶମ ବିଭାଗ ଏବଂ ଆପାତକାଳୀନ ସେବାର ସହଯୋଗରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ବାଲୁଗାଁ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ଯୋଗଦେଇ ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ,ଯୁବ ରେଡ଼କ୍ରସ ଓ ରେଞ୍ଜରସର ଛାତ୍ର ଛାତ୍ରୀ ମାନଙ୍କୁ ଘରୋଇ ପରିବେଶରେ ଗ୍ୟାସ ସିଲିଣ୍ଡରର ନିରାପତ୍ତା, ଉପଯୁକ୍ତ ବ୍ୟବହାର ଓ ଜରୁରୀ କାଳୀନ ପରିସ୍ଥିତିରେ ଦାୟିତ୍ୱବୋଧତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିରେ ଅଗ୍ନିଯୋଦ୍ଧା ଅମୂଲ୍ୟ ପ୍ରଧାନ, ନିର୍ମଳ ଭୁଜବଳ, ବିଜୟ କୁମାର ଡାକୁଆ, ଧିରେନ ଜେନା ପ୍ରମୁଖ ପ୍ରଶିକ୍ଷଣରେ ସହଯୋଗ କରିଥିଲେ । ପ୍ରଶାସନିକ ଅଧିକାରୀ ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ରୀନା ରାଉତ, ଯୁବ ରେଡକ୍ରସ ଅଧିକାରୀ ଡକଫର ମନସ୍ୱିନୀ ପଟ୍ଟନାୟକ, ରେଞ୍ଜର୍ସ ଅଧିକାରୀ ସ୍ନିଗ୍ଧା ରାଣୀ ମୁଦୁଲି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମେରୁ ପର୍ବରେ ଦଣ୍ଡୁଆଙ୍କ ଆକସ୍ମିକ ମୃତ୍ୟୁ

ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡା ସହରାଞ୍ଚଳର ଶ୍ରୀ ନୀଳକଣ୍ଠେଶ୍ୱର ଦେଙ୍କ ମନ୍ଦିର ପରିସରରେ ମେରୁପର୍ବ ପାଳନ ଅବସରରେ ଜନୈକ ଦଣ୍ଡୁଆଙ୍କର ଆକସ୍ମିକ ମୃତ୍ୟୁ ଘଟିଛି । ମୃତ ଦଣ୍ଡୁଆ ଜଣଙ୍କ ସହରାଞ୍ଚଳର ୧୩ ନମ୍ବର ଓ୍ୱାର୍ଡ ଉମାଦେୀସାହିର ବାସିନ୍ଦା ରାମଚନ୍ଦ୍ର ମହାନ୍ତି (୬୫) ।ଦଣ୍ଡୁଆ ଭକ୍ତ ଭାବେ ଶ୍ରୀ ନୀଳକଣ୍ଠେଶ୍ୱର ଦଣ୍ଡକାମନା ପୀଠରେ ଗତ ୧୩ ଦିନ ହେଲା ନିଷ୍ଠାର ସହ ଉପବାସ କରି ଆସୁଥିଲେ ।ଦଣ୍ଡ ପର୍ବର ଅନ୍ତିମ ଦିବସରେ ସମସ୍ତଙ୍କ ସହ ସ୍ନାନସାରି ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିବା ସମୟରେ ତାଙ୍କର ଶରୀର ଅସୁସ୍ଥତା ଅନୁଭବ କରିବାରୁ ପାଟଦଣ୍ଡୁଆ ତାଙ୍କୁ ପାଦୁକ ସେବନ କରିବା ପାଇଁ ଦେଇଥିଲେ । କିନ୍ତୁ ଅର୍ଦ୍ଧରାତ୍ରୀ ବେଳକୁ ତାଙ୍କର ଅବସ୍ଥା



ସଂକଟାପନ୍ନ ଥିବା ଦେଖି ତୁରନ୍ତ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି କାରଣରୁ ମନ୍ଦିର ପରିସର ଶୋଧ କରାଯାଇଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କର ଶ୍ୟଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା ।ସେ ଜଣେ ସରଳ, ମେଳାପୀ, ପରୋପକାରୀ, ମିଷ୍ଟଭାଷୀ ଓ ବନ୍ଧୁତ୍ସଳ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ରାଜେଶ ମୁଖାଗ୍ନୀ ଦେଇଥିଲେ । ତାଙ୍କର ବିୟୋଗରେ ଦଣ୍ଡକାମନା ଗୃହର ସଦସ୍ୟମାନେ ଶୋକ ପ୍ରକାଶ କରି ସମବେଦନା ଜଣାଇବା ସହ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥି ଜଣାଯାଇଛି ।

# ଫତେଗଡ଼ରେ କଣ୍ଟାଗଡା ଯାତ୍ରା

ଭାପୁର, (ସବ୍ୟୁ): ନୟାଗଡ ଜିଲ୍ଲାର ଭାପୁର ବ୍ଲକ ଫତେଗଡ ଗ୍ରାମେର ମା କାଳିକା ମନ୍ଦିର ଠାରେ ବହୁ ଧୁମଧାମର ସହିତ ମେରୁ ଦିନ ପାଳିତ ହୋଇଛି କଣ୍ଟାଗଡା ଯାତ୍ରା ।ଏଭଳି ନିଆରା ଯାତ୍ରାକୁ ଦେଖିବା ଥିବା ଦଣ୍ଡୁଆ ଭକ୍ତମାନେ ମାଙ୍କ ପାଖରେ ନିଜ ଡାହାଣ ଜଙ୍ଘରୁ ରକ୍ତକୁ ବାହର ମାଙ୍କୁ ଭୋଗ ଆକାରରେ ସମର୍ପଣ କରିଥାନ୍ତି ।ଯାହା ଫଳରେ ମାନସିକ ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ବେତ କଣ୍ଟାରେ ମାନସିକଧାରୀ



ପାଇଁ ହଜାର ହଜାର ଭକ୍ତ ଏକତ୍ରିତ ହୋଇଥିଲେ ।ସୂଚନା ଅନୁଯାଇ ଚୈତ୍ର ମାସରେ ଅନେକ ଜାଗାରେ ଝାମୁ ଯାତ୍ରା ଏବଂ କଣ୍ଟାଗଡା ଯାତ୍ରା ଅନୁଷ୍ଠିତ ହୋଇଥାଏ ।କିନ୍ତୁ ଫତେଗଡ ଗ୍ରାମରେ ଝାମୁଯାତ୍ରା ଅଲଗା ଏବଂ ନିଆରା,ଏଠି ମା କାଳୀକାଙ୍କ ପାଖରେ ମାନସିକ ଦଣ୍ଡୁଆ ଗଡିଥିଲେ ।, ତେବେ ଏଭଳି ଦୃଶ୍ୟକୁ ଦେଖିବା ପାଇଁ ହଜାର ଭକ୍ତ ବହୁ ଦୂର ଦୁରାନ୍ତରୁ ଆସିଥାନ୍ତି ।ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଫତେଗଡ ଗ୍ରାମର ଯୁବକ ସଂଘ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ସହିତ,ଥଣ୍ଡା ଦହି ପାଣିର ବ୍ୟବସ୍ଥା କରାଯାଇଥିଲା ।

# ଛଣଗିରି ଛକରେ ପଥଚାରୀଙ୍କୁ ପଣା ବଣ୍ଟନ

ନିରାକାରପୁର,, (ସବ୍ୟୁ): ପବିତ୍ର ମହାବିଷୁବ ସଂକ୍ରାନ୍ତ ତଥା ଓଡ଼ିଆ ନବବର୍ଷ ଅବସରରେ ଖୋର୍ଦ୍ଧା ଜିଲ୍ଲା ଛଣଗିରି ଗ୍ରାମରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ସୁଶାନ୍ତ କୁମାର ପରିଡାଙ୍କ ପ୍ରତ୍ୟକ୍ଷ ସହଯୋଗରେ ପଥଚାରୀ ଓ ଯାତ୍ରୀମାନଙ୍କୁ ଶୀତଳ ପଣା ପ୍ରଦାନ କରାଯାଇଛି ।ନୟାଗଡ଼-ପୁରୀ ନୂଆ ଜଗନ୍ନାଥ ସଡ଼କର ଛଣଗିରି ଛକ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ଉତ୍ସାହୀ ଯୁବକ ସାମିଲ ହୋଇଥିଲେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ତୃଷା ମେଣ୍ଟାଇବା ପାଇଁ ସେମାନେ ନିଜ ହାତରେ ସୁସ୍ୱାଦୁ ପଣା ପ୍ରସ୍ତୁତ କରି ବଣ୍ଟନ କରିଥିଲେ । ଏହି ସେବା କାର୍ଯ୍ୟରେ ଶ୍ରୀ ପରିଡାଙ୍କ ସମେତ ଅଞ୍ଚଳର ବହୁ ଯୁବ ସହଯୋଗୀ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# ହରି ସୁବୁଦ୍ଧି ପାଟଣାରେ ଅରଟି ବୁଲା ଉତ୍ସବ

କଣ୍ଟିଲୋ ,(ସବ୍ୟୁ): ପବିତ୍ର ମହାବିଶୁବ ସଂକ୍ରାନ୍ତି ଉପଲକ୍ଷେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ କଣ୍ଟିଲୋ ହରି ସୁବୁଦ୍ଧି ପାଟଣା ଅନ୍ତର୍ଗତ ହରିଜନ ପିଠିରେ ଅଙ୍କୁଶ କଣ୍ଟା ଫୋଡା ଯାଇଥିଲା । ନଗର ପରିକ୍ରମା କରିବା ପରେ ତାପସ ୨୦ ଫୁଟ ଉଚ୍ଚା ଏକ ଖମ୍ବରେ ଚଢ଼ି ଉପରକୁ ଉଠିଥିଲେ



ସାହିରେ ୫୩ ତମ ଅରଟି ବୁଲା ଉତ୍ସବ ଆଜି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ପିଠିରେ ପାଟ ମରାଯାଇ ଜନୈକ ନାଁ ବାଳକ ତାପସ କୁମାର ନାୟକଙ୍କ । ସେଠାରେ ପାଟ ମରା କଣ୍ଟାରେ ଓହଳି ଭୂମି ସହିତ ସମନ୍ତରା ରହି ଚକର କାଟିଥିଲେ । ଏହି କଷ୍ଟ ଲବ୍ଧ ଉପାସନାକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ ।

# ଜୟ ଶ୍ରୀରାମ ଧ୍ୱନୀରେ କମ୍ପିଲା ସହର

ବାଲୁଗାଁ ,(ସବ୍ୟୁ): ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡ ତରଫରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ଏହି ଶୋଭାଯାତ୍ରା ଐତିହାସିକ ମାମୁଁ ଭଣଜା ପାହାଡ଼ ସ୍ଥିତ ହନୁମାନ ମନ୍ଦିରରୁ ବାହାରି ବାଲୁଗାଁ ନଗର ପରିକ୍ରମା କରିଥିଲା । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଶୋଭାଯାତ୍ରାରେ ସାମିଲ ହୋଇ ବଜରଙ୍ଗଦଳ କର୍ମୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଜୟ ଶ୍ରୀରାମ ଓ ଜୟ ବଜରଙ୍ଗବାଲୀଙ୍କ ଧ୍ୱନିରେ ବାଲୁଗାଁ ସହର ପ୍ରକମ୍ପିତ ହୋଇଉଠିଥିଲା । ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥିଲା । ଅନୁରୂପ ଭାବେ ଏହି ଶୋଭାଯାତ୍ରା ବାଣପୁର ନଗର ପରିକ୍ରମା କରି ଐତିହାସିକ ପଲଟଣ ପଡିଆରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ବଜରଙ୍ଗ ଦଳ କର୍ମୀ ସାମିଲ ହୋଇଥିଲେ । ବାଲୁଗାଁ ଆଇ ଆଇ ସି ଜୟ ପ୍ରକାଶ ପରିଡା ଏବଂ



ବାଣପୁର ଆଇ ଆଇ ସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

## ରାସଗୋବିନ୍ଦପୁର ଆଶ୍ରମ ସ୍କୁଲ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ଶୋକ, ୩ ଲକ୍ଷ ଲେଖାଏଁ ସହାୟତା ଘୋଷଣା

ଭୁବନେଶ୍ୱର (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ତହସିଲର ଆଶ୍ରମ ସ୍କୁଲର ଛାତ୍ରୀ ରୂପାଲି ବେଶ୍ରାଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

ଏହା ସହିତ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଆର୍‌ଡିସି ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କେଉଁ ପରିସ୍ଥିତିରେ ପିଲାମାନେ ଅସୁସ୍ଥ ହେଲେ ଏବଂ ରୂପାଲିଙ୍କର ମୃତ୍ୟୁ ଘଟିଛି, ସେ ସମ୍ପର୍କରେ ସବିଶେଷ ତଦନ୍ତ କରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆର୍‌ଡିସି ଆସନ୍ତା କାଲି ଘଟଣାସ୍ଥଳକୁ ଯାଇ ଘଟଣା ସଂପର୍କରେ ତଦନ୍ତ କରିବେ ।

ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷର ସହାୟତା ଘୋଷଣା କରିଛନ୍ତି । ପିଲା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆସନ୍ତା କାଲି ଏକ ଡାକ୍ତରୀ ଦଳ ମଧ୍ୟ ରାସଗୋବିନ୍ଦପୁର ଗସ୍ତ କରିବେ ।

# ମନ୍ଦାରିଆପାଟଣାରେ ନବବର୍ଷ ଉପଲକ୍ଷେ ସାମାଜିକ ସଭା

ଫୁଲନଖରା,(ସବ୍ୟୁ)::ପାହାଳ ଥାନା ଅନ୍ତର୍ଗତ ଫୁଲନଖରାନିଆଳି ମୁଖ୍ୟ ରାସ୍ତାର ବାମପାର୍ଶ୍ୱରେ ଅବସ୍ଥିତ ମନ୍ଦାରିଆପାଟଣା ଗ୍ରାମର ଗଡ଼ା ନିକଟରେ ଥିବା ମା ତାରେଣୀ ମନ୍ଦିର ପରିସରରେ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ଫ୍ରେଣ୍ଡସୟୁନିଅନ କ୍ଲବ ଆନୁକୂଲ୍ୟରେ ଏକ ଭବ୍ୟ ଓ ସଫଳ ସାଂସ୍କୃତିକ ସଭା ଆୟୋଜିତ ହୋଇଯାଇଛି । ପବିତ୍ର ପଣା ସଂକ୍ରାନ୍ତିର ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ଉତ୍ସବମୟ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ "ସବୁଦିନ ଟିଭି' ଓ "କଥା ପ୍ରସଙ୍ଗ' ପତ୍ରିକାର ମୁଖ୍ୟ ସମ୍ପାଦକ ଭବାନୀ ଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପାହାଳ ଥାନାର ଅଧିକାରୀ ଅଶ୍ୱିନୀ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ଓ ସଂସ୍କୃତିର ସୁରକ୍ଷା



ପାଇଁ ଏପରି କାର୍ଯ୍ୟକ୍ରମର ଅତ୍ୟନ୍ତ ଆବଶ୍ୟକ ବୋଲିମତ ପୋଷଣ କରିଥିଲେ ।କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ଓଡ଼ିଆ ନବବର୍ଷର ଐତିହ୍ୟ, ପରମ୍ପରା ଓ ସାମାଜିକ ମୂଲ୍ୟବୋଧ ଉପରେ ଉଚ୍ଚକୋଟିର ଅଭିଭାଷଣ ରଖିଥିଲେ । ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସନାତନ ପରିଜା, ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ, ଅନୁପମା ଦାଶ ଓ ଧୀରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ନବବର୍ଷର ମହ%୦ ଓ ସମାଜ ଗଠନରେ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏହି ସଭାକୁ ଆହୁରି ଆକର୍ଷଣୀୟ କରିଥିଲା ବିଶିଷ୍ଟ କଳାକାର ରୁଦ୍ର ମନ ଗୁପଙ୍କ ଗ୍ରୁପ ଦ୍ୱାରା ପରିବେଷିତ ଆଧ୍ୟାତ୍ମିକ ଭଜନ ଓ ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ।। । କାର୍ଯ୍ୟକ୍ରମକୁ ସଫଳ କରିବାରେ ଫ୍ରେଣ୍ଡସୟୁନିଅନ କ୍ଲବର ସଭ୍ୟମାନଙ୍କ ଭୂମିକା ଅତ୍ୟନ୍ତ ସ୍ମରଣୀୟ ରହିଥିଲା । ସନାତନ ସାହୁ, ବିଶ୍ୱରଞ୍ଜନ ସାହୁ, ଲଳିତ ମହାପାତ୍ର, ଭଦ୍ରେଶ୍ୱର ଦାସ, ଯଜ୍ଞଦତ୍ତ ପଣ୍ଡା, ସିଲନ ଦାସ ସହିତ ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇ ଅନୁଷ୍ଠାନକୁ ସୁଚାରୁ ଭାବେ ସଞ୍ଚାଳନ କରିଥିଲେ । ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇ ତାଙ୍କର ସମ୍ମାନ ବଢ଼ାଯାଇଥିଲା । ଓଡ଼ିଆ ପରମ୍ପରାକୁ ଜୀବନ୍ତ ରଖିବା ଉଦ୍ଦେଶ୍ୟରେ କ୍ଲବ ପକ୍ଷରୁ ଫୁଲନଖରାନିଆଳି ମୁଖ୍ୟ ରାସ୍ତାରେ ଯାତାୟାତ କରୁଥିବା ଶତାଧିକ ଯାତ୍ରୀ ଓ ପଥଚାରୀଙ୍କୁ ପଣା ସଂକ୍ରାନ୍ତିର ପାରମ୍ପରିକ ପାନୀୟ "ଦହି ପଣା' ବଣ୍ଟନ କରାଯାଇଥିଲା । ଏହି ମାନବୀୟ ସେବା କାର୍ଯ୍ୟକ୍ରମ ସ୍ଥାନୀୟ ଲୋକମାନଙ୍କ ମନକୁ ଛୁଇଁଯାଇଥିଲା । ଫ୍ରେଣ୍ଡସୟୁନିଅନ କ୍ଲବର ଏପରି ସାମାଜିକ ଓ ସାଂସ୍କୃତିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ଭୂୟସୀ ପ୍ରଶଂସା କରିଥିଲେ ।

## ସମ୍ପାଦକୀୟ

# ଦିଲ୍ଲୀ-ଡେରାଡୁନ ଏକ୍ସପ୍ରେସ ରାଜପଥ

୨୦୪୭ ଅଗଷ୍ଟ ୧୫ରେ ଯେତେବେଳେ ଭାରତ ତାହାର ଶତବାର୍ଷିକ ଉତ୍ସବ ପାଳନ କରିବ, ଏବେଠାରୁ ତାହାର ପ୍ରସ୍ତୁତି ଚାଲିଛି । ଭାରତ ବିଗତ ୨୦୨୧ ମାର୍ଚ୍ଚରୁ ଗୁଜରାଟର ସାବରମତୀ ଆଶ୍ରମରୁ ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ 'ଆଜାଦୀ କି ଅମୃତ ମହୋତ୍ସବ' ପାଳନର ଯେଉଁ ଶୁଭାରମ୍ଭ କରିଥିଲା, ତାହା ଭାରତରେ ସର୍ବତ୍ର ଆନନ୍ଦ ଓ ଉଲ୍ଲାସ ସହକାରେ ୨୦୨୩ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିଥିଲା । ଏହାପରେ ଭାରତ ଆଉ ୨୫ ବର୍ଷ ପାଇଁ ଏକ ନୂତନ କାଳଖଣ୍ଡରେ ପ୍ରବେଶ କରି ଅଭିନବ କାର୍ଯ୍ୟଧାରା ଜରିଆରେ ୨୦୪୭ ଅଗଷ୍ଟ ୧୫ ସୁଦ୍ଧା ବିକଶିତ ଭାରତରେ ପରିଣତ ହୋଇ କେବଳ ସାରା ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ତାହାର ମର୍ଯ୍ୟାଦା ରଖିବା ସହିତ ସ୍ୱାବଲମ୍ବନଶୀଳ ହୋଇ ପାରିବ ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶା ପ୍ରକାଶ କରିଛନ୍ତି ।

ଭାରତର ବିକାଶ କ୍ଷେତ୍ରରେ ଦିଲ୍ଲୀ-ଡେରାଡୁନ ଏକ୍ସପ୍ରେସ ସଡ଼କପଥ ଯାହାକୁ ଡେରାଡୁନଠାରେ ଶ୍ରୀ ମୋଦି ଏପ୍ରିଲ ୧୪ (୨୦୨୬)ରେ ଉଦ୍‌ଘାଟନ କରିଛନ୍ତି, ତାହା ଯେ ବିକଶିତ ଭାରତ ପଥରେ ଏକ ନୂତନ ଦୃଷ୍ଟାନ୍ତ ଏଥିରେ ସନ୍ଦେହ ନାହିଁ ।

ସୌଭାଗ୍ୟବଶତଃ ଠିକ୍ ମାସକ ତଳେ ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନଠାରେ ଏହି ପ୍ରକଳ୍ପକୁ ପରିଦର୍ଶନ କରିବାକୁ ଭାରତ ସରକାରଙ୍କ ପି.ଆଇ.ବି ଆନୁକୂଲ୍ୟରେ ଆମେ କେତେଜଣ ସାମ୍ବାଦିକ ଉତ୍ତରାଖଣ୍ଡ ଗସ୍ତରେ ଯାଇଥିଲୁ-ଗତ ୧୪ ମାର୍ଚ୍ଚ



୨୦୨୬ରେ । ୨୩୫ କିଲୋମିଟରରୁ ହ୍ରାସ ପାଇ ଏହି ସଡ଼କ ୨୧୨ କିଲୋମିଟରରେ ପହଞ୍ଚିଥିଲା । ୨୧୨ କିଲୋମିଟର ବିଶିଷ୍ଟ ଏ ଅଦ୍ୱିତୀୟ ପ୍ରକଳ୍ପଟିର କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ଥିଲା । ଦିଲ୍ଲୀ-ଡେରାଡୁନ ଏକ୍ସପ୍ରେସ ୱେ ବା ଡେରାଡୁନ ଇକୋନମିକ କରିଡର ପ୍ରକଳ୍ପ ଏକ ଅତ୍ୟାଧୁନିକ ସଡ଼କ ପଥର ପ୍ରକଳ୍ପ ବୋଲି ସେଦିନ ମନେ ହୋଇଥିଲା । ୬ ରୁ ୧୨ ଟିକିଆ ଲେନ ବିଶିଷ୍ଟ ଏହି ସଡ଼କ ପଥ ଏପରି ତିଆରି ହୋଇଛି ଯେ ସେ ପଥର ଉଭୟ ପାର୍ଶ୍ୱରୁ ବନ୍ୟଜନ୍ତୁମାନେ ଅଟିରେ ଚଳାଚଳ କରିପାରିବେ । ହାତୀ ପ୍ରଭୃତି ବିଭିନ୍ନ ରାଜପଥ ଦେଇ ଅତିକ୍ରମ କଲାବେଳେ ସେମାନେ ନିଜେ ବେଳେ ବେଳେ ରାସ୍ତା ଦୁର୍ଘଟଣାର ଶିକାର ହୋଇ ମୃତାହତ ହୋଇଥାନ୍ତି । ମାତ୍ର ଏହି ନୂତନ ସଡ଼କ ପଥରେ ବନ୍ୟଜନ୍ତୁମାନେ ଅଟିରେ ଅତିକ୍ରମ କରି ସେମାନଙ୍କ ଲକ୍ଷ୍ୟସ୍ଥଳ ଜଙ୍ଗଲରେ ପହଞ୍ଚି ପାରିବେ,ଦୁଇଟି ଅଣ୍ଡର ପାସ୍ ଦେଇ । ଏସିଆର ଏହା ବୃହତମ ବନ୍ୟଜନ୍ତୁ ଚଟାଣ ବୋଲି ଜଣାପଡିଛି ।

ଉଲ୍ଲେଖନୀୟ ଯେ ୨୦୨୧ରୁ ଏହି ପ୍ରକଳ୍ପଟି ଆରମ୍ଭ ହୋଇଥିଲେ ମଧ୍ୟ ବିଳମ୍ବିତ ହୋଇଥିଲା । କାରଣ ସନ୍ଧ୍ୟାପରେ ବନ୍ୟଜନ୍ତୁମାନଙ୍କ ଚଳପ୍ରଚଳ ଯୋଗୁଁ ଏହି ବିରାଟ ପ୍ରକଳ୍ପର କାର୍ଯ୍ୟ ବନ୍ଦ ରଖିବାକୁ ପଡୁଥିଲା । ଅବଶ୍ୟ ୨୦୨୫ରେ ଯାନବାହନ ଚଳାଚଳ ସେହି ସଡ଼କ ପଥରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିଲା । ପୂର୍ବରୁ ସଡ଼କ ପଥରେ ଡେରାଡୁନରୁ ନୂଆଦିଲ୍ଲୀ ଯିବାକୁ ପ୍ରାୟ ୬ ଘଣ୍ଟା ସମୟ ଲାଗୁଥିଲା । ମାତ୍ର ଏବେ ତାହା କମିଯାଇ ଅଢ଼େଇ ଘଣ୍ଟା ଲାଗୁଛି ।

୩୦୭ ଜାତୀୟ ରାଜପଥର ଅର୍ନ୍ତଭୁକ୍ତ ଏହି ପ୍ରକଳ୍ପଟି ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଡେରାଡୁନ ସହରଟି ପୂର୍ବାପେକ୍ଷା ବୃଦ୍ଧି ପାଉଛି । ଏହାର ଜନସଂଖ୍ୟା ସମେତ କୋଠାବାଡ଼ି ମଧ୍ୟ ବଢୁଛି । ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି ।

ବନ୍ୟ ଜୀବଜନ୍ତୁ କିପରି ନିରାପଦରେ ଅଣ୍ଡର ପାସ୍ ( ରାସ୍ତା ତଳେ ନିର୍ମିତ ରାସ୍ତା) ଦେଇ ଯାଇ ପାରିବେ, ସେଥିପାଇଁ ବ୍ୟବସ୍ଥା ହୋଇଛି । ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶ ମଝିରେ ଏହି ବୃହତ ପ୍ରକଳ୍ପଟି ନିର୍ମିତ । ମଝିରେ ରାଜାଜୀ ଜାତୀୟ ପାର୍କ ମଧ୍ୟ ରହିଛି । ପୂର୍ବରୁ ଏହି ରାସ୍ତାରେ ବହୁ ଗାଡ଼ି ମୋଟର ଚଳାଚଳ କରୁଥିଲା । ରାସ୍ତା ଦୁର୍ଘଟଣା ମଧ୍ୟ ହେଉଥିଲା ଓ ବନ୍ୟଜନ୍ତୁ ମଧ୍ୟ ରାସ୍ତା ପାରି ହୋଇ ଯିବା ବେଳେ ଦୁର୍ଘଟଣାର ଶିକାର ହେଉଥିଲେ । ଜଙ୍ଗଲ ଜମି ଦେଇ ରାସ୍ତା ଯାଇଥିବାରୁ ସେଥିପାଇଁ ସର୍ବୋଚ୍ଚ ଅଦାଲତଙ୍କ ଆଦେଶକୁ ଜଙ୍ଗଲ ଆଇନ ଦୃଷ୍ଟିରୁ ଅମାନ୍ୟ କରାଯାଇ ନାହିଁ । ଏଥିରେ ଚଳାଚଳ କରିବା ପାଇଁ ମୋଟର ଗାଡ଼ିର ସ୍ପିଡ଼ ଲିମିଟକୁ ୧୦୦ କିଲୋମିଟର ମଧ୍ୟରେ ରଖାଯାଇଛି । କେବଳ ଦିଲ୍ଲୀରୁ ଡେରାଡୁନ ମଧ୍ୟରେ ଏହି ପ୍ରକଳ୍ପ ପାଇଁ ୧୨ ହଜାର କୋଟି ଟଙ୍କା ପାଇଁ ବ୍ୟୟ ବରାଦ ହୋଇଥିଲା । ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହି ସଡ଼କ ପଥର ଚାହିଦା ବୃଦ୍ଧି ପାଇବ । ନୂତନ ପ୍ରଯୁକ୍ତି ବିଦ୍ୟାରେ ଏହି ପ୍ରକଳ୍ପଟି ନିର୍ମିତ ହୋଇଛି । ଏହି ସଡ଼କରେ ଯେଉଁ ବତୀଖୁଣ୍ଟଗୁଡ଼ିକ ଆଲୋକ ପ୍ରଦାନ ପାଇଁ ରହିଛି, ସେ ସବୁ କୀଟ ପତଙ୍ଗଙ୍କୁ ଆକର୍ଷିତ କରି ନଥାଏ । ଫଳରେ ରାସ୍ତା ଦୁର୍ଘଟଣାକୁ ସହଜରେ ଏଡା ଯାଇପାରିବ ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,**
**ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ**
**ମୁଁ ଚୋରିକଲି ବୋଲି କହିବାକୁ ହେବ ।**
(ମହାତ୍ମା ଗାନ୍ଧି)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ଆଜିର ଅନୁଚିନ୍ତା

# ଜୀବନର ଛନ୍ଦ



ରତ୍ନାକର ରାଉତ

ଜୀବନ କାହାକୁ କେମିତି ଲାଗେ ତାହା ଅଲଗା କଥା, ମାତ୍ର ପ୍ରତ୍ୟେକ ଜୀବନର ଏକ ନିଜସ୍ୱ ଛନ୍ଦ ଅଛି, ଏହା ଅନସ୍ୱୀକାର୍ଯ୍ୟ । ଜୀବନ ଆରମ୍ଭରୁ ଶେଷଯାଏଁ ଅବାରିତ ପ୍ରବାହିତ । ନିଜ ଜୀବନକୁ ଜଣେ କେମିତି ଗ୍ରହଣ କରିବ, ତାହା ତାର ନିଜସ୍ୱ ବିଚାର । ତା ନିଜର ପରିବେଶ, ପରିସ୍ଥିତି, ଜୀବନକୁ ନେଇ ତାର ଅନୁଭୂତିକୁ ଆଧାର କରି ସେ ଜୀବନ ସଂପର୍କରେ ଏକ ଟିପ୍ପଣୀ ଦେଇପାରେ । ତାହା ଖୁବ୍ ଭଲ ହୋଇପାରେ, ଖରାପ ମଧ୍ୟ ହୋଇପାରେ । ତାହା ଘିଅ ମହୁରେ ଭାସୁଥିବା ସୁଖମୟ ଜୀବନ ହୋଇପାରେ ଅବା ଦୁଇ ଓଳି ଦୁଇ ମୁଠା ଅନ୍ନ ପେଟପାଇଁ ଯୋଗାଡ଼ କରିପାରୁ ନ ଥିବା ଦୁଃଖପୂର୍ଣ୍ଣ ଜଞ୍ଜାଳମୟ ଜୀବନ ହୋଇପାରେ । କ୍ଷମତା, ପ୍ରତିପତ୍ତି, ପ୍ରତିଷ୍ଠା ଓ ସଫଳତାର ଚୂଡ଼ା ଛୁଇଁଥିବା ଜୀବନ ହୋଇପାରେ ପୁଣି ଅସଫଳତା, ଅସହାୟତା ଭରା ବିଷାଦମୟ ଜୀବନ ହୋଇପାରେ ।

ମାତ୍ର ଯେଉଁ ଅବସ୍ଥା, ପରିସ୍ଥିତି ଓ ପରିବେଶ ଭିତରେ ଜୀବନ ବିତୁନା କାହିଁକି, ପ୍ରତ୍ୟେକ ଜୀବନରେ ଏକ ଅନ୍ତର୍ନିହିତ ଛନ୍ଦ ଅଛି ଯାହାକି ସୂକ୍ଷ୍ମ ଦୃଷ୍ଟିରେ ଜୀବନକୁ ପଢ଼ିଲେ ତାହା ପ୍ରତିଭାତ ହୁଏ । ପ୍ରଥମେ ଧରିନେବାକୁ ହେବ ଜନ୍ମରୁ ମୃତ୍ୟୁଯାଏଁ, ଏ ଯେଉଁ ନାତିଦୀର୍ଘ ଅଥବା ଆପାତତଃ ଦୀର୍ଘ ଜୀବନଯାତ୍ରା, ସେହି ଯାତ୍ରାରେ କୌଣସି ବ୍ୟକ୍ତିର କେବଳ ସୁଖଦ ଅନୁଭୂତି ନ ଥାଏ ।

ସେ ରାଜା ହେଉ ଅବା ରଙ୍କ, ପ୍ରତ୍ୟେକଙ୍କ ଜୀବନରେ ଉଠାପକା, ଉତ୍ଥାନପତନ, ସୁଖଦୁଃଖ, ଭଲମନ୍ଦ ଆଦି ମିଶ୍ରିତ ଅନୁଭୂତି ଥାଏ । କିଛି ଲୋକଙ୍କ ଦୁଃଖ ବାହାରକୁ ଦିଶେନି । କାରଣ ସେମାନେ ନିଜ ଦୁଃଖକୁ ନିଜେ ପାକୁଳି କରି, ସେହି ଦୁଃଖଜନିତ ବିଷାଦର ଗରଳ ପାନକରି ନିରବ ଥାଆନ୍ତି । ଯଦିଓ ନିଜ ଭିତରେ ଅନେକ ସୁନାମୀର ତୀକ୍ଷ୍ଣ ଢେଉ ମାଡ଼ରେ ଆକ୍ରାମାକ୍ରା ହୋଇପଡ଼ନ୍ତି, କିନ୍ତୁ ଦୁନିଆ ଆଗରେ ସେମାନେ ଥାଆନ୍ତି ନିର୍ବିକାର, ଅବିଚଳିତ ଓ ଦୃଢ଼ । ହୁଏତ ଦରକାର ବେଳେ ଖୁସି ଥିବାର ଅଭିନୟ କରନ୍ତି । ପରନ୍ତୁ ଭିତରେ ଭିତରେ ଆପଣା ପୀଡ଼ାରେ ଆପେ ଉବୁଟୁବୁ ହେଉଥାଆନ୍ତି । ସେମାନଙ୍କର କାହାଠୁ କିଛି ସହାନୁଭୂତି ପାଇବାର ଲାଳସା ନ ଥାଏ ।

ଦୁଃଖ ଯନ୍ତ୍ରଣା ଭୋଗୁଥିବା ସମୟରେ ଅନ୍ୟର ପରାମର୍ଶ, ଉପଦେଶ, ସତର୍କବାଣୀ ଓ ସହାନୁଭୂତି ବେଳେବେଳେ ଯନ୍ତ୍ରଣା ଉପଶମ ନିମନ୍ତେ ମୋଦକ ଭଳି କାମ ନ କରି ବରଂ କ୍ଷତ ଉପରେ ଲୁଣର ପ୍ରଲେପ ଦେଲାଭଳି ଦୁଃଖ ଯନ୍ତ୍ରଣାକୁ ବହୁଗୁଣିତ କରିଥାଏ । ତେଣୁ ଆତ୍ମାଭିମାନୀ ଓ ସ୍ୱାଭିମାନୀ ବ୍ୟକ୍ତିମାନେ ନିଜେ ଯନ୍ତ୍ରଣାର ଜହର ସିନା ଆକଣ୍ଠ ପାନ କରନ୍ତି, ମାତ୍ର ଅପରକୁ ଜଣେଇ ଦିଅନ୍ତି ନାହିଁ ତାଙ୍କ ଭିତରର ଦୁଃଖ କେତେ ତୀବ୍ର ଓ ଜଟିଳ ଏବଂ କେତେ ଗହୀରରେ ଥାଇ ସେ ତାଙ୍କୁ କାତର ବିକଳ କରୁଛି ।

ତେଣୁ ଉପରକୁ ସେମାନେ ଠିକଠାକ୍ ଥିବାର ସନ୍ଦେଶ ଦେଇଥାଆନ୍ତି । ଏହା ପଛରେ ମଧ୍ୟ ଅନ୍ୟ ଏକ ମନସ୍ତତ୍ତ୍ୱ ଥାଏ । ତାହାକୁ ନିମ୍ନୋକ୍ତ ପଂକ୍ତିରେ ଅନୁଧ୍ୟାନ କରାଯାଇପାରେ,

'ନିଜ ଦୁଃଖ ଭାରେ ଆନତ/ ଭବେ ସକଳ ପ୍ରାଣୀ/ କି' ଲାଭ ତା ଦୁଃଖେ ମିଶାଇ/ ଆନ ବିଷାଦ ଆଣି ।'

ଏ ସଂସାରରେ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସମସ୍ୟାଜନିତ ଦୁଃଖ ଓ ପୀଡ଼ାରେ ମ୍ରିୟମାଣ । ତେଣୁ ବେଡ଼ି ଉପରେ କୋରଡ଼ା ଲଦିଲା ଭଳି ସେହି ପୀଡ଼ିତ ବ୍ୟକ୍ତି ଉପରେ ଅନ୍ୟ ବ୍ୟକ୍ତିଙ୍କର ବିଷାଦର ବୋଝ ଲଦିଦେଇ ତାଙ୍କୁ ଆଉ ଅଧିକ ବିଷାଦଗ୍ରସ୍ତ କରିବାରେ କିଛି ସୁଫଳ ମିଳି ନ ଥାଏ ।

ଯେଉଁମାନେ ସ୍ଥିର ଚିତ୍ତ, ସ୍ଥିତପ୍ରଜ୍ଞ ସେମାନେ ସୁଖ ଓ ଦୁଃଖରେ ଅବିଚଳିତ ଥାଆନ୍ତି । ଯେଉଁପରି ସୂର୍ଯ୍ୟ ଉଦୟ ହେଲାବେଳେ ତାମ୍ରବର୍ଣ୍ଣ ଧାରଣ କରିଥାଆନ୍ତି ଏବଂ ଅସ୍ତବେଳେ ମଧ୍ୟ ସେହି ତାମ୍ରବର୍ଣ୍ଣ ଧାରଣକରି ଅସ୍ତାଚଳରେ ବିଦାୟ ନିଅନ୍ତି, ଠିକ୍ ସେହିପରି ମହାନ୍ ବ୍ୟକ୍ତିମାନେ ଅର୍ଥାତ୍ ଯେଉଁମାନେ ମହତଜନ ସେମାନେ ଭଲ ଓ ମନ୍ଦ, ସଫଳତା ଓ ବିଫଳତା, ସୁଖ ଓ ଦୁଃଖ ସକଳ ପରିସ୍ଥିତିରେ ସମାନ ଆଚରଣ ପ୍ରଦର୍ଶନ କରନ୍ତି । ନିମ୍ନୋକ୍ତ ଶ୍ଳୋକରେ ଏହା ଖୁବ୍ ସୁନ୍ଦର ଭାବରେ ପ୍ରତିଫଳିତ ହୋଇଛି ।

ଉଦେତି ସବିତା ତାମ୍ର ତାମ୍ର ଏବଂ ଅସ୍ତଂ ଏତି ଚ/ ସଂପତ୍ତୌ ଚ ବିପତୌ ଚ ମହତାଂ ଏକରୂପତା ।'

ସେହିପରି ଯାହାକୁ ସୁଖ ବୋଲି କୁହାଯାଏ ଏବଂ ଯାହାର ପ୍ରାପ୍ତି ନିମନ୍ତେ ମଣିଷ ସାରା ଜୀବନ ମରୁ ମରୀଚିକା ପଛରେ ହୃଷ୍ଟ ପାନ୍ଥ ଦଉଡ଼ିଲା ପରି ସୁନାହରିଣ ପାଇବା ଆଶାରେ ଦଉଡୁଥାଏ, ପରିଶେଷରେ ସୁଖତ' ମିଳେ ନାହିଁ ବରଂ ଦୁର୍ମୂଲ୍ୟ ଜୀବନରେ ଅମୂଲ୍ୟ ସମୟର ଅପଚୟ ହୋଇଯାଏ ସେହି କୁହେଳିକା ପଛରେ ଦଉଡ଼ି ଦଉଡ଼ି । କବିଙ୍କ ଭାଷାରେ,

'ସୁଖ ବୋଲି ଯାହା ଜନନେତ୍ରେ ଦିଶେ/ ହାତୁଁ ଆସେ ହାତେ ପଡ଼ିବା ପାଇଁ ସେ/ ସୁଖ ନୁହଁଇଟି ଅଟଇ ସେ ଧୂମ/ ଅନ୍ୟନାମ ତାର ଆକାଶ କୁସୁମ ।'

ସୁଖ ସଂସାରରେ ଡିମିରି ଫୁଲ ପରି, ଯେଉଁ ଫୁଲକୁ କେହି କେବେ ମନଭରି ଦେଖି ନ ଥାଆନ୍ତି କିମ୍ବା ସ୍ପର୍ଶ କରି ନ ଥାଆନ୍ତି । ମାତ୍ର ତାହାକୁ ହାସଲ କରିବା ନିଶାରେ ସାରା ଜୀବନ ବିତେଇ ଦିଅନ୍ତି ।

ସଂସାରରେ ଜୀବନ ଖୁବ୍ ରହସ୍ୟମୟ । ସଦାସର୍ବଦା ଅନିଶ୍ଚିତତା ମଧ୍ୟରେ ସମୟ ଅତିବାହିତ କରୁଥାଏ । ଅନାକାଂକ୍ଷିତ ଅପ୍ରତ୍ୟାଶିତ ଘଟଣା ସବୁ ପ୍ରତିମୁହୂର୍ତ୍ତରେ ଜୀବନକୁ ଅବୋଧ୍ୟ ଓ ଦୁର୍ବୋଧ୍ୟ କରି ଉପସ୍ଥାପିତ କରୁଥାଏ । ସୃଷ୍ଟିର ପ୍ରାରମ୍ଭରୁ ବିଶେଷତଃ ଯେବେଠାରୁ ମଣିଷ ପ୍ରଜାତି ମଧ୍ୟରେ ବୌଦ୍ଧିକ ବିପ୍ଳବ (Cognitive Revolution) ଆରମ୍ଭ ହେଲାଣି, ସେବେଠୁ ମଣିଷ ଜାତି ଜୀବନର ରହସ୍ୟ ଭେଦ କରିବାକୁ ପ୍ରୟାସ ଜାରି ରଖିଛି । ମାତ୍ର ଏ ସଂପର୍କିତ ସକଳ ଅନୁସନ୍ଧିତ୍ସାର କୌଣସି ଶେଷତମ ଅବା ଅନ୍ତିମ ନିଷ୍କର୍ଷ ବାହାରି ପାରିନାହିଁ ।

ଯେତେଯେତେ ଜୀବନ ସଂପର୍କରେ ଅନୁଶୀଳନ ଚାଲିଛି, ସେତେ ଅଧିକରୁ ଅଧିକ ଠିକ୍ ପ୍ରକୃତି ପରି ଜୀବନ ରହସ୍ୟମୟ ହୋଇ ଉଭା ହୋଇଛି ମଣିଷ ସମ୍ମୁଖରେ । କିଏ କିଏ କହୁଥିଲା ବେଳେ ଜୀବନ ସଂସାରରେ ଏକ ଆକସ୍ମିକ ସମ୍ଭାବନା, ସଦା ବିବର୍ତ୍ତିତ ପ୍ରକୃତିରେ ସଂଘଠିତ ସ୍ୱାଭାବିକ ପ୍ରକ୍ରିୟାର ଏକ ଫଳଶ୍ରୁତି, ଆଉ କିଏ କିଏ ମତ ଦିଅନ୍ତି ଜୀବନ ଉଦ୍ଦେଶ୍ୟ ରହିତ ନୁହେଁ ବରଂ କେତେକ ସମ୍ଭାବନାର ଉତ୍ସ ଭାବେ ଆର୍ବିଭୂତ ଧରାରେ, ସାଧନ କରିବାକୁ ସେହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସବୁ ଏଠାରେ ।

**ଯେଉଁ ଅବସ୍ଥା, ପରିସ୍ଥିତି ଓ ପରିବେଶ ଭିତରେ ଜୀବନ ବିତୁନା କାହିଁକି, ପ୍ରତ୍ୟେକ ଜୀବନରେ ଏକ ଅନ୍ତର୍ନିହିତ ଛନ୍ଦ ଅଛି ଯାହାକି ସୂକ୍ଷ୍ମ ଦୃଷ୍ଟିରେ ଜୀବନକୁ ପଢ଼ିଲେ ତାହା ପ୍ରତିଭାତ ହୁଏ । ପ୍ରଥମେ ଧରିନେବାକୁ ହେବ ଜନ୍ମରୁ ମୃତ୍ୟୁଯାଏଁ, ଏ ଯେଉଁ ନାତିଦୀର୍ଘ ଅଥବା ଆପାତତଃ ଦୀର୍ଘ ଜୀବନଯାତ୍ରା, ସେହି ଯାତ୍ରାରେ କୌଣସି ବ୍ୟକ୍ତିର କେବଳ ସୁଖଦ ଅନୁଭୂତି ନ ଥାଏ ।**

ଜୀବନର ଏହି ଆର୍ବିଭାବ ପଛରେ ଏକ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ନିହିତ ଥାଏ ଏବଂ ସେହି ଗୂଢ଼ ରହସ୍ୟର କର୍ତ୍ତା ଏସବୁର ନିୟନ୍ତ୍ରକ ହୋଇ କେଉଁ ଅଦୃଶ୍ୟ ଇଲାକାରୁ ସକଳ କାର୍ଯ୍ୟକଳାପର ନିୟନ୍ତ୍ରଣ କରୁଥାଆନ୍ତି । ଶ୍ରୀମଦ୍ ଭାଗବତର ବାଣୀରେ ଏହି ମତାଦର୍ଶର ପୁଷ୍ଟିକରଣ ଦେଖିବାକୁ ମିଳେ,

(୧) '*କରି କରାଉ ଥାଏଁ ମୁହିଁ/*
*ମୋ ବିନୁ ଅନ୍ୟ ଗତି ନାହିଁ ।*'
(୨) '*ତ୍ରିଗୁଣ ରଜ୍ଜୁ କରେ ଧରି/*
*ମୃଗୀ ନଚାଏ ନରହରି ।*'

ଶ୍ରୀମଦ୍ ଭଗବଦ୍ ଗୀତାର ନିମ୍ନୋକ୍ତ ଶ୍ଳୋକକୁ ମଧ୍ୟ ଅନୁଧ୍ୟାନ କରାଯାଇ ପାରେ-

'*ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ*
*ବ୍ରଜ/ ଅହଂ ତ୍ୱା ସର୍ବପାପେଭ୍ୟୋ*
*ମୋକ୍ଷୟିଷ୍ୟାମି ମା ଶୁଚଃ ।*'
( ଅଧ୍ୟାୟ ୧୮, ଶ୍ଳୋକ ୬୬)

ଏହି ଶ୍ଳୋକର ଅର୍ଥ ହେଉଛି, ସମସ୍ତ ଧର୍ମ (କର୍ତ୍ତବ୍ୟ/ ଆଶ୍ରୟ) ଛାଡ଼ି କେବଳ ମୋର (ଈଶ୍ୱରଙ୍କ ) ଶରଣ ନିଅ ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିବି- ତେଣୁ ଶୋକ କର ନାହିଁ ।

ଉପରୋକ୍ତ ଶାସ୍ତ୍ରୋକ୍ତିରୁ ପ୍ରତୀୟମାନ ହୁଏ, କେଉଁଠି କିଏ ଜଣେ ସର୍ବକାରଣର କାରଣ ସକଳ ସୃଷ୍ଟିର ନିୟନ୍ତା ଅଛନ୍ତି, ଯିଏକି' ଜୀବନର ଆର୍ବିଭାବ, କର୍ମସଂସାଧନ ଓ ପରିଶେଷରେ ତିରୋଧାନ ଆଦି ସକଳ ଛନ୍ଦକୁ ଅନ୍ତରାଳରେ ଥାଇ ପରିଚାଳନା କରୁଛନ୍ତି, ଯାହା ସଭିଙ୍କ ଜ୍ଞାତ ପରିଧିର ଊର୍ଦ୍ଧ୍ୱରେ ବିଚାରର ଅଗୋଚରରେ ସଂଘଠିତ ହେଉଛି । ସେହି କର୍ତ୍ତାଙ୍କୁ ଆସ୍ତିକମାନେ ଈଶ୍ୱର ଭାବେ ଅଭିହିତ କରନ୍ତି । ଅନ୍ୟପକ୍ଷରେ ନାସ୍ତିକମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ ।

ସୃଷ୍ଟିରେ ଜୀବନର ସମ୍ଭାବନା ଏବଂ କ୍ରମୋନ୍ନତି ଯେ ଏକ ସ୍ୱାଭାବିକ ପ୍ରାକୃତିକ ବିବର୍ତ୍ତନ ପ୍ରକ୍ରିୟା ଦ୍ୱାରା ସମ୍ଭବ ହେଉଛି, ତାହାକୁ ସେମାନେ ତାଙ୍କ ଯୁକ୍ତି ଦ୍ୱାରା ସାବ୍ୟସ୍ତ କରନ୍ତି । ଷ୍ଟିଫେନ୍ ହଂକିନସ୍‌ଙ୍କ ଭଳି ସୃଷ୍ଟିତତ୍ତ୍ୱ ବିଜ୍ଞାନୀ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁ ନ ଥିଲା ବେଳେ, ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ୍ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣ ସାପେକ୍ଷ ନୁହେଁ ବୋଲି କହିଥିଲେ । ପାଶ୍ଚାତ୍ୟ ବିଜ୍ଞାନୀଙ୍କୁ ଛାଡ଼ିଦେଲେ ପ୍ରାଚ୍ୟ ଦର୍ଶନର ଅନୁଗାମୀ ଯୋଗୀ, ମୁନି, ଋଷି, ସିଦ୍ଧ ସାଧକ, ସନ୍ନ୍ୟାସୀ ଓ ସାଧୁ ପୁରୁଷମାନେ ଜୀବନର ରହସ୍ୟ ଭେଦ କରିବା ନିମନ୍ତେ ଆଜୀବନ ସାଧନାରେ ବ୍ରତୀ ରହି ସେମାନେ ନିଜ ନିଜର ଜୀବନାନୁଭୂତି ସାଧନାର ଫଳ ସ୍ୱରୂପ ସ୍ୱ ସ୍ୱ ଅଭିବ୍ୟକ୍ତି ମାଧ୍ୟମରେ ରଖିଯାଇଛନ୍ତି ଏବଂ ଏବେ ମଧ୍ୟ ସେହି ଯାତ୍ରାର ନିରନ୍ତରତା ଅବ୍ୟାହତ ରହିଛି ।

ଏହି ପ୍ରସଙ୍ଗରେ ମହାଋଷି ଅଷ୍ଟବକ୍ରଙ୍କ ନିମ୍ନୋକ୍ତ ଉକ୍ତି ପ୍ରଣିଧାନଯୋଗ୍ୟ ମନେହୁଏ । ସେ କହିଥିଲେ, Know yourself, and the question of God disappears. ନିଜକୁ ଜାଣିଲେ ବା ଚିହ୍ନିଲେ ଈଶ୍ୱରଙ୍କ ସଂପର୍କରେ ଜାଣିବାର କୌତୁହଳ ଆପେ ଆପେ ଦୂରୀଭୂତ ହୋଇଯିବ । ଜୀବନର ଗୂଢ଼ ରହସ୍ୟକୁ ଭେଦକରି ତାର ଅନ୍ତର୍ନିହିତ ଛନ୍ଦକୁ ଉପଲବ୍ଧି କରିବାକୁ ହେଲେ, ନିଜ ଭିତରେ ଗଭୀରରୁ ଗଭୀର ଅବଗାହନ କରି ନିଜକୁ ଭଲଭାବେ ଚିହ୍ନି ନିଜ ସହିତ ପରିଚିତି ସ୍ଥାପନ କରିବାକୁ ପଡ଼ିବ । କାରଣ ପିଣ୍ଡହିଁ ବ୍ରହ୍ମାଣ୍ଡ ଏବଂ କ୍ଷୁଦ୍ର ପିଣ୍ଡ ମଧ୍ୟରେ ନିଖିଳ ବିଶ୍ୱ ବ୍ରହ୍ମାଣ୍ଡର ସତ୍ତା ଓ ଅବସ୍ଥିତି ହିଁ ଲୁକ୍କାୟିତ ହୋଇ ରହିଥାଏ, ଠିକ୍ ଯେପରି ବୁନ୍ଦାଏ ସମୁଦ୍ର ପାଣିରେ ସପ୍ତ ସିନ୍ଧୁରେ ଥିବା ପାଣିର ଗୁଣ ଅବିକଳ ଦେଖିବାକୁ ମିଳେ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# ସହରୀ ଓଡ଼ିଶାର ରୂପାନ୍ତରଣ ଦଶକ



ପ୍ରଭାକର ସାହୁ

ଓଡ଼ିଶାରେ ସହରୀକରଣ ଆଉ କେବଳ ଏକ ସୀମିତ ଘଟଣା ହୋଇ ରହିନାହିଁ ଏହା ଆଜି ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ଗତିଶୀଳତା ଏବଂ ଆଞ୍ଚଳିକ ସନ୍ତୁଳନର ମୁଖ୍ୟ କେନ୍ଦ୍ରବିନ୍ଦୁ ଭାବେ ଉଭା ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୨୬-୨୭ ବଜେଟରେ ୧୦,୭୩୪ କୋଟି ଟଙ୍କାର ବ୍ୟୟବରାଦ ଏହି ସଂରଚନାତ୍ମକ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି । ୨୦୨୪-୨୫ ତୁଳନାରେ ଏହି ୧୧.୮ ପ୍ରତିଶତ ବୃଦ୍ଧି କେବଳ ଏକ ଆର୍ଥିକ ସମ୍ପ୍ରସାରଣ ନୁହେଁ, ବରଂ ଏହା ବିକ୍ଷିପ୍ତ ସହରୀ ପ୍ରକଳ୍ପରୁ ଏକ ସୁସଂଗତ ତଥା ଭବିଷ୍ୟତମୁଖୀ ରଣନୀତି ଆଡ଼କୁ ଏକ ସ୍ପଷ୍ଟ ସଂକେତ ।

ଉଲ୍ଲେଖନୀୟ ଯେ, ମୋଟ ବ୍ୟୟବରାଦର ପ୍ରାୟ ୬୨ ପ୍ରତିଶତ କାର୍ଯ୍ୟକ୍ରମ ବ୍ୟୟ ପାଇଁ ରଖାଯାଇଛି, ଯାହା ପ୍ରଶାସନିକ ଖର୍ଚ୍ଚ ଅପେକ୍ଷା ପ୍ରତ୍ୟକ୍ଷ ଫଳାଫଳ ଉପରେ ଗୁରୁତ୍ୱାରୋପ କରୁଛି । ଅନ୍ୟପକ୍ଷରେ, ପ୍ରଶାସନିକ ବ୍ୟୟରେ ସନ୍ତୁଳିତ ବୃଦ୍ଧି ସଂସ୍ଥାଗତ ସୁଦୃଢ଼ୀକରଣକୁ ସୂଚାଉଛି-ଯାହା ନିରନ୍ତର ସହରୀ ସଂସ୍କାର ପାଇଁ ଏକ ଅପରିହାର୍ଯ୍ୟ ଭିତ୍ତିଭୂମି । କେବଳ ପୁଞ୍ଜି ନିବେଶ ଦ୍ୱାରା ସହରର ପରିବର୍ତ୍ତନ ହୁଏ ନାହିଁ ଏଥିପାଇଁ ଶାସନ ଦକ୍ଷତା, ତଥ୍ୟ ଭିତ୍ତିକ ବ୍ୟବସ୍ଥା ଏବଂ ଉତ୍ତରଦାୟିତ୍ୱର ଆବଶ୍ୟକତା ରହିଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଭାଷାରେ, ଏହି ବଜେଟ୍ କ୍ରମାଗତ ସହରୀ ସମ୍ପ୍ରସାରଣରୁ ସମନ୍ୱିତ ରୂପାନ୍ତରଣ ଆଡ଼କୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନକୁ ଚିହ୍ନିତ କରୁଛି, ଯେଉଁଠାରେ ଓଡ଼ିଶାର ପ୍ରତ୍ୟେକ ସହର ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି, ସ୍ଥିତିସ୍ଥାପକତା ଏବଂ ସୁଯୋଗର ବାହକ ସାଜିବ ।

'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ' (୧୦୦ କୋଟି ଟଙ୍କା) ର ପ୍ରବର୍ତ୍ତନ ଏକ ବଡ଼ ପରିବର୍ତ୍ତନର ସୂଚନା ଦେଉଛି । କେବଳ ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱ ନଦେଇ, ଏହି ମିଶନ ସହରର ମୌଳିକ ଆବଶ୍ୟକତା ଯଥା-ଜଳ ନିରାପତ୍ତା, ପରିମଳ, ଗମନାଗମନ, ସ୍ୱାସ୍ଥ୍ୟ ସେବା ଏବଂ ଅର୍ଥନୈତିକ ସୁଯୋଗକୁ 'ସ୍ମାର୍ଟନେସ୍' ବା 'ବୁଦ୍ଧିମାନତା' ଭାବେ ପୁନଃ ପରିଭାଷିତ କରୁଛି । ୨୫ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୫୦ଟି ସହରକୁ ଏଥିରେ ସାମିଲ କରାଯାଇ ସହରୀ ଆଧୁନିକୀକରଣର ସୁବ୍ୟବସ୍ଥା କରାଯାଉଛି ।

ଏହା 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭' ସହିତ ସମନ୍ୱିତ । ଏହା ସହିତ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' (୧,୧୬୧ କୋଟି ଟଙ୍କା) ସାର୍ବଜନୀନ ସମ୍ପତ୍ତି, ସବୁଜ ପ୍ରକଳ୍ପ ଏବଂ ଜଳବାୟୁ ଅନୁକୂଳ ଭିତ୍ତିଭୂମି ଜରିଆରେ ବିଭିନ୍ନ ଅଭାବକୁ ଦୂର କରୁଛି । ଛାତ ଉପରେ ସୌର ଶକ୍ତି ବ୍ୟବସ୍ଥା ଏବଂ ଜଳାଶୟର ପୁନରୁଦ୍ଧାର ଦର୍ଶାଉଛି ଯେ ଜଳବାୟୁ ସହନଶୀଳତା ଏବେ ବିଳାସ ନୁହେଁ ବରଂ ଏକ ଜରୁରୀ ଆବଶ୍ୟକତା ।

**ଏହା 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭' ସହିତ ସମନ୍ୱିତ । ଏହା ସହିତ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' (୧,୧୬୧ କୋଟି ଟଙ୍କା) ସାର୍ବଜନୀନ ସମ୍ପତ୍ତି, ସବୁଜ ପ୍ରକଳ୍ପ ଏବଂ ଜଳବାୟୁ ଅନୁକୂଳ ଭିତ୍ତିଭୂମି ଜରିଆରେ ବିଭିନ୍ନ ଅଭାବକୁ ଦୂର କରୁଛି । ଛାତ ଉପରେ ସୌର ଶକ୍ତି ବ୍ୟବସ୍ଥା ଏବଂ ଜଳାଶୟର ପୁନରୁଦ୍ଧାର ଦର୍ଶାଉଛି ଯେ ଜଳବାୟୁ ସହନଶୀଳତା ଏବେ ବିଳାସ ନୁହେଁ ବରଂ ଏକ ଜରୁରୀ ଆବଶ୍ୟକତା ।**

ଗୃହ ସୁରକ୍ଷା ବିନା ସହରୀ ଅଭିବୃଦ୍ଧି ସମ୍ଭବ ନୁହେଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ (୫୬୫ କୋଟି ଟଙ୍କା) ଏବଂ 'ପିଏମଏୱାଇ ଅର୍ବାନ ବନ୍ଧୁ' (୧୨୦ କୋଟି ଟଙ୍କା) ଗରିବ ଓ ନିମ୍ନବିତ୍ତଙ୍କୁ ମର୍ଯ୍ୟାଦାଜନକ ବାସଗୃହ ଯୋଗାଇବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ଦୋହରାଇଛି । ୨୦୨୯ ସୁଦ୍ଧା ୯୦ ପ୍ରତିଶତ ପକ୍କାଘର ଲକ୍ଷ୍ୟଧାର୍ଯ୍ୟ କରିବା ଉଭୟ ମହତ୍ତ୍ୱାକାଂକ୍ଷା ଏବଂ ଉତ୍ତରଦାୟିତ୍ୱକୁ ସୂଚାଉଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୁଲଭ ଗୃହ ପ୍ରକଳ୍ପ ପାଇଁ ସରକାରୀ ଜମି ଚିହ୍ନଟ କରିବା ଦ୍ୱାରା ଜମିର ଅଭାବ ସମସ୍ୟା ଦୂର ହେବ, ଯାହା ସାମାଜିକ ସ୍ଥିରତା ଏବଂ ଅର୍ଥନୈତିକ ସଶକ୍ତିକରଣର ଏକ ମୂଳଦୁଆ ହେବ ।

'ସୁଜଳ' କାର୍ଯ୍ୟକ୍ରମ (୮୨୦ କୋଟି ଟଙ୍କା) ମାଧ୍ୟମରେ ସମସ୍ତ ୧୧୫ଟି ସହରାଞ୍ଚଳରେ ନିରାପଦ ପାନୀୟ ଜଳ ଏବଂ ୨୪x୭ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ଏହା ବିଶେଷ କରି ମହିଳା ଓ ଅସହାୟ ଶ୍ରେଣୀର ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ । ସେହିପରି ଡ୍ରେନେଜ୍ ଓ ସ୍ୱେରେଜ୍ (୬୨୦ କୋଟି ଟଙ୍କା) ପାଇଁ ପୁଞ୍ଜି ନିବେଶ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ, ଯାହା ସହରଗୁଡ଼ିକୁ ବନ୍ୟା ମୁକ୍ତ ରଖିବାରେ ସାହାଯ୍ୟ କରିବ । 'ସ୍ୱଚ୍ଛ ଭାରତ ମିଶନ' ଏବଂ 'ସ୍ୱଚ୍ଛ ଓଡ଼ିଶା' ଅଭିଯାନ ମାଧ୍ୟମରେ ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି କରିବା ପାଇଁ ବାୟୋ-ଗ୍ୟାସ ଏବଂ ବାୟୋ-ରିମିଡିଏସନ୍ ଉପରେ ଗୁରୁତ୍ୱ ଦିଆଯାଉଛି ।

**ନୂତନ ଦିଗନ୍ତ: ଆଞ୍ଚଳିକ ସଂଯୋଗୀକରଣ ଓ ପରିବହନ**

ବଜେଟର ଅନ୍ୟ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ହେଉଛି 'ଗ୍ରାମୀଣ-ସହରୀ ରୂପାନ୍ତରଣ' ପାଇଁ ଏଥର ବଜେଟରେ ୨୦୦ କୋଟି ଟଙ୍କାର ବ୍ୟୟବରାଦ । ପୌରସଂସ୍ଥାର ସୀମା ବାହାରକୁ ସହରର ସମ୍ପ୍ରସାରଣ ହେଉଥିବାରୁ, ସେହି ଅଞ୍ଚଳଗୁଡ଼ିକୁ ଆନୁଷ୍ଠାନିକ ଭାବେ ସହର ଘୋଷଣା ହେବା ପୂର୍ବରୁ ହିଁ ସେଠାରେ ସହରୀ ସେବା ପ୍ରଦାନ କରାଯିବା ଏହାର ଉଦ୍ଦେଶ୍ୟ ।

ଏଥିସହିତ 'ସମୃଦ୍ଧ ସହର ଯୋଜନା' (୩୨୦ କୋଟି ଟଙ୍କା) ଅଧୀନରେ ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ପରି ଅଞ୍ଚଳକୁ ଏକ ସମନ୍ୱିତ ଅଭିବୃଦ୍ଧି କରିଡର ଭାବେ ବିକଶିତ କରିବାର ପରିକଳ୍ପନା କରାଯାଇଛି । ବୈଦ୍ୟୁତିକ ବସ୍ ଏବଂ ଡିଜିଟାଲ୍ ସେବା ମାଧ୍ୟମରେ ସହରୀ ଗମନାଗମନକୁ ଅଧିକ ପ୍ରଦୂଷଣମୁକ୍ତ ଏବଂ ସହଜ କରାଯାଉଛି ।

'ଆହାର' ଯୋଜନା (୯୦ କୋଟି ଟଙ୍କା) ମାଧ୍ୟମରେ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟ ଯୋଗାଇବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଶକ୍ତ କରାଯାଉଛି ।

'ୱାଟରଫ୍ରଣ୍ଟ ଡେଭଲପମେଣ୍ଟ' (୧୦୦ କୋଟି ଟଙ୍କା) ଅଧୀନରେ ମହାନଦୀ ଓ ବୁଢ଼ାବଳଙ୍ଗ ନଦୀ ପଠାର ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର ପାଇଁ ଯୋଜନା କରାଯାଇଛି । ନଦୀଗୁଡ଼ିକୁ କେବଳ ପ୍ରାକୃତିକ ସମ୍ପଦ ନୁହେଁ, ବରଂ ଅର୍ଥନୈତିକ ଓ ସାଂସ୍କୃତିକ କେନ୍ଦ୍ର ଭାବେ ଗଢ଼ିବା ପାଇଁ ଏହା ଏକ ପ୍ରୟାସ ।

ପରିଶେଷରେ, ବଜେଟ୍ ଉତ୍ସାହଜନକ ହୋଇପାରେ, କିନ୍ତୁ ଏହାର ସଫଳତା କାର୍ଯ୍ୟକାରିତା ଉପରେ ନିର୍ଭର କରେ । ୨୦୨୬-୨୭ର ଏହି ରାଜ୍ୟ ବଜେଟ ସହରୀ ରୂପରେଖ ଓଡ଼ିଶାର ଜନସଂଖ୍ୟା, ପରିବେଶ ଏବଂ ଆର୍ଥିକ ବାସ୍ତବତାକୁ ପ୍ରତିଫଳିତ କରୁଛି ।

ଯଦି ଏହି ବଜେଟ୍ ସଠିକ୍ ଭାବେ କାର୍ଯ୍ୟକାରୀ ହୁଏ, ତେବେ ଏହା ଓଡ଼ିଶାର ସହରୀ ରୂପାନ୍ତରଣର ଏକ ନିର୍ଣ୍ଣାୟକ ଦଶକ ଭାବେ ପରିଗଣିତ ହେବ । ଓଡ଼ିଶାର ସହରଗୁଡ଼ିକ କେବଳ ବଢୁନାହାନ୍ତି, ବରଂ ସେମାନେ ନୂତନ ଭାରତର ନେତୃତ୍ୱ ନେବାକୁ ପ୍ରସ୍ତୁତ ହେଉଛନ୍ତି ।

**ମୋ-୯୪୩୯୬୫୪୨୨୨**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକସଭା...

ଚ୍ୟାଲେଞ୍ଜ ନ କରାଯାଏ ତେବେ ଏହା ପାରିତ ହେବ । ତେବେ ବିରୋଧୀ ଦଳଗୁଡ଼ିକ ୨୦୧୧ ଜନଗଣନା ଆଧାରରେ ସମ୍ବିଧାନ ସଂଶୋଧନକୁ ନେଇ ଆପତ୍ତି ଉଠାଇଛନ୍ତି । ଆପ୍, ଆରଜେଡି, ଡିଏମ୍‌କେ ପକ୍ଷରୁ ୨୦୨୧ ଜନଗଣନା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ପାଇଁ ଦାବି କରାଯିବ । ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ମଧ୍ୟ କୋଟା ମଧ୍ୟରେ କୋଟା ଯଥା ମହିଳା ଓ ପଛୁଆବର୍ଗଙ୍କ ଲାଗି ଦାବି କରିବେ । ଏଥିନେଇ ବିରୋଧୀ ଦଳ ଏହାର ସହଯୋଗୀଙ୍କ ମଧ୍ୟରେ ଏକ ବୈଠକ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନେ ଖଡ଼୍‌ଗେଙ୍କ ଦିଲ୍ଲୀ ବାସଭବନରେ ଅନୁଷ୍ଠିତ ହୋଇଥିଲା । ତୃଣମୂଳ କଂଗ୍ରେସ ଓ ଡିଏମ୍‌କେ ନେତାମାନେ ଉପସ୍ଥିତ ଥିଲେ । ପଶ୍ଚିମବଙ୍ଗ ଓ ତାମିଲନାଡୁରେ ବିଧାନସଭା ନିର୍ବାଚନ ଥିବାରୁ ତରବରିଆ ଭାବେ ଏହି ବିଲ୍ ଆସିବାକୁ ନେଇ ପ୍ରଶ୍ନ ଉଠୁଛି । ସମ୍ବିଧାନର ଏହି ସଂଶୋଧନ ପାଇଁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ । ସରକାରୀ ଦଳ ପକ୍ଷରୁ ଏତେ ସଂଖ୍ୟକ ସାଂସଦ ନାହାନ୍ତି । ଏଥିଲାଗି ସେମାନଙ୍କୁ ବିରୋଧୀ ଦଳର ସହଯୋଗ ନେବାକୁ ପଡ଼ିବ । ସୀମା ପୁନର୍ନିର୍ଦ୍ଧାରଣ ପ୍ରକ୍ରିୟାରେ ଏକ ତୃତୀୟାଂଶ ଆସନ ମହିଳାମାନଙ୍କ ଲାଗି ଲୋକସଭା ଓ ବିଧାନସଭାରେ ସଂରକ୍ଷିତ ରହିବ । ଏହି ବିଲ୍‌ଟି ଅନେକ ଗୁରୁତ୍ୱ ବହନ କରୁଛି ।

### ଗ୍ରୀଷ୍ମ...

ଅନ୍ୟପଟେ, ଉପକୂଳବର୍ତ୍ତୀ ଅଞ୍ଚଳରେ ଦକ୍ଷିଣ-ଦକ୍ଷିଣ ପଶ୍ଚିମ ବାୟୁ ପ୍ରଭାବରେ ଅଧିକ ଜଳୀୟବାଷ୍ପ ଆସୁଥିବାରୁ ପ୍ରବଳ ଗୁଳୁଗୁଳି ଓ ଅସହ୍ୟ ପରିସ୍ଥିତି ସୃଷ୍ଟି ହେବ । କାଳବୈଶାଖୀର ସମ୍ଭାବନା ପ୍ରାୟ ନଥିବାରୁ ସାରା ରାଜ୍ୟରେ ଆକାଶ ନିର୍ମଳ ରହିବ ଏବଂ ପ୍ରଖର ସୂର୍ଯ୍ୟକିରଣ ଅନୁଭୂତ ହେବ । ମଙ୍ଗଳବାର ଟିଟିଲାଗଡ଼ରେ ସର୍ବାଧିକ ୪୧.୭ ଡିଗ୍ରୀ ରହିଥିବା ବେଳେ ସମ୍ବଲପୁର ଓ ହୀରାକୁଦରେ ୪୧.୫ ଡିଗ୍ରୀ, ଝାରସୁଗୁଡ଼ାରେ ୪୧ ଡିଗ୍ରୀ, ଭବାନୀପାଟଣାରେ ୪୧ ଡିଗ୍ରୀ, ସୋନପୁରରେ ୪୦.୬ ଡିଗ୍ରୀ, ବଲାଙ୍ଗୀରରେ ୪୦.୩ ଡିଗ୍ରୀ, ତାଳଚେରରେ ୪୦ ଡିଗ୍ରୀ ରେକର୍ଡ କରାଯାଇଛି ।

ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ପ୍ରାୟ ୪୧ଡିଗ୍ରୀରୁ ଅଧିକ ରହିବ ଏବଂ କେତେକ ସ୍ଥାନରେ ଏହା ୪୪ ଡିଗ୍ରୀ ଛୁଇଁପାରେ । ଦିନ ଓ ରାତିର ତାପମାତ୍ରା ମଧ୍ୟରେ ବଡ଼ ବ୍ୟବଧାନ ପରିଲକ୍ଷିତ ହେବ । ସେହିଭଳି ଉପକୂଳ ଓଡ଼ିଶାରେ ପ୍ରକୃତ ତାପମାତ୍ରା ୩୬ଡିଗ୍ରୀରୁ ୩୮ ଡିଗ୍ରୀ ମଧ୍ୟରେ ରହିବ । କିନ୍ତୁ ଆଦ୍ରତା ୭୦%-୭୫% ରହୁଥିବାରୁ ଅନୁଭୂତ ହେଉଥିବା ତାପମାତ୍ର ପ୍ରାୟ ୪୫ ଡିଗ୍ରୀରୁ ୪୭ଡିଗ୍ରୀ ପରି ମନେହେବ । ଭୁବନେଶ୍ୱର ଓ କଟକରେ ସପ୍ତାହ ମଧ୍ୟଭାଗ ସୁଦ୍ଧା ତାପମାତ୍ରା ୩୯ଡିଗ୍ରୀରୁ ୪୦ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସହ ଗୁଳୁଗୁଳି ଯୋଗୁଁ କଷ୍ଟକର ପରିସ୍ଥିତି ସୃଷ୍ଟି ହେବ ।

ଚଳିତ ସପ୍ତାହ ଅର୍ଥାତ ୨୦ ତାରିଖ ସୁଦ୍ଧା ଝାରସୁଗୁଡ଼ାରେ ୪୩.୫ଡିଗ୍ରୀରୁ ୪୪.୫ଡିଗ୍ରୀ ପ୍ରବଳ ଶୁଷ୍କ ଗରମ/ଗ୍ରୀଷ୍ମ ପ୍ରବାହ ହୋଇପାରେ । ସମ୍ବଲପୁରରେ ୪୩ ଡିଗ୍ରୀରୁ ୪୪.୦ଡିଗ୍ରୀ ଭୟଙ୍କର ଗ୍ରୀଷ୍ମ ପ୍ରବାହ, ଅନୁଗୁଳରେ ୪୨.୫ ଡିଗ୍ରୀରୁ ୪୩.୫ଡିଗ୍ରୀ ଅତ୍ୟଧିକ ସୂର୍ଯ୍ୟକିରଣ ଓ ଉତ୍ତାପ । ବଲାଙ୍ଗୀରରେ ୪୨ଡିଗ୍ରୀରୁ ୪୩ ଡିଗ୍ରୀ ସହିତ ଗରମ ପଶ୍ଚିମା ପବନର ପ୍ରଭାବ, ଟିଟିଲାଗଡ଼ରେ ୪୨ଡିଗ୍ରୀରୁ ୪୨.୫ ଡିଗ୍ରୀ ସହ ପାରମ୍ପରିକ ଉତ୍ତପ୍ତ ଅଞ୍ଚଳରେ ପରିଣତ ହେବାର ସମ୍ଭାବନା ରହିଛି ।

### ପୋଲିସ-ଜନତା...

ଗ୍ରାମବାସୀ ପୁଲିସ ଓ ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ, ପୁଲିସ ଉପରକୁ ଇଟା, ନିଆଁ ହୁଳା ମାଡ଼ ହେବା ଫଳରେ ପୁଲିସ ପକ୍ଷରୁ ଲାଠି ଚାର୍ଜ, ଗ୍ୟାସ ମାଡ଼ କରାଯାଇଛି । ଏଥିରେ ଜଣେ ଆଇଆଇସିଙ୍କ ମୁଣ୍ଡ ଫାଟିଥିବାବେଳେ ଆଉ କିଛି ଆହତ ହୋଇଛନ୍ତି । ଫଳରେ ପୁଲିସର ଛତ୍ର ଭଙ୍ଗ ଦେଇଛି। କାକବନ୍ଧ ନିକଟରେ ମଧ୍ୟ ଗ୍ରାମବାସୀ ରାସ୍ତାରୋକ କରିଥିବାର ଦେଖିବାକୁ ମିଳିଛି । ତେବେ ଶତାଧିକ ଲୋକେ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ପଶି କାର୍ଯ୍ୟରତ ଶିକ୍ଷୟତ୍ରୀଶିକ୍ଷକ କାର୍ଯ୍ୟାଳୟକୁ ଧଶେଇ ପଶି କୈଫତ ମାଗିବାକୁ ଚେଷ୍ଟା କରିଥିଲେ । ଉତ୍ତେଜନା ଏତେ ବଢିଯାଇଥିଲା ଯେ, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମାଡ ଖାଇଥିବା ବେଳେ ପୋଲିସ ମଧ୍ୟ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ବେତନଟୀ ଥାନା ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ, ବଡ଼ସାହି ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜଙ୍କ ସହିତ ବ୍ୟାପକ ପୋଲିସ କର୍ମଚାରୀ ଓ ଦୁଇ ପ୍ଲାଟୁନ ଫୋର୍ସ ମୃତୟନ ହୋଇଛନ୍ତି । ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ ଓ ଥାନା ଅଧିକାରୀ ପାଣିଗ୍ରାହୀ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବାର ଦେଖିବାକୁ ମିଳିଛି । ପୋଲିସ କର୍ମଚାରୀ, ଶିକ୍ଷୟତ୍ରୀ, ଶିକ୍ଷକ ଉତ୍ୟକ୍ତ ଲୋକଙ୍କର ଶିକାର ହୋଇ ଆହତ ମଧ୍ୟ ହୋଇଛନ୍ତି । ସେହିପରି ରାସଗୋବିନ୍ଦପୁର ବିଡ଼ିଓ ଅନନ୍ତ କୁମାର ହାଁସଦାଃ, ତହସିଲଦାର ଉପେନ୍ଦ୍ର କୁମାର ଦାସ ମଧ୍ୟ ଲୋକଙ୍କୁ ବୁଝାସୁଝା କରୁଥିବାର ଦେଖିବାକୁ ମିଳିଛି । ତେବେ ଡାକ୍ତରଖାନାରେ ଏକ ଟିମ୍ ରହି ଅସୁସ୍ଥ ଛାତ୍ରୀଙ୍କୁ ଚିକିତ୍ସା କରୁଥିବା ବେଳେ ଚାରିଜଣ ଛାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଯାଇଛି । ପରବର୍ତ୍ତୀ ସମୟରେ ଅତିରିକ୍ତ ଏସପି ଦୀପକ ଗୋଚ୍ଛାୟତ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଅପରାହ୍ନରେ ମୃତ ଛାତ୍ରୀଙ୍କ ମରଶରୀର ଆଶ୍ରମ ବିଦ୍ୟାଳୟରେ ପହଞ୍ଚିଥିବା ବେଳେ ଏକା ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ପରବର୍ତ୍ତୀ ସମୟରେ ମରଶରୀର ଗାଡିକୁ ଅଟକ ରଖି ରାସ୍ତାରେ ନିଆଁ ଜାଳି ପ୍ରତିବାଦ କରାଯାଇଥିବା ଦେଖିବାକୁ ମିଳିଛି।

## ଖାଇଫୋଡ ଯାତ୍ରା: ଖାଇରେ ବୁଲିଲେ ଶତାଧିକ ପାଟୁଆ



ସାକ୍ଷୀଗୋପାଳ ,(ସବ୍ୟୁ): ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟବର୍ତ୍ତୀ ଭିଁପୁର ଓ ଦାସବିଦ୍ୟାଧରପୁର ଗ୍ରାମରେ ପ୍ରସିଦ୍ଧ ଖାଇଫୋଡ ଯାତ୍ରା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ମାନସିକ ପୂରଣ ପାଇଁ ଜଣେ ଜଣେ ପାଟୁଆ ୬ ରୁ ୧୦ ଇଞ୍ଚ ଲମ୍ବା, ଦୁଇରୁ ଚାରୋଟି ଲେଖାଏଁ ଲୁହାବାଙ୍କି କଣ୍ଟା ପିଠିରେ ଫୋଡି ୧୨ ଫୁଟ ଉଚ୍ଚତାରେ ଖାଇ ଦଣ୍ଡରୁ ତଳକୁ ଝୁଲି ରହିବା ସହିତ ଏବଂ ଠାକୁରଙ୍କ ଜୟ ଜୟ କାର ଧ୍ୱନି ହରବୋଲ, ହୁଳହୁଳି ଦେଇ ଘେରାକୁ ଘେରା ଚକ୍ର କାଟି ଖାଇ ଚାରିପଟ ବୁଲିବା ଦେଖିବାକୁ ମିଳିଥିଲା । ଖାଇଫୋଡ ଯାତ୍ରା ଦେଖିବାକୁ ଭିଁପୁର ଗ୍ରାମର ମା' ଗଡଚଣ୍ଡୀ ଏବଂ ଦାସବିଦ୍ୟାଧରପୁର ଗ୍ରାମର ନିଳକେ=ଶ୍ୱର ଦେବଙ୍କ ମନ୍ଦିର ରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା । ମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ମା' ଗଡଚଣ୍ଡୀ ଙ୍କୁ ଟାହିଆ ଲାଗି କରାଯାଇଥିଲା । ଘଣ୍ଟ କାହାଳୀ ଠେଲ ମହୁରୀ ବଜାଇ ମା ବସନ୍ତେଇ, ମା ଜାଗୁଳାଇ, ମା ମଙ୍ଗଳା, ଛୋଟା ଗୋସେଇଁ ଓ ମା' ଗଡଚଣ୍ଡୀ ଏପରି ପାଞ୍ଚଜଣ କାଳେସି ନିକଟବର୍ତ୍ତୀ ଲଳିତା ପୋଖରୀକୁ ବିଜେକରିଥିଲେ । ପୋଖରୀ ଚର୍ତୁପାର୍ଶ୍ୱରେ ସମବେତ ଭକ୍ତ ମାନଙ୍କ ଗହଣରେ ଜଣଙ୍କ ପରେ ଜଣେ ପାଟୁଆ ଙ୍କ ପିଠିରେ କାଳେସି ମାନେ କଣ୍ଟା ଫୁଟାଇଥିଲେ ମଧ୍ୟ ପାଟୁଆ ମାନଙ୍କୁ କଷ୍ଟ କିମ୍ବା କ୍ଷତ ସ୍ଥାନରୁ ରକ୍ତସ୍ରାବ ହୋଇନଥିଲା । କଣ୍ଟାର ଗୋଟିଏ ମୁଣ୍ଡରେ ଲଗା ଯାଇଥିବା ରଶିରେ ପାଟୁଆ ମାନେ ବନ୍ଧାହୋଇ ଖାଇଦଣ୍ଡରୁ ତଳକୁ ଝୁଲିଥିଲେ । ଖାଇରେ ବୁଲିବା ସମୟରେ ପାଟୁଆ ମାନେ ଫୁଲ, ଖଜୁରୀ କୋଳି, ଆମ୍ବ ଆଦି ଠାକୁରଙ୍କ ଉଦ୍ଦେଶ୍ୟରେ ପକାଇଥିଲେ ଏବଂ ମାନସିକ କରାଯାଇଥିବା ଛୋଟ ଛୋଟ ଶିଶୁ ମାନଙ୍କୁ ଖାଇରେ ଧରି ପାଟୁଆ ମାନେ ବୁଲୁଥିବା ଦେଖାଯାଇଥିଲା । ସେହିପରି ଦାଶବିଦ୍ୟାଧରପୁର ଗ୍ରାମର ମା' ବିନ୍ଧ୍ୟବାସିନୀ, ଦୁଲ୍ଲଣା, ମଙ୍ଗଳା, ଛୋଟାଗୋସେଇଁଙ୍କ କାଳେସୀ ଉଭା ହୋଇଥିଲେ । ବଡପୋଖରୀ ମଧ୍ୟରେ ପାଟୁଆ ମାନେ କଣ୍ଟା ଫୋଡାଇ ଜଣକ ପରେ ଜଣେ ଖାଇରେ ବୁଲିଥିଲେ । ଶାନ୍ତି ଶୃଙ୍ଖଳା ରେ ଯାତ୍ରା ପରିଚାଳନା ପାଇଁ ଗ୍ରାମକୋଠ କମିଟି, ସତ୍ୟବାଦୀ ପୋଲିସ ପ୍ରଶାସନ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ।

## କ୍ଷୀର ଗାଡି-ବାଇକ ମୁହାଁମୁହିଁ : ପରିବା ବ୍ୟବସାୟୀ ମୃତ

ନିମାପଡା,(ସବ୍ୟୁ): ନିମାପଡା ଗୋଲେଇଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ କ୍ଷୀର ଗାଡି ସହିତ ଗୋଟିଏ ବାଇକ ମୁହାଁ ମୁହିଁ ଧକ୍କା ହେବା ଫଳରେ ବାଇକରେ ଯାଉଥିବା ୨ଜଣ ପରିବା ବ୍ୟବସାୟୀଙ୍କ ମଧ୍ୟରୁ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ନିମାପଡା ଥାନା ଅନ୍ତର୍ଗତ ସର୍ବାପଡା ଗ୍ରାମର ପରିବା ବ୍ୟବସାୟୀ କାଳନ୍ଦୀ ପ୍ରଧାନ(୫୬) ଓ ନିମାପଡା ବଡ ବଜାରର କୃଷ୍ଣ ଚନ୍ଦ୍ର ବେହେରା (୫୧) ଏକ ବାଇକରେ ସର୍ବାପଡାରୁ ନିମାପଡା ବଜାର ଆସୁଥିବା ବେଳେ ବିପରିତ ଦିଗରୁ ଯାଉଥିବା ଏକ ୧୨ ଚକିଆ କ୍ଷୀର ଗାଡି ସହିତ ଗୋଲେଇ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ କାଳନ୍ଦୀଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ କୃଷ୍ଣ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କୃଷ୍ଣଙ୍କ ଅବସ୍ଥା ସଂଙ୍କଟାପନ୍ନ ହେବାରୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୁଲିସ ଏକ ମାଲା ରୁଜୁ କରିବା ସହିତ କାଳନ୍ଦୀଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୁଲିସ କ୍ଷୀର ଗାଡିକୁ ଜବତ କରିବା ସହିତ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି। ମୃତ କାଳନ୍ଦୀ ଓ କୃଷ୍ଣ ନିମାପଡା ଦୋଳବେଦୀ ଛକରେ ପରିବା ବ୍ୟବସାୟ କରନ୍ତି।

### ରେଳ ଫାଟକ ନିକଟରେ ଓଭରବ୍ରିଜ ନିର୍ମାଣରେ ବିଳମ୍ବ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

ନିରାକାରପୁର,(ସବ୍ୟୁ): ନିରାକାରପୁର ରେଳ ଷ୍ଟେସନ ନିକଟସ୍ଥ ଏଲସି -୨୧୯ ରେଳ ଫାଟକଠାରେ ଦୀର୍ଘ ଦିନରୁ ପ୍ରସ୍ତାବିତ ଓଭରବ୍ରିଜ (ଉଡ଼ନ୍ତା ପୋଲ) ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାରେ ଅହେତୁକ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମସ୍ୟାର ସମାଧାନ ପାଇଁ ଅଞ୍ଚଳର କିଛି ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ରାମେଶ୍ୱର ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ଅନୁଯାୟୀ, ନୟାଗଡରୁ ପୁରୀ ନୂଆ ଜଗନ୍ନାଥ ସଡ଼କ ନିରାକାରପୁର ମଧ୍ୟ ଦେଇ ଯାଇଛି । ମାତ୍ର ଏହି ମାର୍ଗରେ ଥିବା ରେଳ ଫାଟକ ବାରମ୍ବାର ପଡ଼ିବା ଫଳରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି । ଗୁରୁତର ରୋଗୀଙ୍କୁ ଧରି ଯାଉଥିବା ଆମ୍ବୁଲାନ୍ସ ଘଣ୍ଟା ଘଣ୍ଟା ଧରି ଫାଟକ ନିକଟରେ ଅଟକି ରହୁଛି । ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ, ଚାକିରିଜୀବୀ ଏବଂ ବ୍ୟବସାୟୀମାନେ ନିୟମିତ ଭାବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପ୍ରକଳ୍ପ ପାଇଁ ସରକାରଙ୍କ ତରଫରୁ ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିଲେ ସୁଦ୍ଧା ସରକାରୀ ସ୍ତରରେ ସମନ୍ୱୟର ଅଭାବ ଓ ଅବହେଳା ଯୋଗୁଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ । ଏହି ବିଷୟକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବହୁ ଜନସାଧାରଣ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ଯେ, ତୁରନ୍ତ ଏହି ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ । ଯଦି ଆଗାମୀ ଦିନରେ ଏ ଦିଗରେ କୌଣସି ଦୃଢ଼ ପଦକ୍ଷେପ ନିଆନଯାଏ, ତେବେ ଅଞ୍ଚଳବାସୀ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଆମ୍ବେଦକର ଏକ ଧାରାରେ ଥିଲେ ଜଣେ ଦାର୍ଶନିକ ଓ ସମାଜ ସଂସ୍କାରକ

ଜଗତସିଂହପୁର,(ସବ୍ୟୁ): ଆଜି ପୂର୍ବାହ୍ନ ରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭାରତରନି ବି. ଆର୍. ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସାଧାରଣ ସଭା ରେ ମୁଖ୍ୟ ଅତିଥି ଭାବେ ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ ତରାଇ ଯୋଗଦେଇ ଦେଶ ପାଇଁ ଆମ୍ବେଦକରଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଧାୟକ, ଜଗତସିଂହପୁର ଅମରେନ୍ଦ୍ର ଦାସ କହିଥିଲେ ଯେ ବିଦ୍ୟାଳୟ ପାଠ୍ୟକ୍ରମରେ ଆଇନ ବ୍ୟବସ୍ଥା ର ବିଷୟ ବସ୍ତୁ ରହିବା ଆବଶ୍ୟକ । ଆମ୍ବେଦକର ଙ୍କ ଭଳି ଆମେ ଅଧିକାର ପାଇଁ ଲଢ଼ିବା ଦରକାର । ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଭାପତି, ଜିଲ୍ଲା ପରିଷଦ, ଜଗତସିଂହପୁର ମନୋଜ କୁମାର ଭୋଇ କହିଥିଲେ ଯେ ଉତ୍ତରପୀଢ଼ି ଆମ୍ବେଦକରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଅଧିକାର ପାଇଁ ଲଢ଼ିବା ଆବଶ୍ୟକ । ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ ଆମ୍ବେଦକର ଙ୍କ ମହାନ ଜୀବନ ଆଦର୍ଶ କୁ ପାଥେୟ କରି ଚାଲିବାକୁ ଯୁବପିଢୀ ଙ୍କୁ ଉପଦେଶ ଦେଇଥିଲେ ସଭାର ସଭାପତି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଥିଲେ ଯେ ଆମ୍ବେଦକର ଏକ ଧାରାରେ ଥିଲେ ଜଣେ ଦାର୍ଶନିକ ଓ ସମାଜ ସଂସ୍କାରକ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ମଞ୍ଚସୀନ ଅତିଥି ମାନେ ପୁରସ୍କୃତ କରିଥିଲେ । ଏହି ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ/କର୍ମଚାରୀ, ଛାତ୍ରଛାତ୍ରୀ, ଶିକ୍ଷାବି, ସହର ର ଆଇନଜୀବୀ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଆମ୍ବେଦକର ଜୟନ୍ତୀ ପାଳନ ଅବସରରେ ପ୍ରଥମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଥିବା ବି ଆର୍ ଆମ୍ବେଦକର ଓ ଅନ୍ୟ ମହାନ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା ।

## ଉତ୍କଟ ହେଲାଣି ଜଳକଷ୍ଟ : ଗରା, ବାଲ୍ଟି ଧରି ରାସ୍ତାରେ ଲୋକେ



ଶରଣକୁଳ, (ସବ୍ୟୁ): ରଣପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଜଳକଷ୍ଟ ଏବେ ଉଗ୍ରରୂପ ଧାରଣ କରିଛି । କେଉଁଠି ଟାଙ୍କି ଅଛି ପାଣି ଆସୁନି ତ ଆଉ କେଉଁଠି ନର୍ଦ୍ଦମା ପାଣି ସହିତ ପିଇବା ମିଶି ଲୋକଙ୍କୁ ଦିଆଯାଉଛି । ଆଉ ଏବେ ଶରଣକୁଳ ସୁଆରସାହିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି । ପାଣି ଟାଙ୍କିରେ ଫିଲଟର ଲାଇନ ନ ଥିବାରୁ ନଦୀର ଧାର ପାଣି ପଶି ସହିତ ପିଇବା ପାଣି ମିଶି ଲୋକଙ୍କୁ ଦିଆଯାଉଥିବାରୁ ସୁଆରସାହିର ମହିଳା ଓ ପୁରୁଷ ଗରା, ବାଲତି ଧରି ରାସ୍ତାକୁ ଆସିଥିଲେ । ଜିଲ୍ଲାପାଳ ଓ ବାଚସ୍ପତି ଶରଣକୁଳ ଯାଉଥିବା ସମୟରେ ସେମାନଙ୍କୁ ଅଟକାଇ ଗୁହାରି କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ, ଶରଣକୁଳ ସୁଆରସାହି, ଗୁ କୁସୁମୀ ନଦୀରୁ ପିଇବା ପାଣି ଯୋଗାଣ କରାଯାଉଛି । ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପାନୀୟଜଳ ପ୍ରକଳ୍ପରୁ ପାଣି ଯୋଗାଣ ହେଉଥିଲେ ମଧ୍ୟ ପିଇବା ପାଣି ନିଅଣ୍ଟିଆ ହେଉଥିବା ଓ ପାଇପ ଫାଟି ପିଇବା ପାଣିରେ ମିଶି ଲୋକଙ୍କୁ ଦିଆଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଗୋଟିଏ ପଟେ ସରକାର ସମସ୍ତଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କରିବାକୁ ମାଳ ମାଳ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବିଭାଗର ଦାୟିତ୍ୱହୀନତା ପାଇଁ ସବୁ ଯୋଜନା ଭୁଶୁଡ଼ି ଲାଗିଛି । ଗତକାଲି ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲାପାଳ ଓ ବାଚସ୍ପତି ଯୋଗଦେବାକୁ ଯାଉଥିବା ରାସ୍ତାରେ ମହିଳାମାନେ ଉଭୟଙ୍କୁ ଅଟକାଇ ସମସ୍ୟା ସଂପର୍କରେ ଅବଗତ କରିଛନ୍ତି । ଖୁବଶିଘ୍ର ପାଣି ସମସ୍ୟାରେ ସୁଧାର ଆସିବ ବୋଲି ଜିଲ୍ଲାପାଳ ମଧୁମିତା ରଥ ପରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଏହାପରେ ଲୋକମାନେ ରାସ୍ତାରୁ ଉଠିଥିବା ଜଣାପଡ଼ିଛି ।

## ପୁଲିସକୁ ଆକ୍ରମଣ ମାମଲାରେ ଜଣେ କୋର୍ଟ ଚାଲାଣ

ନିମାପଡା,(ସବ୍ୟୁ): ପାଟିତୁଣ୍ଡ ହେଉଥିବା ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା କରିବା ବେଳେ ପୁଲିସ ଉପରକୁ ଆକ୍ରମଣ ହୋଇଥିବା ଜଣାପଡିଛି। ଗୋଟିଏ ପରିବାରର ୪ଜଣଙ୍କ ନାଁ ରେ ଏକ ମାମଲା ରୁଜୁ କରି ପୁଲିସ ଉପରକୁ ଆକ୍ରମଣ କରିଥିବା ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତ ସୋମବାର ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଜଇନାବାଦ ନଦୀବନ୍ଧ ନିକଟରେ ଗଣ୍ଡଗୋଳ ଚାଲିଥିବା ନେଇ ଖବର ପାଇଥିଲା। ସେଠାରେ ଉଦ୍ୟାନ ପହଂଚି ପାଟିତୁଣ୍ଡ ହେଉଥିବା ଗୋଟିଏ ପରିବାର ଲୋକଙ୍କୁ ଥାନା ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ମହାନ୍ତି ଓ କନେଷ୍ଟବଳ ବିଜୟ ସ୍ୱାଇଁ,ସ୍ୱାଧିନ ପାତ୍ର ବୁଝାସୁଝା କରିବା ବେଳେ ସେମାନେ ଯୁକ୍ତିତର୍କ ସହିତ ଆକ୍ରମଣ ଓ କାମୁଡାକାମୁଡି କରିଥିଲେ। ଫଳରେ ଏଏସ୍‌ଆଇ ଶ୍ରୀ ମହାନ୍ତି ଏବଂ ୨ଜଣ କନେଷ୍ଟବଳ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ପୁଲିସକୁ ଆକ୍ରମଣ ନେଇ ଏଏସ୍‌ଆଇ ଶ୍ରୀ ମହାନ୍ତିଙ୍କ ଅଭିଯୋଗ କ୍ରମେ ୪ ଜଣ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଉପରକୁ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଜଇନାବାଦ ଗ୍ରାମର କାହ୍ନୁଚରଣ ସାହୁକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଏହି ଘଟଣା ନିମାପଡାରେ ଚର୍ଚ୍ଚାର ବିଷୟ ହୋଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-PVCflooring-26-27-02

କାର୍ଯ୍ୟର ନାମ : 48 (ଅଠଚାଳିଶ) ମାସର ସମୟାବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଳୱେ BG କୋଚଗୁଡ଼ିକରେ PVC ଫ୍ଲୋରିଂ କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ : ₹ 2,01,79,200.00, EMD : ₹ 4,03,600.00, ଶେଷ ହେବା ଅବଧି : 48 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.10.04.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.04.2026ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର(POH-II), CRW/ମଞ୍ଚେଶ୍ୱର

PR-27/R/26-27

## କିଆଯୋରୀ: ୫ ଖନ୍ଦାରେ ନିଆଁରେ ଚାଲିଲେ ୪ କାଳିସୀ

ବାଲିପାଟଣା ,(ସବ୍ୟୁ): ପବିତ୍ର ପଣା ସଂକ୍ରାନ୍ତି , ଓଡିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ ବାଲିପାଟଣା ବ୍ଲକ ଅନ୍ତର୍ଗତ ୧୭ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗାରେଡିପାଞ୍ଚଣ ପଞ୍ଚାୟତ ଅଧୀନ କିଆଯୋରି ଗ୍ରାମରେ ୫ ଖନ୍ଦାରେ ୪ କାଳିସି ଉହ ଉହ ନିଆଁରେ ଚାଲିଥିଲେ । ଏହାକୁ ଦେଖିବାକୁ ବହୁ ଦୂର ଦୂରାନ୍ତ ଜନ ସାଧାରଣ ଆସି ଏହି ଦୃଶ୍ୟ ଦେଖୁବା ସହିତ ମା ଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ । ପୂର୍ବ ଦିନ ମେରି ଉପବାସରେ ମା ମଙ୍ଗଳାଙ୍କ ମନ୍ଦିର ଆଗରେ ଅଧିଆ ପଡିବା ସହିତ ନିଷ୍ଠାର ସହିତ କାଳିସୀମାନେ ମା ଙ୍କୁ ପୂଜା ଅର୍ଚ୍ଚନା କରିଥିଲେ । ମଙ୍ଗଳବାର ପୂର୍ବାହ୍ନ ରେ ଷ" , ଘୋଡା , ବଗ ,ବଗୁଲି , ଶିଙ୍ଘ ବାଜା ଓ ଡିଜେ ବଜାଇ ଗ୍ରାମରେ ରୋଷଣି ରେ କାଳିସି ମାନେ ଗ୍ରାମ ପରିକ୍ରମା କରିଥିଲେ । ପରେ ସ୍ଥାନୀୟ ପଦ୍ମପୋଖରୀରେ ସ୍ନାନ କରି ନବ ବସ୍ତ୍ର ପରିଧାନ କରି କାଳିସୀମାନେ ନିଆଁରେ ଚାଲିଥିଲେ । ଗ୍ରାମର ମୁରବି ଅଇଁଠା ଭୋଇ , ପ୍ରଫୁଲ ଭୋଇ , କାଳନ୍ଦି ଭୋଇ , ତ୍ରିଲୋଚନ ଭୋଇ ଙ୍କ ସହିତ ସମସ୍ତ ଗ୍ରାମବାସି ସହଯୋଗ କରିଥିଲେ । ସେହିପରି ବିଶ୍ୱନାଥପୁର , ସରାଟ , କୁଳନ୍ତିରା , ଦରଡା , ଚଣାହାଟା , ଆମଣାକୁଦ , ରାଜସ , ବସନ୍ତମାଳ , ଗୁଆପୁର ପ୍ରଭୃତି ସ୍ଥାନରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା ।

## କେଏଫସିର ନୂଆ କ୍ରିସ୍ପି ସାୱାମା ରାପର

ଭୁବନେଶ୍ୱର : କେଏଫସି ଇଣ୍ଡିଆ ପକ୍ଷରୁ ନୂଆ କ୍ରିସ୍ପି ସାୱର୍ମା ରାପର ଶୁଭାରମ୍ଭ କରାଯାଇଛି । ନୂଆ ମେନ୍ୟୁ ଆଇଟମ ହେଉଛି ପରିଚିତ ସ୍ୱାଦ ଉପରେ କେଏଫସିର ଏକ ଟ୍ୱିଷ୍ଟ । କେଏଫସି କ୍ରିସ୍ପି ସାୱର୍ମା ରାପର୍ ଏକ ସ୍ୱାଦିଷ୍ଟ ଟୋଷ୍ଟେଡ ଟର୍ଟିଲା ରାପ ସହ ଆସୁଛି, ଯାହା କେଏଫସିର ଆଇକୋନିକ କ୍ରିସ୍ପି ପେରି-ପେରି ଚିକେନ ଷ୍ଟ୍ରିପ୍ସ, କ୍ରିମି ସାୱର୍ମା ମାୟୋ, ଫ୍ରେଶ ଲେଟସ ଓ ଟ୍ୟାଙ୍ଗି ପିକିଲା ମେଡିଟେରାନିଅନ ଭେଜିସ୍ ସହ ଲୋଡେଡ ରହିଛି । ମାତ୍ର ୧୬୯ ଟଙ୍କା ମୂଲ୍ୟରୁ ଆରମ୍ଭ ହେଉଥିବା ନୂଆ କ୍ରିସ୍ପି ସାୱର୍ମା ରାପ୍ ଡାଇନ-ଇନ ଓ ଟେକଆୱେ ପାଇଁ ଭାରତବ୍ୟାପୀ ସମସ୍ତ ୧୩୦୦ କେଏଫସି ରେଷ୍ଟୁରାଣ୍ଟରେ ଉପଲବ୍ଧ ହେବା ସହିତ କେଏଫସି ଆପ୍, ୱେବସାଇଟ କିମ୍ବା ଅଗ୍ରଣୀ ଫୁଡ୍ ଡେଲିଭରି ଆପ୍ ମାଧ୍ୟମରେ ଉପଲବ୍ଧ ହେଉଛି ।

## ଫୋନ ପେ' ଏସ୍‌ବିଆଇ କାର୍ଡ ଏବେ ଜିରୋ ଜଏନିଂ ଫି' ସହ ଉପଲବ୍ଧ

ଭୁବନେଶ୍ୱର: ଫୋନପେ ପକ୍ଷରୁ ନିକଟରେ ଶୁଭାରମ୍ଭ ହୋଇଥିବା ଫୋନପେ ଏସବିଆଇ କାର୍ଡ କ୍ରେଡିଟ କାର୍ଡ ଉପରେ ଏକ ସୀମିତ-ସମୟ ଅଫର ଘୋଷଣା କରାଯାଇଛି । ଏହି କାର୍ଡକୁ ଶୂନ ଜଏନିଂ ଫି' ସହ ପ୍ରଥମ ବର୍ଷ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି । ଆଧୁନିକ ଡିଜିଟାଲ ଉପଭୋକ୍ତାଙ୍କ ପାଇଁ ଡିଜାଇନ ହୋଇଥିବା ଫୋନପେ ଏସବିଆଇ କାର୍ଡ ଉଭୟ ରୁପେ ଓ ଭିସା ପ୍ଲାଟଫର୍ମରେ ଉପଲବ୍ଧ ରହିଛି ଏବଂ ଏହା ଉପଭୋକ୍ତାଙ୍କୁ ପ୍ରତ୍ୟେକ ଅନଲାଇନ କ୍ରୟ ଉପରେ ରିୱାର୍ଡ ଜିତିବା ପାଇଁ ସକ୍ଷମ କରୁଛି । ଏହି କାର୍ଡର ଉପଭୋକ୍ତାମାନେ ପ୍ରଥମ ବର୍ଷ ପାଇଁ ବିନା କୌଣସି ମୂଲ୍ୟରେ କାର୍ଡର ପ୍ରିମିୟମ ଲାଭ ଉପଭୋଗ କରିପାରିବେ । ଏଥିସହିତ ସମସ୍ତ ଅନ୍ଲାଇନ ବ୍ରାଣ୍ଡ ଉପରେ ଅନ୍ଲାଇନ ଟ୍ରାଞ୍ଜାକ୍ସନରେ ୫% ରିୱାର୍ଡ ପାଇବେ ।

ଫୋନପେ ଏସବିଆଇ କାର୍ଡରେ ରିଚାର୍ଜ ଭଳି ନିୟମିତ ପେମେଣ୍ଟ, ସିଲିଣ୍ଡର ବୁକିଂ, ମୋବାଇଲ ରିଚାର୍ଜ, ବିଲ୍ ପେମେଣ୍ଟ ୟୁଟିଲିଟି ପେମେଣ୍ଟ ଉପରେ ୧୦% ରିୱାର୍ଡ ମିଳିପାରିବ । ସେହିପରି ଫୋନପେ ପ୍ଲାଟଫର୍ମରେ ଇନ୍ସୁରାନ୍ସ ପ୍ରିମିୟମ ପେମେଣ୍ଟ ଉପରେ ମଧ୍ୟ ଉପଭୋକ୍ତାମାନେ ରିୱାର୍ଡ ପାଇବା ସହ ୧୦% ସଂଚୟ କରିପାରିବେ । ପ୍ରତ୍ୟେକ ରୁପେ କ୍ୟୁଆର ସ୍କାନ ଉପରେ ୧% ରିୱାର୍ଡ ମିଳିବ । ଏହି କାର୍ଡହୋଲ୍ଡରମାନେ ଡୋମେଷ୍ଟିକ ଏୟାରପୋର୍ଟ ଲାଉଞ୍ଜଗୁଡିକରେ ବିନା ବ୍ୟୟ ସୀମା ସହ ୪ ବର୍ଷ ପର୍ଯ୍ୟନ୍ତ ମାଗଣା ଆକ୍ସେସ ପାଇପାରିବେ ଏବଂ ଇଂଟରନ୍ୟାଶନାଲ ଲାଉଞ୍ଜରେ ୨ ବର୍ଷ ପାଇଁ ପ୍ରାୟୋରିଟି ପାସ ମେମ୍ବରସିପ ପାଇପାରିବେ । ଏସବିଆଇ କାର୍ଡରେ ମିଳିଥିବା ରିୱାର୍ଡ ପଏଂଟଗୁଡିକୁ ଉପଭୋକ୍ତାଙ୍କ କ୍ରେଡିଟ କାର୍ଡ ବିଲ ପଇଠ କରିବା ପାଇଁ ବ୍ୟବହାର କରାଯାଇପାରିବ । ପ୍ରତ୍ୟେକ ପଏଂଟର ମୂଲ୍ୟ ୧ ଟଙ୍କା ରହିଛି । ମିଳିଥିବା ସମସ୍ତ ରିୱାର୍ଡ କାର୍ଡର ଲିମିଟ ଏବଂ ସର୍ତ୍ତାବଳୀ ଅଧୀନରେ ରହିଛ । ଫୋନପେ ଏସବିଆଇ କାର୍ଡ ପାଇଁ ଫୋନପେ ଆପ୍ରେ ସିଧାସଳଖ ଆବେଦନ କରାଯାଇପାରିବ ।

**MUNICIPAL OFFICE : JEYPORE**
Phone : 06854-231098, Fax : 06854-230104
email-ulbjeypore@gmail.com & jayporem.hud@nic.in

Letter No. 2003 / JM Date. 10.04.2026

13001/166/2627 **QUOTATION CALL NOTICE, JEYPORE MUNICIPALITY, JEYPORE**

Sealed quotations are invited from eligible manufacturers/suppliers for the supply of disinfectants (Bleaching Powder, Malaria Oil & Phenyl) to Jeypore Municipality on a rate contract basis for one year (01.04.2026 to 31.03.2027) Vide this office letter No. 2007/JM dated. 10.04.2026.

- Quotation papers available : From 12.04.2026 to 24.04.2026 on payment of Rs. 1500/-
- EMD : Rs. 50,000/- (DD in favour of Executive Officer, Jeypore Municipality)
- Last date of submission : 26.04.2026 up to 4.00 PM. Opening on 26.04.2026 at 5:00 PM.

The undersigned reserves the right to reject any or all quotations.

Sd/- Executive Officer
Jeypore Municipality

OIPR : 13001/13079/1/26-27/0001

### ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୩୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।





ଭୁବନେଶ୍ୱର : ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ହନୁମାନ ଚାଳିଶା ପାଠ ଓ ପଣା ବଣ୍ଟନ

## କସ୍ତୁରୀ ଫ୍ଲୋର ମିଲ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୧୦ ହଜାର ଲିଟର ପଣା ବଣ୍ଟନ

ଭୁବନେଶ୍ୱର (ସବ୍ୟୁ): ପଣା ସଂକ୍ରାନ୍ତି ହେଉଛି ଓଡ଼ିଆ ମାନଙ୍କ ନବବର୍ଷ। ଏହି ନବବର୍ଷ ଉପଲକ୍ଷେ



କସ୍ତୁରୀ ଫ୍ଲୋର ମିଲ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ୧୦,୦୦୦ ଲିଟରର ପଣା ବଣ୍ଟନ କରାଯାଇଛି। ରାଜ୍ୟ ରାଜଧାନୀର ବିଭିନ୍ନ ସ୍ଥାନ ଯଥା ସିରିପୁର, ଚନ୍ଦ୍ରଶେଖରପୁର, ବରମୁଣ୍ଡା, ଲିଙ୍ଗରାଜ, ଆଇଡି ମାର୍କେଟ୍ ସ୍ଥାନ ମାନଙ୍କରେ ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରାଯାଇଛି। ଜନସାଧାରଣଙ୍କ ବହୁଳ ଉପସ୍ଥିତି ଏହି କାର୍ଯ୍ୟକ୍ରମରେ ସଫଳତା ଆଣିଥିଲା। ପାଖାପାଖି ୩୫୦୦୦ ଗ୍ଲାସ ର ବିଭିନ୍ନ ପ୍ରକାରର ପଣା ପ୍ରସ୍ତୁତ କରାଯାଇଥିଲା। ଏକ ବୃତ୍ତିଗତ ଭାବରେ ପରିଚାଳିତ ମେଗା ରୋଷେଇ ଘରେ କସ୍ତୁରୀ ମିଶ୍ରଣ ଛତୁଆ ବେଲ ପଣା, କସ୍ତୁରୀ ଚକୋଲେଟ୍ ଛତୁଆ ପଣା, କସ୍ତୁରୀ ଚଣା ସତ୍ତୁ ଦହି ପଣା ସମଗ୍ର ପ୍ରସ୍ତୁତ କରାଯାଇଥିଲା। ମାଷ୍ଟର ସେଫ୍ ଡକ୍ଟର ଅଭିନାଶ ପଟ୍ଟନାୟକ ପଣା ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ନେଇଥିଲେ । ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଅନୁଷ୍ଠାନର ମୁଖ୍ୟ ସୁରେଶ ପାତ୍ର ନିଜେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଆଗାମୀ ଭବିଷ୍ୟତରେ ଏହିପରି କାର୍ଯ୍ୟ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ଜଳସେବା

କଟକ, (ସ୍ୱପ୍ର) : ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ସ୍ଥାନୀୟ ରାଜେନ୍ଦ୍ରନଗର ମୁଖ୍ୟ ରାସ୍ତାରେ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଶତାଧିକ ପଥଚାରୀଙ୍କୁ ବିଷୁବ ପଣା ବଣ୍ଟନ କରିଥିଲେ । ଏଥିରେ ସଙ୍ଗଠନର ସଭାପତି ମାଗୁଣୀ ଚରଣ ଦାସ, ବରିଷ୍ଠ ସଭ୍ୟ ବୀରକିଶୋର ସାହୁ, ସମ୍ପାଦକ ବିଶ୍ୱ ରଞ୍ଜନ ସାହୁ, ସଂଯୋଜକ ସମ୍ବାଦିକ ସମୀର କର, ପୂର୍ଣ୍ଣେନ୍ଦୁ ଜେନା, ଅନ୍ଦରପୁର ସାହି ଅଧିକାରୀ ତଥା ସଙ୍ଗଠନର ହିତୈସି ପ୍ରମୋଦ କୁମାର ଭୋଳ, ସରୋଜ ରାଉତ, ପ୍ରାକ୍ତନଯନ୍ତ୍ରୀ



ଶୈଳେନ୍ଦ୍ର ଭୋଳ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିହର ସାମଲ, ପ୍ରଦୀପ କୁମାର ପଣ୍ଡା, ବିଶ୍ୱଜିତ ଭଟ୍ଟାଚାର୍ଯ୍ୟ, ପ୍ରଭାକର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପଣା ବଣ୍ଟନ କରିଥିଲେ । ଶେଷରେ ଆସନ୍ତା ୨୫ ତାରିଖ ଶନିବାର ଦିନ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବାର ସ୍ଥାନୀୟ ଖପୁରିଆ ସ୍ଥିତ ଓଇଆ ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି ।

## ଓଡିଆ ନବବର୍ଷକୁ ଭିନ୍ନ ଢଙ୍ଗରେ ପାଳିଲେ ଜାପାନୀ ପର୍ଯ୍ୟଟକ

ଭୁବନେଶ୍ୱର (ସବ୍ୟୁ): ପବିତ୍ର ମହାବିଷୁବ ସଂକ୍ରାନ୍ତି, ମହାବୀର ଜୟନ୍ତୀ ଓ ଓଡ଼ିଆ ନବବର୍ଷକୁ ଭିନ୍ନ ଢଙ୍ଗରେ ସ୍ୱାଗତ କରିଛନ୍ତି ଜାପାନୀ ପର୍ଯ୍ୟଟକ । ମହିଳା ପର୍ଯ୍ୟଟକ ମାୟୁ କାମେଇ ନିଜକୁ ଓଡ଼ିଆ ମହିଳାଙ୍କ ଭଳି ଲୁଗା ପରିଧାନ କରି ବିଭିନ୍ନ ରଙ୍ଗର



ମୁରୁଜରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମୁଖରେ ମହାବୀରଙ୍କ ଚିତ୍ର ଅଙ୍କନ କରିଥିଲେ। ଏସମ୍ପର୍କରେ ଇଣ୍ଡିଆ-ଜାପାନ ଫେଣ୍ଡସିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ଆଜିର ଦିନକୁ ସମଗ୍ର ଓଡ଼ିଶାରେ ଘରେ ଘରେ ଓଡିଆ ନବବର୍ଷ ପାଳନ କରିଥାନ୍ତି। ଆଜି ମହାପ୍ରଭୁ ଓ ମହାବୀରଙ୍କୁ ବର୍ଷର ପ୍ରଥମ ଦିନରେ ଦର୍ଶନ କଲେ ବର୍ଷତମାମ ନିଜ ସହ ପରିବାର ସଦସ୍ୟମାନଙ୍କ ସମୟ ଖୁସିରେ ଅତିବାହିତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଜାପାନ ପର୍ଯ୍ୟଟକଙ୍କୁ ଶ୍ରୀମନ୍ଦିର ପ୍ରବେଶ ବାରଣ ରହିଥିବାରୁ ସେମାନେ ସେଣ୍ଟରରେ ଏକତ୍ରିତ ହୋଇ ହିନ୍ଦୁଧର୍ମର ପର୍ବପର୍ବାଣୀ ସମ୍ପର୍କରେ ଅବ ଗତ ହୋଇ ମହାବୀରଙ୍କ ଚିତ୍ର ଆଙ୍କି ଆଶିଷ ଭିକ୍ଷା ନେଇଥିଲେ।

### ଓଡିଏମ୍ ବିଜିନେସ୍ ସ୍କୁଲ୍‌ର ୧୫ତମ ସମାବର୍ତ୍ତନ ସମାରୋହ

## ଯୁବ ସମାଜ ବିକଶିତ ଓଡ଼ିଶା, ବିକଶିତ ଭାରତ ଗଠନ ଯାତ୍ରାରେ ଭାଗିଦାର ହୁଅନ୍ତୁ : ଡ଼ଃ ଚାନ୍ଦ

ଭୁବନେଶ୍ୱର (ସବ୍ୟୁ): ମ୍ୟାନେଜମେଣ୍ଟ ଶିକ୍ଷାରେ ଏକ ଉତ୍କର୍ଷ କେନ୍ଦ୍ର ଏବଂ ଓଡିଏମ୍ ଏଡୁକେସନାଲ୍ ଗ୍ରୁପ୍‌ର ଅଧୀନରେ ଥିବା ସ୍ୱୟଂଶାସିତ ସଂସ୍ଥା – ଓଡିଏମ୍ ବିଜନେସ୍ ସ୍କୁଲ୍ ତାଙ୍କର ୧୫ ତମ ସମାବର୍ତ୍ତନ ସମାରୋହକୁ ଭୁବନେଶ୍ୱରରେ ଆୟୋଜନ କରିଥିଲେ । ୨୦୨୫-୨୬ ଶିକ୍ଷାବର୍ଷରେ ପିଜିଡିଏମ୍ ପ୍ରୋଗ୍ରାମ୍‌ରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସନନ୍ଦ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଫଳାଫଳ କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ଓ ରୋପ୍ୟ ପଦକ ଦେଇ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ସମ୍ବଲପୁର ବି ଶ୍ୱ ବି ଦ୍ୟା ଳ ୟ ର ଉପକୁଳପତି ଡ଼ଃ ବିଧୁ ଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ, ନାଲକୋର ପୂର୍ବତନ ସିଏମ୍‌ଡି ଡ଼ଃ ତପନ ଚାନ୍ଦ କୀ-ନୋଟ୍ ବକ୍ତା ଭାବେ, ଡ଼ଃ ସତ୍ୟବ୍ରତ ମିନାକେତନ (ଅଧ୍ୟକ୍ଷ, ଓଡିଏମ୍‌ଇଜି) ଅତିଥି ସମ୍ମାନିତ ଭାବେ, ଡ଼ଃ କମଳେଶ ମିଶ୍ର (ନିର୍ଦ୍ଦେଶକ, ଓବିଏସ୍) ପ୍ରମୁଖ ଉପସ୍ଥିତ ଥିଲେ ।



ତାଙ୍କର କୀ-ନୋଟ୍ ଉଦ୍‌ବୋଧନରେ ଡ଼ଃ ତପନ ଚାନ୍ଦ କହିଥିଲେ ଯେ, ଶିକ୍ଷ କ୍ଷେତ୍ର ଏଆଇ ଓ ଉଚ୍ଚ ପ୍ରଯୁକ୍ତିର ପ୍ରଭାବରେ ୫ମ ଶିଳ୍ପ ବିପ୍ଳବର ସୀମାରେ ପହଞ୍ଚିଛି। ସେ ଆହୁରି କହିଥିଲେ ଯେ ଶିଳ୍ପରେ ୪ଟି ମୁଖ୍ୟ ପରିବର୍ତ୍ତନ – ଡିଜିଟାଲାଇଜେସନ୍, ଡିସରପ୍ସନ୍, ଡେମୋକ୍ରାଟାଇଜେସନ୍ ଓ ଡିକାର୍ବୋନାଇଜେସନ୍ (୪ଡିଏସ୍) ଅନୁଭବ ହେଉଛି । ପାରମ୍ପରିକ ପରିଚାଳନା ପ୍ରଣାଳୀକୁ ତଥ୍ୟାଧାରିତ ନିଷ୍ପତ୍ତି ପ୍ରକ୍ରିୟା ବଦଳାଇ ଦେଉଛି, ଯାହା ନିଷ୍ପତ୍ତିର ସଫଳତା ହାରକୁ ବୃଦ୍ଧି କରୁଛି। ପରିଚାଳନା ବ୍ୟବସ୍ଥା ଅଧିକ ଯୁକ୍ତିସଂଗତ, ପାରଦର୍ଶୀ ଓ ମାନବକେନ୍ଦ୍ରିକ ହେଉଛି। ସହାନୁଭୂତି, କର୍ମଚାରୀ ସୁସ୍ଥତା, କାର୍ଯ୍ୟ ନୀତି ଓ କାମ-ଜୀବନ ସମତୁଳନ ଆଦି ମୂଲ୍ୟବାନ ହେଉଛି। ସେ କହିଥିଲେ ଯେ ଶିଳ୍ପ ଓ ବ୍ୟବସାୟ ପରିବେଶର ସବୁଠୁ ବଡ଼ ପରିବର୍ତ୍ତନ ହେଉଛି "ବିକସିତ ଓଡ଼ିଶା ୨୦୩୬" ଓ "ବିକସିତ ଭାରତ ୨୦୪୭" ଦିଗରେ ହେଉଥିବା ପରିବର୍ତ୍ତନମୂଳକ ଯାତ୍ରା। ଏହା ପଶ୍ଚିମ ମଡେଲ୍ (ପୁଁଜିବାଦ କିମ୍ବା ସାମ୍ୟବାଦ) ଉପରେ ଆଧାରିତ ନୁହେଁ, ବରଂ ଏକାତ୍ମ ମାନବବାଦ (ଇଣ୍ଟିଗ୍ରାଲ୍ ହ୍ୟୁମାନିଜ୍ମ) ଉପରେ ଆଧାରିତ, ଯାହାର ଲକ୍ଷ୍ୟ ଅନ୍ତିମ ଧାଡ଼ିର ଅନ୍ତିମ ଲୋକଙ୍କ ପର୍ଯ୍ୟନ୍ତ ଉନ୍ନତି ପହଞ୍ଚାଇବା। ବିକସିତ ଭାରତରେ ଶିକ୍ଷା, ନିଯୁକ୍ତି ଓ ଉଦ୍ୟମୀତ୍ୱ ମଧ୍ୟରେ ପୂର୍ଣ୍ଣ ସାମଞ୍ଜସ୍ୟ ରହିବ। ଯୁବ ସମାଜ ଏହି ପ୍ରଗତି ର ମୁଖ୍ୟ ଚାଳକ ହେବେ ଏବଂ ଏହି କ୍ଷେତ୍ର ରେ ବିଶାଳ ସୁଯୋଗ ସୃଷ୍ଟି ହେବ। ଓଡ଼ିଶାର ଅର୍ଥନୀତି ୧୦୦ ବିଲିଅନ୍ ରୁ ୫୦୦ ବିଲିଅନ୍ ପର୍ଯ୍ୟନ୍ତ ୫ ଗୁଣା ବୃଦ୍ଧି ପାଇବାର ସମ୍ଭାବନା ଥିବା ବେଳେ, ସୁଯୋଗଗୁଡ଼ିକ ମଧ୍ୟ ୫ ଗୁଣା ବଢ଼ିବ। ଏହି ପରିପ୍ରେକ୍ଷିତରେ ସେ ଯୁବ ସମାଜ ଓ ମ୍ୟାନେଜମେଣ୍ଟ ବୃତ୍ତିଜୀବି ମାନଙ୍କୁ ଓଡ଼ିଶାକୁ ବିକସିତ ରାଜ୍ୟ କରିବା ଓ ଭାରତକୁ ବିକସିତ ଦେଶ କରିବାର ଯାତ୍ରାରେ ସମ୍ପୂର୍ଣ୍ଣ ଭାଗୀଦାର ହେବାକୁ ଆହ୍ୱାନ କରିଥିଲେ।

## ଚୌଦ୍ୱାରରେ ଶ୍ରୀ ହନୁମାନ ଧ୍ୱଜା ଯାତ୍ରା ଅନୁଷ୍ଠିତ

ଚୌଦ୍ୱାର,(ସ.ବ୍ୟୁ.) : ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଉତ୍କଳୀୟ ନବବର୍ଷ ଓ ହନୁମାନ ଜନ୍ମ ଉତ୍ସବ ଅବସରରେ ଚୌଦ୍ୱାର ହନୁମାନ ଧ୍ୱଜା ଯାତ୍ରା ସମିତି ଓ ବଜରଙ୍ଗ ଦଳ ତରଫରୁ ଏକ ବିଶାଳ ଧ୍ୱଜା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୯ନମ୍ବର ୱାର୍ଡ଼ ସ୍ଥିତ କପାଳେଶ୍ୱର ମନ୍ଦିରରୁ ଏହି ଶୋଭାଯାତ୍ରା ବାହାରି ଚୌଦ୍ୱାର ସହର ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାରେ ବଜରଙ୍ଗ ଦଳର ଜିଲ୍ଲା ଆବାହକ ଅସିତ୍ ସ୍ୱାଇଁ, ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର ସ୍ୱାଇଁ, ଟେଟ୍ରାହେଡ୍ରନ୍ ଅଧ୍ୟକ୍ଷ ତ୍ରିଦେବ ବେହେରା, ସମାଜସେବୀ ଶୋଭନ ମହାନ୍ତି, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତି, ଚୌଦ୍ୱାରର ବରିଷ୍ଠ ବିଜେପି ନେତା ଅକ୍ଷୟ ଭୂୟାଁ, ପୂର୍ବତନ କାଉନ୍‌ସିଲର ବିଷ୍ଣୁଚରଣ ପରିଡ଼ା, ବିଜେପି ନଗର ସଭାପତି ମମତା ବେହେରା, ସଞ୍ଜିତ ମହାନ୍ତି, ଦୀପୁ ନାୟକ, ଗୀତିକାର ଟି ସୌରୀ, ସନ୍ତୋଷ ସାହୁ, ସ୍ୱପ୍ନ ଫାଉଣ୍ଡେସନ୍‌ର ଲୋକନାଥ ମାଝୀ, ହୃଷିକେଶ ରାଉତ, ଗୌତମ ବେହେରା, ସଞ୍ଜୟ ମହାରଣା, ରମେଶ ନାୟକ, ଧୀରେନ୍ଦ୍ର ସିଂ, ପ୍ରଶାନ୍ତ ବିଶ୍ୱାଳ, ରାଜରତନ ପରିଡ଼ା, ନଗେନ୍ଦ୍ର କୁମାର ସାହୁଙ୍କ ସମେତ ଶତାଧିକ ହନୁମାନ ଭକ୍ତ, ବଜରଙ୍ଗ ଦଳର ସଦସ୍ୟ ଓ ବିଜେପି କର୍ମୀ ଯୋଗ ଦେଇଥିଲେ ।

## କେଦାରଗୌରୀ ବିହାରର ବରିଷ୍ଠ ନାଗରିକଙ୍କ ପରଲୋକ



ଭୁବନେଶ୍ୱର, (ସବ୍ୟୁ): କେଦାରଗୌରୀ ବିହାରର ବରିଷ୍ଠ ନାଗରିକ କୁଞ୍ଜ ବିହାରୀ ମହାନ୍ତି (୯୫) ଙ୍କର ସୋମବାର ରାତିରେ ପରଲୋକ ହୋଇଛି । ସେ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ପରିବାର ଲୋକେ ତାଙ୍କୁ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁ ଖବର ପାଇ ପୋଲିସ ଡିଜି ୱାଇବି ଖୁରାନିଆ, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଅନ୍ୟମାନେ ତାଙ୍କ ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ୱର୍ଗତ ମହାନ୍ତିଙ୍କ ବଡ଼ ପୁଅ ଜଳ ସମ୍ପଦ ବିଭାଗ ପୂର୍ବତନ ମୁଖ୍ୟଯନ୍ତ୍ରୀ ବିଶ୍ୱଜିତ ମହାନ୍ତି ଓ କନିଷ୍ଠ ପୁତ୍ର ପୂର୍ବତନ ପୋଲିସ ଡିଜି ସତ୍ୟଜିତ ମହାନ୍ତି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଭୁବନେଶ୍ୱର ଧର୍ମବିହାରରେ ଥିବା ବିଦ୍ୟୁତ ଚୁଲାରେ ତାଙ୍କ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଛି ।

### ଧଉଳିରେ ଓଡ଼ିଆ ନୂଆ ବର୍ଷରେ ଜାତୀୟ ସେବା ଯୋଜନା ଶିବିର

## ନିଶା ନିବାରଣ ସଙ୍କଳ୍ପକୁ ନେଇ ଶିଳ୍ପୀ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ନୂଆ ବର୍ଷ ଓ ଜାତୀୟ ସେବା ଯୋଜନାର




ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏହି ଅବସରରେ ନିଶା ନିବାରଣ ଉପରେ ଆଧାରିତ ଶିଳ୍ପୀ ଶିବିରକୁ ମୁଖ୍ୟଅତିଥି ଭାବେ ସମର୍ପଣର ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀ ପ୍ରଭୁଦତ୍ତ ପଟେଲ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଡ. ପଞ୍ଚାନନ୍ ସାମଲ ଉଦ୍‌ଘାଟନ କରିଥିଲେ। ନିଶା ଆମକୁ ପଥଭ୍ରଷ୍ଟ କରିଥାଏ, ଯୁବପିଢି ମାନେ ଏଥିରୁ ନିବୃତ ରହି ଜୀବନର ଲକ୍ଷ୍ୟକୁ କେନ୍ଦ୍ରୀଭୂତ କରି କାର୍ଯ୍ୟ କଲେ ସଫଳ ହୋଇପାରିବେ ଏବଂ ସମାଜକୁ ଶୃଙ୍ଖଳିତ କରିପାରିବେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଓ ଅଧ୍ୟାପକ ଭୂପତିଭୂଷଣ ପଣ୍ଡା ଏଦିଗରେ ଶିଳ୍ପୀମାନଙ୍କୁ ଉନ୍ନତ ଚିତ୍ର ସର୍ଜନା ପାଇଁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ୬୦ ଜଣ ଛାତ୍ରଛାତ୍ରୀ ନିଶା ନିବାରଣ ବିଷୟକୁ ନେଇ ସୁନ୍ଦର ସୁନ୍ଦର ସୃଜନଶୀଳ ଚିତ୍ର ଓ ପ୍ରାଚୀର ପତ୍ର ଅଙ୍କନ କରି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏଥି ସହ ପରସ୍ପରକୁ ଶୁଭେଚ୍ଛା ସହ ପଣା ପ୍ରଦାନ ପୂର୍ବକ ଓଡ଼ିଆ ନୂଆ ବର୍ଷକୁ ଆଡମ୍ବରରେ ପାଳନ କରିଥିଲେ। ଏହି ଶିବିର ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପକ୍ଷରୁ

## ବୟସ୍କଙ୍କ ପାଇଁ ଘରୋଇ ଚକ୍ଷୁ ଯତ୍ନ ସେବା ଏଲ୍‌ଭିପିଆଇ ହୋମର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଏଲଭିପିଆଇ ହୋମ ହେଉଛି ଏକ ଅଭିନବ ଘରୋଇ ଚକ୍ଷୁ ଚିକିତ୍ସା ସେବା ଯାହା ବୟସ୍କ ଏବଂ ଚାଲିବା ସମସ୍ୟାର ସମ୍ମୁଖୀନ ହେଉଥିବା ବ୍ୟକ୍ତିଙ୍କ ପାଇଁ ଘରେ ଆରାମଦାୟକ ଗୁଣାତ୍ମକ ଚକ୍ଷୁ ଚିକିତ୍ସା ପ୍ରଦାନ କରେ। ଅନାବଶ୍ୟକ ଅନ୍ଧତ୍ୱକୁ ଦୂର କରିବା ଏବଂ ଗୁଣସ୍ତରୀୟ ଆଖି ଚିକିତ୍ସା ସେବାକୁ ସମସ୍ତଙ୍କ ପାଖକୁ ପହଂଚେଇବା ପାଇଁ ସାଧାରଣ ପ୍ରତିବଦ୍ଧତା ଉପରେ ଆଧାରିତ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ) ଏବଂ ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କର "ଦେଖିବାରେ ବିଶ୍ୱାସ" ଏଲଭିପିଆଇଅହୋମର ପରିସର ଏବଂ ପ୍ରଭାବକୁ ବିସ୍ତାର କରିଚାଲିଛି। ଏହି ସହଭାଗୀତା ଭାରତର ବର୍ଦ୍ଧିତ ବୟସ୍କ ଜନସଂଖ୍ୟା ଏବଂ ବିକଶିତ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ଥାୟୀ ସ୍ୱାସ୍ଥ୍ୟସେବା ମଡେଲ୍ ନିର୍ମାଣ କରିବାର ଏକ ମିଳିତ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ବିଶ୍ୱ ଦୃଷ୍ଟି ଦିବସ ୨୦୨୪ ରେ ଏହାର ସ୍ଥାପନା ପରଠାରୁ, ଏଲଭିପିଆଇଅହୋମ ୬୬୫୯୦ ରୁ ଅଧିକ ବୟସ୍କ ଏବଂ



ଚାଲିବାରେ ଅକ୍ଷମ ଲୋକଙ୍କୁ ସେବା ପ୍ରଦାନ କରିଛି। ଆର୍ଥିକ ଅନଗ୍ରସର ବୟସ୍କ ବ୍ୟକ୍ତିମାନଙ୍କୁ ମାଗଣାରେ ୯୫୦ ଟି ଚଷମା ବଣ୍ଟନ କରାଯାଇଛି ଏବଂ ୩୨୬ ଟି ଅସ୍ତ୍ରୋପଚାର କରାଯାଇଛି। ଏହି ସେବା ପ୍ରଦାନ କରୁଥିବା ଆଠଟି କେନ୍ଦ୍ର (ହାଇଦ୍ରାବାଦ, ଭୁବନେଶ୍ୱର, ବିଶାଖାପାଟଣା, ବିଜୟୱାଡା, ମଦନପାଲି, ସିରିସିଲା, ବ୍ରହ୍ମପୁର) ଏବଂ ଏହାର ଆଖପାଖରେ ବ୍ୟାପକ ଚକ୍ଷୁ ଚିକିତ୍ସା ସେବା ଉପଲବ୍ଧତାକୁ ଏହା ବେଶ୍ ସୁଦୃଢ଼ କରିଛି। ଏଲଭିପିଆଇଅହୋମ ମୋତିଆବିନ୍ଦୁ, ଗ୍ଲୁକୋମା, ଡାଇବେଟିକ୍ ରେଟିନୋପାଥି ଏବଂ ଅନ୍ୟାନ୍ୟ ଦୃଷ୍ଟିଶକ୍ତି ପ୍ରତି କ୍ଷତିକାରକ ଅବସ୍ଥାର ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ପରିଚାଳନାକୁ ସକ୍ଷମ କରିଥାଏ। ଆମର ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ବିଶ୍ୱସ୍ତରୀୟ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସାକୁ ସେମାନଙ୍କ ଘର ପାଖରେ ପହଂଚାଇ ଚକ୍ଷୁ ଯତ୍ନରେ ପରିବର୍ତ୍ତନ ଆଣିବା ସହିତ ଅନ୍ଧତ୍ୱକୁ ରୋକିପାରିଛି ବୋଲି ଭୁବନେଶ୍ୱରର ମିଠୁ ତୁଳସୀ ଚନରାଇ କ୍ୟାମ୍ପସରେ ବୟସ୍କଙ୍କ ଚକ୍ଷୁ ଯତ୍ନ ଏବଂ ଏଲଭିପିଆଇଅହୋମ ନେଟୱାର୍କ ମୁଖ୍ୟ ଡାକ୍ତର ସୂର୍ଯ୍ୟସ୍ନାତ ରଥ କହିଛନ୍ତି।

## ଓଡ଼ିଶା ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଆ ନୂଆବର୍ଷ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ନୂଆବର୍ଷରେ ଓଡ଼ିଆତ୍ୱ ଓ ଓଡ଼ିଆ ପ୍ରୀତିକୁ ବ୍ୟାପକ କରିବାକୁ ଅଭିଯାନ ଆରମ୍ଭ ହୋଇଛି । ଏହିକ୍ରମରେ ଓଡ଼ିଶା ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଆ ନୂଆବର୍ଷ ଓ ପଣା ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି । ନାଗରିକ ସୁରକ୍ଷା ମଞ୍ଚ ସଭାପତି କୃଷ୍ଣଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଭୁବନେଶ୍ୱର ଷ୍ଟାଇଲ୍ ଗ୍ରିନ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଟିମ୍ ଆଡମାର୍କର ସିଏମଡି ନିଶିକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା ଓ ଓଡ଼ିଆତ୍ୱ ଜାଗ୍ରତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମଳୟ ମହାନ୍ତି, କଂଗ୍ରେସ ମୁଖପାତ୍ର ଦେବାଶିଷ ଭୂୟାଁ, ଜୟଶ୍ରୀ ପାତ୍ର, ବରିଷ୍ଠ ସାମ୍ବାଦିକ ସ୍ୱାରଜିତ ଆର୍ଯ୍ୟ, ସସ୍ମିତା କାମିଲା, ଶିକ୍ଷାବିତ ପ୍ରିୟଶିଷ ମିଶ୍ର, ସୁରେନ୍ଦ୍ର ସାହୁ, ସାମ୍ବାଦିକା ନିରୁପମା ବେହେରା, ରନିପଦ୍ମା ସାମଲ, ଶିକ୍ଷାବି ଜଲିଲା ଖାଁ ଯୋଗଦେଇ ମତ ରଖିଥିଲେ । ଏହି ଅବସରରେ ସମାଜସେବୀ ଧୀରେନ୍ଦ୍ର ପତି, ଗାଡ଼କଣ ବରିଷ୍ଠ ନାଗରିକ କମିଟି ଉପଦେଷ୍ଟା ସୁର ପାତ୍ର, ସଭାପତି ଲକ୍ଷ୍ମୀଧର ସାହୁ, ଆଦିମାତା କଲୋନି ବରିଷ୍ଠ ନାଗରିକ କମିଟି ସଭାପତି ହରି ସାହୁ, ଯୁବନେତ୍ରୀ ନିରୁପମା ପାତ୍ର, ଉଦ୍ୟୋଗୀ ଭରତ ଲେଙ୍କା, ବୁବୁ ଚୌଧୁରୀ, ଗ୍ରିଡକୋ କଲୋନି ସଭାପତି ଅନନ୍ତ ଓଝା, ସାମ୍ବାଦିକ ବିଜୟ ଦାସ, ରାଜେଶ ମହାନ୍ତି, ବୁବୁନା ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ନାଗରିକ ସୁରକ୍ଷା କମିଟିର ମୁଖ୍ୟ ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ, ଉପଦେଷ୍ଟା ଧରିତ୍ରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସଙ୍କେତ କମ୍ୟୁନିକେସନ୍ସ ପକ୍ଷରୁ

## ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ବେଲପଣା ବଣ୍ଟନ

ଭୁବନେଶ୍ୱର, (ସବ୍ୟୁ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ବିଜ୍ଞାପନ ଓ ଲୋକ ସମ୍ପର୍କ (ପିଆର୍) ସଂସ୍ଥା ସଙ୍କେତ କମ୍ୟୁନିକେସନ୍ସ ପକ୍ଷରୁ ଏକ ସାମାଜିକ ଦାୟିତ୍ୱବୋଧ ଆଧାରିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାର ସଦସ୍ୟମାନେ ଏକତ୍ରିତ ହୋଇ ଶହିଦନଗରରେ ପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ପଥଚାରୀଙ୍କୁ ବେଲପଣା ବଣ୍ଟନ କରିଥିଲେ। ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପରୁ ପଥଚାରୀମାନଙ୍କୁ ସାମାନ୍ୟ ଶୀତଳତା ଓ ସତେଜତା ପ୍ରଦାନ କରିବା ଉଦ୍ଦେଶ୍ୟରେ ସଙ୍କେତ କମ୍ୟୁନିକେସନ୍ସର ଏହି ପ୍ରୟାସ ଦ୍ୱାରା କେବଳ ପଥଚାରୀ ନୁହେଁ, ଶ୍ରମିକ, ଅଟୋ ଚାଳକ, ସାଧାରଣ ଲୋକ ବେଶ୍ ପ୍ରଶଂସା



କରିଥିଲେ। ସମାଜସେବା ଓ ଲୋକହିତ କାର୍ଯ୍ୟରେ ସଂସ୍ଥା ସଦା ସକ୍ରିୟ ରହିଆସିଛି ଏବଂ ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଏହି ଅବସରରେ ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ସୁଭାଶିଷ ତ୍ରିପାଠୀ କହିଥିଲେ। ସଂସ୍ଥାର ନିର୍ଦ୍ଦେଶିକା ଶ୍ରୀମତୀ ସଙ୍ଗୀତା ତ୍ରିପାଠୀ, ନିର୍ଦ୍ଦେଶକ (ଅର୍ଥ) ଦିଲୀପ କୁମାର ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ସେବା ମନୋଭାବ ନେଇ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇଥିଲେ।

# ଇରାନର ପରମାଣୁ ପ୍ରକଳ୍ପକୁ ଆମେରିକାର ଟାର୍ଗେଟ

ୱାଶିଂଟନ/ଇସଲାମାବାଦ/ତେହେରାନ୍: ଇରାନର ୟୁରାନିୟମ୍ ସମୃଦ୍ଧକରଣ କାର୍ଯ୍ୟକ୍ରମକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଉଚ୍ଚସ୍ତରୀୟ ଆଲୋଚନା ଏକ ଜଟିଳ ମୋଡ଼ରେ ପହଞ୍ଚିଛି। ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମକୁ ଅତିକମରେ ୨୦ ବର୍ଷ ପାଇଁ ସ୍ଥଗିତ ରଖୁ ବୋଲି ଆମେରିକା ଦାବି କରିଥିବା ବେଳେ ଇରାନ ମାତ୍ର ୫ ବର୍ଷର ସମୟସୀମା ଉପରେ ଜିଦ୍ ଧରିଛି। ପାକିସ୍ତାନ, ତୁର୍କୀ ଓ ମିଶର ପରି ଦେଶଗୁଡ଼ିକ ଏହି ଦୁଇ ଶକ୍ତି ମଧ୍ୟରେ ମଧ୍ୟସ୍ଥତା କରୁଥିଲେ ହେଁ, ୟୁରାନିୟମ୍ ସମୃଦ୍ଧକରଣ ଏବଂ ପୁରୁଣା ଷ୍ଟକ୍ ହଟାଇବାକୁ



ନେଇ ସ୍ପଷ୍ଟ ମତଭେଦ ଯୋଗୁଁ ଚୁକ୍ତି ସ୍ୱାକ୍ଷରିତ ହୋଇପାରି ନାହିଁ। ଆସନ୍ତା ଏପ୍ରେଲ ୨୧ରେ ଯୁଦ୍ଧବିରତି ସମୟସୀମା ଶେଷ ହେବାକୁ ଥିବାରୁ ଏହି ବିଫଳତା ଆନ୍ତର୍ଜାତୀୟ ସ୍ତରରେ ଚିନ୍ତା ବଢ଼ାଇ ଦେଇଛି।

ରିପୋର୍ଟ ଅନୁଯାୟୀ, ଆମେରିକା ଚାହୁଁଛି ଯେ ଇରାନ ତା'ର ସମସ୍ତ ସମୃଦ୍ଧ ୟୁରାନିୟମ୍ ନଷ୍ଟ କରୁ କିମ୍ବା ବାହାରକୁ ପଠାଇ ଦେଉ। ମାତ୍ର ଇରାନ ଏହାକୁ କେବଳ ପରିମାର୍ଜିତ କରିବାକୁ ପ୍ରସ୍ତାବ ଦେଇଛି। ଏହି ଆଲୋଚନା ମଧ୍ୟରେ ଆମେରିକୀୟ ପ୍ରତିନିଧି ଦଳର ଅଚାନକ ପ୍ରସ୍ଥାନ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ କଡ଼ା ମନ୍ତବ୍ୟ ଇରାନୀ ନେତାଙ୍କୁ କ୍ଷୁବ୍ଧ କରିଛି। ଅନ୍ୟପକ୍ଷରେ, ରାଜନୈତିକ ସମୀକ୍ଷକ ଇଆନ୍ ବ୍ରେମର୍ ସୂଚନା ଦେଇଛନ୍ତି ଯେ ଉଭୟ ପକ୍ଷ ବର୍ତ୍ତମାନ ୧୨.୫ ବର୍ଷର ଏକ ମଧ୍ୟବର୍ତ୍ତୀକାଳୀନ ସମୟସୀମା ଉପରେ ଏକମତ ହେବାକୁ ଚେଷ୍ଟା କରୁଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଓ ତୁର୍କୀର ବୈଦେଶିକ ମନ୍ତ୍ରୀ ହାକାନ ଫିଦାନ କହିଛନ୍ତି ଯେ ଆଲୋଚନାର ପ୍ରାରମ୍ଭିକ ପର୍ଯ୍ୟାୟରେ ଦୁଇ ପକ୍ଷ ନିଜ ନିଜର କଠୋର ଆଭିମୁଖ୍ୟ ରଖିବା ସ୍ୱାଭାବିକ, କିନ୍ତୁ ଏକ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି। ସାରା ବିଶ୍ୱର ନଜର ଏବେ ଏପ୍ରେଲ ୨୧ ଉପରେ ରହିଛି, ଯେଉଁଦିନ ଏହି ଚୁକ୍ତିର ଭବିଷ୍ୟତ ନିର୍ଦ୍ଧାରଣ ହେବ।

## ଦୁଇ ବିରୋଧୀ ନେତାଙ୍କ ବନ୍ଧୁତ୍ୱପୂର୍ଣ୍ଣ ମିଳନ

ନୂଆଦିଲ୍ଲୀ: ଆମ୍ବେଦକର ଜୟନ୍ତୀ ଅବସରରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟାନ୍ୟ ନେତାମାନେ ସଂସଦ ପରିସରରେ ଥିବା 'ପ୍ରେରଣା ସ୍ଥଳ'ରେ ଭାରତ ରତ୍ନ ଡକ୍ଟର ବି.ଆର. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ଭାବେ ଭେଟିଛନ୍ତି। ଦୁଇ ବିରୋଧୀ ନେତାଙ୍କ ମଧ୍ୟରେ ଏଭଳି ମୁହୂର୍ତ୍ତ ପ୍ରାୟତଃ ବହୁତ କମ୍ ଦେଖିବାକୁ ମିଳିଥାଏ। ଆମ୍ବେଦକର ଜୟନ୍ତୀରେ ଖାର୍ଗେ ଏବଂ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଉଷ୍ମ ସାକ୍ଷାତର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଦେଖାଯାଉଛି, ପ୍ରଧାନମନ୍ତ୍ରୀ ମୋଦୀ ଆମ୍ବେଦକର ଜୟନ୍ତୀ ପାଳନ ସମୟରେ ସଂସଦ ପରିସରରେ ଥିବା ପ୍ରେରଣା ସ୍ଥଳରେ ସମସ୍ତ ରାଜନୈତିକ ଦଳର ନେତାମାନଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ ଖାର୍ଗେଙ୍କ ପାଖକୁ ଯାଇ ତାଙ୍କ ସହିତ ହାତ ମିଳାଉଛନ୍ତି। ଭିଡିଓରେ ଖାର୍ଗେଙ୍କୁ ଦେଖିଲେ ଏହା ଜଣାପଡୁଛି ଯେ ସେ ପ୍ରଧାନମନ୍ତ୍ରୀଙ୍କୁ କିଛି ହାସ୍ୟରସପୂର୍ଣ୍ଣ କଥା କହୁଛନ୍ତି, ଯାହାକୁ ନେଇ ପ୍ରଧାନମନ୍ତ୍ରୀ ମନଖୋଲି ଜୋରରେ ହସୁଛନ୍ତି।

## ମୋଦୀ -ଟ୍ରମ୍ପ ଆଲୋଚନା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟେଲିଫୋନ ଜରିଆରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା କରିଛନ୍ତି। ଟ୍ରମ୍ପ ନିଜଆଡୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଫୋନ କରିଥିଲେ। ଉଭୟଙ୍କ ମଧ୍ୟରେ ଟେଲିଫୋନରେ କଥାବାର୍ତ୍ତା ବେଳେ ଦ୍ୱିପାକ୍ଷିକ ସହଯୋଗ ସମୀକ୍ଷା କରିଛନ୍ତି । ଏଥିସହ ପଶ୍ଚିମ ଏସିଆ ଓ ହରମୁଜ୍ ପ୍ରଣାଳୀ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି। ସମସ୍ତ କ୍ଷେତ୍ରରେ ବ୍ୟାପକ ବିଶ୍ୱ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସେମାନେ ପଶ୍ଚିମ ଏସିଆର ପରିସ୍ଥିତି ବିଷୟରେ ଏବଂ ହରମୁଜ୍ ପ୍ରଣାଳୀକୁ ଖୋଲା ଓ ସୁରକ୍ଷିତ ରଖିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି।

### ଇସ୍ତଫା ଦେଲେ ନୀତିଶ

# ଆଜି ଶପଥ ନେବେ ନୂଆ ସରକାର

ନୂଆଦିଲ୍ଲୀ : ବିହାରରୁ ନୀତିଶ କୁମାରଙ୍କ ଶାସନର ଯୁଗ ଶେଷ ହୋଇଛି। ନୂଆ ମୁଖ୍ୟମନ୍ତ୍ରୀ ଭାବେ ବିଜେପିର ସମ୍ରାଟଚୌଧୁରୀ ଆସନ୍ତାକାଲି ଶପଥ ଗ୍ରହଣ କରିବେ। ବିହାର ରାଜନୀତି କହିଲେ ନୀତିଶ ଓ ଲାଲୁ ଯାଦବଙ୍କୁ ବୁଝାଉଥିଲା। ଦୀର୍ଘ ଦିନ ଧରି ବିହାର ରାଜନୀତିରୁ ଦୂରେଇ ଥିଲା ବେଳେ ନୀତିଶ କୁମାର ପ୍ରାୟ ୯ ରୁ ଉର୍ଦ୍ଧ୍ୱ ଥର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆଜି ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଓ ନୂଆ ସରକାର ଗଠନ ପାଇଁ ବିଜେପି ବିଧାୟକ ଦଳ ବୈଠକରେ ନେତା ନିର୍ବାଚିତ ହୋଇଥିବା ସମ୍ରାଟ ଚୌଧୁରୀ ସରକାର ଗଠନ ପାଇଁ ରାଜ୍ୟପାଳଙ୍କୁ ଦାବି ଜଣାଇଛନ୍ତି।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ରହିପାରନ୍ତି। ଏହାଛଡ଼ା ବିଜେପି ଶାସିତ ହିନ୍ଦୀ ହାର୍ଟଲାଣ୍ଡର ରାଜ୍ୟ ତଥା ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ, ଉତ୍ତରାଖଣ୍ଡ ଓ ହରିୟାଣାର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ହୋଇପାରନ୍ତି। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲା ପରେ ନୀତିଶ କୁମାର ସମ୍ରାଟ ଚୌଧୁରୀଙ୍କୁ ଫୁଲହାର ଦେଇ ସ୍ୱାଗତ କରିଥିଲେ। ନୀତିଶ ଏବେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ପ୍ରଥମ ଥର ପାଇଁ ବିହାରରେ ବିଜେପି ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ୧୯୯୦ରେ ସମ୍ରାଟ ଚୌଧୁରୀ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ସେ ପ୍ରଥମେ ଲାଲୁ ଯାଦବଙ୍କ ଆରଜେଡି ଓ ନୀତିଶଙ୍କ ଜେଡିୟୁରେ ସାମିଲହୋଇଥିଲେ। ୨୦୧୭ରେ ସେ ବିଜେପିରେ ଯୋଗ ଦେଇଥିଲେ। ନୀତିଶ କୁମାରଙ୍କ ଜଣେ କଡା ସମାଲୋଚକ ଭାବେ ସମ୍ରାଟ ଜଣାଶୁଣା। ୨୦୨୫ ବିଧାନସଭା ନିର୍ବାଚନରେ ଜେଡିୟୁ କ୍ଷମତାକୁ ଫେରିଲା ପରେ ସମ୍ରାଟ ଚୌଧୁରୀ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ସମ୍ରାଟ ମୁଖ୍ୟମନ୍ତ୍ରୀ ପାଇଁ ଆଗ ଧାଡିରେ ରହୁଥିଲେ। ୫୭ ବର୍ଷୀୟ ନୀତିଶ କୁମାରଙ୍କ ପିତା ଶକୁନି ଚୌଧୁରୀ ସମତାପାଟିର ପ୍ରତିଷ୍ଠାତା ସଦସ୍ୟତା



ମଧ୍ୟରୁ ଜଣେ ଥିଲେ। ୧୯୯୯ ମେ ୧୯ରେ ସେ ରାବିଡ ଦେବୀଙ୍କ ସରକାର ସମୟରେ କୃଷି ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଆରଜେଡି ଓ ଜେଡିୟୁ ମେଣ୍ଟ ସରକାରରେ ସେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୨୫ ନିର୍ବାଚନରେ ୨୪୩ ବିଶିଷ୍ଟ ବିଧାନସଭା ଆସନରୁ ନୀତିଶଙ୍କ ଦଳର ୮୫ ବିଧାୟକ ଜିତିଥିଲା ବେଳେ ବିଜେପିର ୮୯ ବିଧାୟକ ଜିତିଥିଲେ। ଫଳରେ ବିଜେପି ନୀତିଶଙ୍କୁ ପ୍ରଥମେ ମୁଖ୍ୟମନ୍ତ୍ରୀ କଲାପରେ ଏବେ ସଂଖ୍ୟା ଦୃଷ୍ଟିରୁ ବିଜେପି ତାର ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି କରିଛି। ଆସନ୍ତାକାଲି ସମ୍ରାଟ ଚୌଧୁରୀ ବିହାରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ।

## ପାୱାର ପ୍ଲାଣ୍ଟରେ ବିସ୍ଫୋରଣ, ୧୦ ମୃତ

ନୂଆଦିଲ୍ଲୀ : ଛତିଶଗଡରେ ଏକ ପାୱାର ପ୍ଲାଣ୍ଟରେ ବିସ୍ଫୋରଣ ଯୋଗୁ ୧୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଛତିଶଗଡର ଏକ ଘରୋଇ କମ୍ପାନୀର ଏହି ପ୍ଲାଣ୍ଟରେ ବଡ ଧରଣର ବିସ୍ଫୋରଣ ଘଟିଛି। ଆଜି ପ୍ରାୟ ମଧ୍ୟାହ୍ନ ୨.୩୦ରେ ଯେତେବେଳେ ଶ୍ରମିକମାନେ ଲଞ୍ଚ ବ୍ରେକ୍‌ରେ ଥିଲେ ଏଭଳି ଦୁଃଖଦ ଘଟଣା ଘଟିଛି। କମ୍ପାନୀର ଅଧିକାରୀମାନେ ୩୩ ଶ୍ରମିକ ଆହତ ହୋଇଥିବା ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୩ ଜଣ ଗୁରୁତର ଥିଲେ। ପ୍ରାଥମିକ ଅନୁସନ୍ଧାନରୁ ଜଣାଯାଇଛି ଯେ ଏହି ଘଟଣାଟି ପାଇପଲାଇନ୍‌ରେ ଗରମ ପାଣି



ଯିବା ସମୟରେ ଘଟିଥିଲା। ଯଦି ଶ୍ରମିକମାନେ ସେତେବେଳେ ଘଟଣାସ୍ଥଳରେ ଥାନ୍ତେ ତେବେ ଅଧିକାଂଶଙ୍କର ମୃତ୍ୟୁ ହେବାର ସମ୍ଭାବନା ଥିଲା। ବିସ୍ଫୋରଣ ଘଟିବା ପରେ ନିଆଁ ଲାଗିବା ଯୋଗୁ ପୋଡ଼ି ଯାଇଥିଲେ। ଏହାକୁ ବୟଲର ସମ୍ପର୍କିତ ବିସ୍ଫୋରଣ ବୋଲି କୁହାଯାଉଛି। ଆହତମାନଙ୍କୁ ସ୍ଥାନୀୟ ରାୟଗଡ ଜିଲ୍ଲାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କୁ ଓପି ଜିନ୍ଦଲ ଫୋର୍ଟିସ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଗୁରୁତର ସହ ଯାଞ୍ଚ କରାଯାଉଛି। କେତେକ ଆହତଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ଜିଲ୍ଲାପାଳ ଓ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ କାର୍ଯ୍ୟ କରିଥିଲେ। ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଘଟଣାକୁ ହୃଦୟ ବିଦାରକ କହିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ଓ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଇତି ମଧ୍ୟରେ କଂଗ୍ରେସ ବିଧାୟକ ରାମ କୁମାର ଯାଦବ କାରଖାନା ବାହାରେ ପ୍ରତିବାଦ କରିଛନ୍ତି। କାରଖାନାର ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି ଯେ ଏହି ଦୁର୍ଭାଗ୍ୟଜନକ ଘଟଣା ବୟଲର ୟୁନିଟ୍‌ରେ ଘଟିଛି। ଏଥିରେ ତାଙ୍କର ସବ୍‌କଣ୍ଟ୍ରାକ୍ଟର ଏନ୍‌ଜିଏସ୍‌ଏଲ୍ ଏହାକୁ ପରିଚାଳନା କରୁଥିଲା। ଆହତମାନଙ୍କୁ ସବୁଠୁ ଉତ୍କୃଷ୍ଟ ଚିକିତ୍ସା ଯୋଗାଇ ଦେବାପାଇଁ ପ୍ରାଥମିକତା ଦିଆଯାଉଛି। ଆମେ ସବିଶେଷ ତଥ୍ୟ ପାଇଁ ପ୍ରକ୍ରିୟା ଜାରି ରଖିଛୁ।

### ନାରୀ ଶକ୍ତିକୁ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ

# ମହିଳାଙ୍କୁ ମିଳିବ ସେମାନଙ୍କ ହକ୍

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦେଶର 'ନାରୀ ଶକ୍ତି'ଙ୍କୁ ଏକ ବିଶେଷ ପତ୍ର ଲେଖି ମହିଳା ସଂରକ୍ଷଣ କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଦଶନ୍ଧି ଦଶନ୍ଧି ଧରି ପଡ଼ି ରହିଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କାର୍ଯ୍ୟକାରୀ କରିବା ପାଇଁ ଆସନ୍ତା ଏପ୍ରିଲ ୧୬ ତାରିଖରେ ସଂସଦର ଅଧିବେଶନରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଆଲୋଚନା ହେବାକୁ ଯାଉଛି। ଏହି ପଦକ୍ଷେପ ମାଧ୍ୟମରେ ବିଧାନସଭା ଓ ସଂସଦରେ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ



ସମର୍ଥନ ଲୋଡ଼ିଛନ୍ତି।ପ୍ରଧାନମନ୍ତ୍ରୀ ନିଜ ପତ୍ରରେ ଡକ୍ଟର ବି.ଆର. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଯେ, ସ୍ୱାଧୀନତା ପରଠାରୁ ଭାରତ ମହିଳାମାନଙ୍କୁ ସମାନ ଭୋଟ୍ ଅଧିକାର ଦେଇଥିଲେ ହେଁ ବିଧାନପାଳିକାରେ ସେମାନଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିବା ଆବଶ୍ୟକ। ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ସ୍ୱପ୍ନ ସାକାର କରିବା ପାଇଁ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଖେଳପଡ଼ିଆଠାରୁ ଆରମ୍ଭ କରି ଷ୍ଟାର୍ଟଅପ୍, ବିଜ୍ଞାନ ଓ ପ୍ରଶାସନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନାରୀମାନଙ୍କ ସଫଳତା ସେମାନଙ୍କ ରାଜନୈତିକ ସଂରକ୍ଷଣ ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପନ କରୁଛି। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏହି ବ୍ୟବସ୍ଥାକୁ ପୂର୍ଣ୍ଣରୂପେ ଲାଗୁ କରିବାକୁ ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଐତିହାସିକ ବିଲ୍କୁ ସମର୍ଥନ କରିବା ପାଇଁ ସେ ମହିଳାମାନଙ୍କୁ ନିଜ ନିଜ ଅଞ୍ଚଳର ସାଂସଦମାନଙ୍କୁ ପତ୍ର ଲେଖିବାକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, "ଦେଶର ଝିଅମାନଙ୍କୁ ସେମାନଙ୍କ ଅଧିକାର ପାଇଁ ଆଉ ଅନନ୍ତକାଳ ଅପେକ୍ଷା କରାଯାଇ ପାରିବ ନାହିଁ; ଯେତେବେଳେ ବିଧାନପାଳିକାରେ ନାରୀର ସ୍ୱର ଶକ୍ତିଶାଳୀ ହେବ, ସେତେବେଳେ ଗଣତନ୍ତ୍ର ନିଜେ ଶକ୍ତିଶାଳୀ ହେବ।

## ବଦଳୁଛି ପଶ୍ଚିମ ଏସିଆ ସ୍ଥିତି : ଜାଳେଣି ଓ ଶକ୍ତି ସୁରକ୍ଷା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର ପ୍ରମୁଖ ଯୋଗାଣ ଶୃଙ୍ଖଳକୁ ନିରବଚ୍ଛିନ୍ନ ରଖିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଶେଷ କରି ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ପ୍ରଭାବିତ ଅଞ୍ଚଳରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ବିଷୟରେ ନିୟମିତ ଭାବେ ଦେଶବାସୀଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରୁଛନ୍ତି।

ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏହି ବିବରଣୀ ଏବେ ଦେଶକୁ ଶକ୍ତି ଯୋଗାଣ ନିରନ୍ତର ଜାରି ରହିଛି। ବର୍ତ୍ତମାନର ଜାଳେଣି ଯୋଗାଣ ସ୍ଥିତି ବିଷୟରେ ସୂଚନା ଦେଇ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, 'ହରମୁଜ' ପ୍ରଣାଳୀକୁ ପ୍ରଭାବିତ କରୁଥିବା ଘଟଣାବଳୀ ମଧ୍ୟରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲ୍ପିଜିର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହିକ୍ରମରେ ନାଗରିକମାନଙ୍କୁ ଆତଙ୍କିତ ହୋଇ ପେଟ୍ରୋଲ, ଡିଜେଲ ଏବଂ ଏଲ୍ପିଇଜି କିଣିବାରୁ ବାରଣ କରାଯାଇଛି। ଗୁଜବରୁ ସାବଧାନ ରହିବା ସହ ସଠିକ ସୂଚନା ପାଇଁ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି। ଏଲ୍ପିନଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକଙ୍କ ପାଖକୁ ଯିବାକୁ ବାରଣ କରିବାକୁ ଅନୁରୋଧ କରାଯାଇଛି। ନାଗରିକମାନଙ୍କୁ ପିଏନ୍ଜି ଏବଂ ଇଲେକ୍ଟ୍ରିକ୍ ବା ଇନଡକ୍ସନ କୁକଟପ୍ ଭଳି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ବର୍ତ୍ତମାନର ପରିସ୍ଥିତିରେ ସମସ୍ତ ନାଗରିକଙ୍କୁ ଦୈନନ୍ଦିନ ବ୍ୟବହାର ସମୟରେ ଶକ୍ତି ସଂରକ୍ଷଣ କରିବାକୁ ଅନୁରୋଧ କରାଯାଇଛି। ବର୍ତ୍ତମାନର ଭୂ-ରାଜନୈତିକ ସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲ୍ପିଜି, ଘରୋଇ ପିଏନ୍ଜିର ଏବଂ ସିଏନ୍ଜିପ ପରିବହନ ପାଇଁ ୧୦୦% ଯୋଗାଣ ସୁନିଶ୍ଚିତ କରିଛନ୍ତି। ବାଣିଜ୍ୟିକ ଏଲ୍ପିରଜି ପାଇଁ ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି। ଏହା ବ୍ୟତୀତ ଫାର୍ମା, ଇସ୍ପାତ, ଅଟୋମୋବାଇଲ୍, ବିହନ, କୃଷି ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ଏହା ସହିତ, ୨ ଏବଂ ୩ ମାର୍ଚ୍ଚ ୨୦୨୬ ର ହାରାହାରି ଦୈନିକ ଯୋଗାଣ ଆଧାରରେ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ୫ କିଲୋଗ୍ରାମ ଏଫ୍ଟିଏଲ୍ ର ଯୋଗାଣକୁ ଦ୍ୱିଗୁଣିତ କରାଯାଇଛି। ସରକାର ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଅନେକ ଯୁକ୍ତିଯୁକ୍ତ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି, ସହରାଞ୍ଚଳରେ ବୁକିଂ ବ୍ୟବଧାନକୁ ୨୧ ରୁ ୨୫ ଦିନକୁ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ଯୋଗାଣ ପାଇଁ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଅନ୍ତର୍ଭୁକ୍ତ। ଏଲ୍ପିଜି ଚାହିଦା ଉପରେ ଚାପ କମାଇବା ପାଇଁ କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଜାଳେଣି ଉପଲବ୍ଧ କରାଯାଇଛି। କୋଇଲା ମନ୍ତ୍ରଣାଳୟ କୋଲ୍ ଇଣ୍ଡିଆ ଏବଂ ସିଙ୍ଗାରେନି କଲିୟରିଜକୁ କ୍ଷୁଦ୍ର ଏବଂ ମଧ୍ୟମ ଗ୍ରାହକଙ୍କୁ ବିତରଣ ପାଇଁ ରାଜ୍ୟଗୁଡ଼ିକୁ ଅତିରିକ୍ତ କୋଇଲା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛି। ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକଙ୍କ ପାଇଁ ନୂତନ ପିଏନ୍ଜିଣ ସଂଯୋଗକୁ ସୁଗମ କରିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି।

## ୩ ପାକ୍ ନୌସେନା କର୍ମଚାରୀଙ୍କୁ ହତ୍ୟା

ଇସଲାମାବାଦ : ବେଲୁଚିସ୍ତାନରେ ସକ୍ରିୟ ଥିବା ବିଦ୍ରୋହୀ ସଂଗଠନ ବଲୁଚ ଲିବରେସନ୍ ଆର୍ମି (ବିଏଲଏ) ଏବେ ପାକିସ୍ତାନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସଂଗଠନ ପକ୍ଷରୁ ପ୍ରଥମ ନୌସେନା ଗଠନ କରାଯାଇଥିବା ଘୋଷଣା କରାଯିବା ସହ ସମୁଦ୍ର ମଝିରେ ପାକିସ୍ତାନୀ ନୌସେନା କର୍ମଚାରୀଙ୍କ ଉପରେ ରକ୍ତାକ୍ତ ଆକ୍ରମଣ କରାଯାଇଛି। ଏହି ପ୍ରଥମ ନୌସେନା ଅଭିଯାନରେ ପାକିସ୍ତାନୀ ନୌସେନାର ତିନି ଜଣ କର୍ମଚାରୀ ପ୍ରାଣ ହରାଇଥିବା ବିଏଲଏ ଦାବି କରିଛି। ବିଏଲଏର ମିଡିଆ ଶାଖା 'ହକ୍କାଲ' ଦ୍ୱାରା ଜାରି କରାଯାଇଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ଯେ, ମୁଖାପିନ୍ଧା ସଶସ୍ତ୍ର ଯୋଦ୍ଧାମାନେ ଏକ ସ୍ପିଡ୍ ବୋଟ୍ ଜରିଆରେ ସମୁଦ୍ର ମଝିରେ ଥିବା ଏକ ପାକିସ୍ତାନୀ ତଟରକ୍ଷୀ ଜାହାଜ ନିକଟକୁ ଯାଇ ଅତର୍କିତ ଗୁଳି ଚାଳନା କରୁଛନ୍ତି।

## ଇରାନୀ ଦୂତାବାସର 'ଡିଜିଟାଲ ଷ୍ଟ୍ରାଇକ୍'

### ଜଳଦସ୍ୟୁ ଭାବେ ଟ୍ରମ୍ପଙ୍କୁ ଦର୍ଶାଇଲା

ତେହେରାନ : ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଆଉ କେବଳ କ୍ଷେପଣାସ୍ତ୍ର ଏବଂ ଆକ୍ରମଣ ମଧ୍ୟରେ ସୀମିତ ନାହିଁ। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଏବେ ସୋସିଆଲ ମିଡିଆରେ ଏକ ଅନନ୍ୟ ଡିଜିଟାଲ ଯୁଦ୍ଧରେ ପରିଣତ ହୋଇଛି। ଦକ୍ଷିଣ ଆଫ୍ରିକାରେ ଥିବା ଇରାନୀ ଦୂତାବାସ ଗତ କିଛି ଘଣ୍ଟା ମଧ୍ୟରେ ନିଜର ଅଧିକୃତ ସୋସିଆଲ ମିଡିଆ ଆକାଉଣ୍ଟ ଏକ୍ସରେ ଅନେକ ଏଆଇ-ଜେନେରେଟେଡ୍ ମିମ୍ସ ସେୟାର କରିଛି। ଏହି ଏଆଇ ମିମ୍ସଗୁଡ଼ିକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ କ୍ୟାବିନେଟ ବିରୋଧରେ ଏକ ମୋର୍ଚ୍ଚା ଖୋଲିଛି। ଇରାନୀ ଦୂତାବାସ ଏଆଇ ମାଧ୍ୟମରେ ଜେନେରେଟେଡ୍ ପୋଷ୍ଟରେ ଟ୍ରମ୍ପଙ୍କୁ ପରିହାସ କରିଛି, ଟ୍ରମ୍ପ ଏବଂ ତାଙ୍କ ସହଯୋଗୀମାନଙ୍କୁ ଜଳଦସ୍ୟୁ ଭାବରେ ଦର୍ଶାଇଛି। ଇତିହାସରେ ଏହା ପ୍ରଥମ ଥର ପାଇଁ କୌଣସି ଦେଶର ଦୂତାବାସ ଏପରି ମିମ୍ସ ବ୍ୟବହାର କରି ଆମେରିକୀୟ ନେତୃତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ୍ କରିଛି। ଇରାନୀ ଦୂତାବାସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଅନେକ ମିମ୍ସ ପୋଷ୍ଟ କରିଛି। ସବୁଠାରୁ ଲୋକପ୍ରିୟ ମିମ୍ସ ଡୋନାଲ୍ଡ ଟ୍ରମ୍ପ, ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ଙ୍କୁ ୧୮ ଶତାବ୍ଦୀର ଜଳଦସ୍ୟୁ ଭାବରେ ଦର୍ଶାଯାଇଛି। ଦୂତାବାସ ଏହି ଚିତ୍ରର କ୍ୟାପସନ ଦେଇଛି 'ପର୍ସିଆନ୍ ଉପସାଗର ଏବଂ ହରମୁଜ୍ ପ୍ରଣାଳୀର ଦୁଃଖୀ ଜଳଦସ୍ୟୁ'। ଇରାନ ପ୍ରତି ଟ୍ରମ୍ପଙ୍କ ସାମ୍ପ୍ରତିକ ଧମକ ଏବଂ ପାରସ୍ୟ ଉପସାଗରରେ ଆମେରିକାର ସାମରିକ ଉପସ୍ଥିତିର ପ୍ରତିକ୍ରିୟାରେ ଏହି ପୋଷ୍ଟଟି ସେୟାର କରାଯାଇଛି। ଫଟୋରେ ତିନି ନେତାଙ୍କୁ ଛିଣ୍ଡା ନୌସେନା ୟୁନିଫର୍ମ ପିନ୍ଧି



ଏକ ଜାହାଜରେ ଠିଆ ହୋଇଥିବା ଦର୍ଶାଯାଇଛି, ଯାହା ସ୍ପଷ୍ଟ ଭାବରେ ଏକ ସୁଚିନ୍ତିତ ରଣନୀତିର ଅଂଶ ବୋଲି କୁହାଯାଉଛି। ବିଶେଷଜ୍ଞମାନଙ୍କ ଅନୁସାରେ କୌଣସି ଦେଶର ଦୂତାବାସ ମାଧ୍ୟମରେ ଏପରି ହାସ୍ୟରସପୂର୍ଣ୍ଣ ଏଆଇ ମିମ୍ସ ସେୟାର କରିବା କୂଟନୈତିକ ପ୍ରୋଟୋକଲ୍ର ଉଲ୍ଲଂଘନ । ଦୂତାବାସଗୁଡ଼ିକୁ ସାଧାରଣତଃ ସରକାରୀ ବିବୃତି ଜାରି କରିବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ଦାୟିତ୍ୱ ଦିଆଯାଇଥାଏ।

## ବିଶ୍ୱ ଦରବାରରେ ପାକିସ୍ତାନ ହଟହଟା

### ଦେଇ ପାରିଲାନି ହୋଟେଲ ବିଲ୍

ଇସଲାମାବାଦ : ନିଜକୁ ଏକ ପ୍ରଭାବଶାଳୀ ମଧ୍ୟସ୍ଥ ଭାବେ ବିଶ୍ୱ ଦରବାରରେ ଉପସ୍ଥାପନ କରିବାକୁ ଚେଷ୍ଟା କରୁଥିବା ପାକିସ୍ତାନ ପାଇଁ ଏକ ଅତ୍ୟନ୍ତ ଲଜ୍ଜାଜନକ ସ୍ଥିତି ସୃଷ୍ଟି ହୋଇଛି। ଗତ ଏପ୍ରିଲ ୧୦ରୁ ୧୨ ତାରିଖ ମଧ୍ୟରେ ଇସଲାମାବାଦରେ ଅନୁଷ୍ଠିତ ହୋଇଥିବା ହାଇ-ପ୍ରୋଫାଇଲ୍ ଆମେରିକା-ଇରାନ ଆଲୋଚନା ପରେ, ଆୟୋଜକ ପାକିସ୍ତାନ ସରକାର ନିର୍ଦ୍ଧାରିତ ହୋଟେଲ ବିଲ୍ ପୈଠ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପାକିସ୍ତାନର ଆର୍ଥିକ ଦେବାଳିଆପଣ ଓ ପ୍ରଶାସନିକ ଅକ୍ଷମତାକୁ ବିଶ୍ୱ ସମ୍ମୁଖରେ ପଦାରେ ପକାଇ ଦେଇଛି। ସୂଚନା ଅନୁଯାୟୀ, ଇସଲାମାବାଦର ପ୍ରତିଷ୍ଠିତ 'ସେରେନା ହୋଟେଲ'ରେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଥିଲା। ମାତ୍ର ସମ୍ମିଳନୀ ଶେଷରେ ପାକିସ୍ତାନ ସରକାର ବକେୟା ଅର୍ଥ ଦେଇ ନପାରିବାରୁ ଶେଷରେ ହୋଟେଲ ମାଲିକଙ୍କୁ ନିଜ ପକ୍ଷରୁ ସମସ୍ତ ଖର୍ଚ୍ଚ ଭରଣା କରିବାକୁ ପଡ଼ିଥିଲା। ଯେଉଁ ସମୟରେ ପାକିସ୍ତାନ ନିଜକୁ ଏକ ଶାନ୍ତି ପ୍ରତିଷ୍ଠାକାରୀ ରାଷ୍ଟ୍ର ଭାବେ ଗଢ଼ିବାକୁ ଚେଷ୍ଟା କରୁଛି, ସେହି



ସମୟରେ ହୋଟେଲ ବିଲ୍ ଦେଇ ନପାରିବା ଦେଶର କୂଟନୈତିକ ଛବିକୁ ଶକ୍ତ ଧକ୍କା ଦେଇଛି। ବର୍ତ୍ତମାନ ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ୍)ର ନଜରବନ୍ଦୀରେ ରହିବା ସହ ପ୍ରବଳ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଦେଶରେ ମୁଦ୍ରାସ୍ଫୀତି ୭ ରୁ ୯ ପ୍ରତିଶତ ମଧ୍ୟରେ ରହିଥିବା ବେଳେ ଏହି ଘଟଣା ସାମ୍ନାକୁ ଆସିବା ପରେ କୂଟନୈତିକ ମହଲରେ ହସର ପାତ୍ର ହୋଇଛି ପାକିସ୍ତାନ। ଜଣେ ଗୁଇନ୍ଦା ଅଧିକାରୀ କହିଛନ୍ତି ଯେ, "ଯେଉଁ ଦେଶ ନିଜର ହୋଟେଲ ବିଲ୍ ପୈଠ କରିପାରୁନାହିଁ, ସେ କିପରି ଏକ ବଡ଼ କୂଟନୈତିକ ବିଜୟର ଦାବି କରିପାରୁଛି?" ଏହି ଘଟଣା ପରେ ବିଶ୍ୱ ସ୍ତରରେ ପାକିସ୍ତାନର ବିଶ୍ୱସନୀୟତାକୁ ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ପଶ୍ଚିମ ଏସିଆ ସଙ୍କଟ ନେଇ ୟୁଏନଡିପି ରିପୋର୍ଟ

# ୨୫ ଲକ୍ଷ ଭାରତୀୟଙ୍କ ଭବିଷ୍ୟତ ଆଶଙ୍କାରେ

ନ୍ୟୁୟର୍କ : ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍ଡିପି)ର ଏକ ନୂତନ ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ୨୫ ଲକ୍ଷ ଭାରତୀୟଙ୍କୁ ଦାରିଦ୍ର୍ୟକୁ ଠେଲି ଦେବ। ଫଳରେ ଦେଶରେ ମାନବ ବିକାଶ ପ୍ରଗତିରେ ମଧ୍ୟ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। 'ମଧ୍ୟପ୍ରାଚ୍ୟରେ ସାମରିକ ବୃଦ୍ଧି: ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ମାନବ ବିକାଶର ପ୍ରଭାବ' ଶୀର୍ଷକ ରିପୋର୍ଟରେ କୁହାଯାଇଛି ଏହି ସଙ୍କଟ ସମଗ୍ର ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ମାନବ ବିକାଶ ଉପରେ ଚାପ ବୃଦ୍ଧି କରୁଛି।

ଇନ୍ଧନ, ମାଲ ପରିବହନ ଏବଂ ଇନପୁଟ୍ ଖର୍ଚ୍ଚ ବୃଦ୍ଧି ଯୋଗୁଁ ପରିବାରର କ୍ରୟ ଶକ୍ତି ହ୍ରାସ ପାଉଛି। ଖାଦ୍ୟ ସୁରକ୍ଷା ବୃଦ୍ଧି କରୁଛି, ସାଧାରଣ ବଜେଟ୍ ଉପରେ ଚାପ ପକାଉଛି ଏବଂ ଜୀବନଜୀବିକାକୁ ଦୁର୍ବଳ କରୁଛି ବୋଲି ରିପୋର୍ଟରେ




କୁହାଯାଇଛି। ମଙ୍ଗଳବାର ପ୍ରକାଶିତ ପ୍ରାରମ୍ଭିକ ଆକଳନ ଅନୁଯାୟୀ, ବିଶ୍ୱ ସ୍ତରରେ ୮.୮ ନିୟୁତ ଲୋକଙ୍କୁ ଦାରିଦ୍ର୍ୟକୁ ଠେଲି ଦିଆଯାଇପାରେ। ଏହା ସହିତ ଚେତାବନୀ ଦିଆଯାଇଛି, ଏହି ବୃଦ୍ଧି ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ୨୯୯ ବିଲିୟନ ଡଲାର ପର୍ଯ୍ୟନ୍ତ କ୍ଷତି ପହଞ୍ଚାଇପାରେ। ରିପୋର୍ଟରେ କୁହାଯାଇଛି, ଭାରତରେ ଦାରିଦ୍ର୍ୟ ସୀମା ମଧ୍ୟରେ ରହିଥିବା ଲୋକଙ୍କ ସଂଖ୍ୟା ୪ ଲକ୍ଷରୁ ରୁ ୨୫ ଲକ୍ଷକୁ ବୃଦ୍ଧି ପାଇପାରେ। ବିଶ୍ୱ ସ୍ତରରେ , ବିଭିନ୍ନ ପରିସ୍ଥିତିରେ ସଂଘର୍ଷ ଯୋଗୁଁ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଥିବା ଲୋକଙ୍କ ସଂଖ୍ୟା ୧.୯ ନିୟୁତରୁ ୮.୮ ନିୟୁତକୁ ବୃଦ୍ଧି ପାଇପାରେ। ଏହି ଜନସଂଖ୍ୟା ଦକ୍ଷିଣ ଏସିଆ ସର୍ବାଧିକ ଅଂଶ ହେବ ବୋଲି ଆଶଙ୍କା କରାଯାଉଛି। ଚୀନରେ ଦାରିଦ୍ର୍ୟକୁ ଠେଲି ହେବା ଜନସଂଖ୍ୟା ୧୧୫,୦୦୦ ରୁ ୬୨୦,୦୦୦ ପର୍ଯ୍ୟନ୍ତ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି।

ସାମରିକ ଅଭିଯାନର ଆନୁମାନିକ ଦାରିଦ୍ର୍ୟ ପ୍ରଭାବ ଉପରେ ଆଲୋକପାତ କରି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସଙ୍କଟ ପରବର୍ତ୍ତୀ ସମୟରେ ଭାରତର ଦାରିଦ୍ର୍ୟ ହାର ୨୩.୯ ପ୍ରତିଶତରୁ ୨୪.୨ ପ୍ରତିଶତକୁ ବୃଦ୍ଧି ପାଇବ, ଯାହା ୨,୪୬୪,୬୯୮ ଲୋକଙ୍କୁ ଦାରିଦ୍ର୍ୟକୁ ଠେଲିଦେବ। ସଙ୍କଟ ପରବର୍ତ୍ତୀ ସମୟରେ ଦେଶରେ ପ୍ରାୟ ୩୫୧,୫୬୯,୦୦୦ ଲୋକ ଦାରିଦ୍ର୍ୟରେ ଜୀଇଁବେ ବୋଲି ଆକଳନ କରାଯାଇଛି। ଏହି ଅଞ୍ଚଳର ଦେଶଗୁଡ଼ିକର ମାନବ ବିକାଶ ସୂଚକାଙ୍କ ଉପରେ ଯୁଦ୍ଧର ପ୍ରଭାବ ଆକଳନ କରାଯାଇଛି। ଏହା ସୂଚିତ କରିଛି, ଇରାନର ମାନବ ବିକାଶ ସୂଚକାଙ୍କ ପ୍ରାୟ ଦେଢ଼ ବର୍ଷର ମାନବ ବିକାଶ ପ୍ରଗତି ସହ ସମାନ ପରିମାଣରେ ହ୍ରାସ ପାଇପାରେ। ଭାରତ ପ୍ରାୟ ୦.୦୩-୦.୧୨ ବର୍ଷ ମାନବ ବିକାଶ ସୂଚକାଙ୍କ ପ୍ରଗତି ହରାଇବ ବୋଲି ଆକଳନ କରାଯାଇଛି। ଏହା ପରେ ନେପାଳ ପ୍ରାୟ ୦.୦୨-୦.୦୯ ବର୍ଷ ଏବଂ ଭିଏତନାମ ୦.୦୨-୦.୦୭ ବର୍ଷର ମାନବବିକାଶ କ୍ଷତି ସହିବ। ଚୀନ୍ରେ ମାନବ ବିକାଶ ସୂଚକାଙ୍କ ଉପରେ ଆନୁମାନିକ ପ୍ରଭାବ ପ୍ରାୟ ୦.୦୧-୦.୦୫ ବର୍ଷ ପର୍ଯ୍ୟନ୍ତ ସୀମିତ ରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏହି ଅଞ୍ଚଳର ବୃହତ ଆମଦାନିକାରୀଙ୍କ ମଧ୍ୟରେ, ଭାରତ ନିଜର ୯୦ ପ୍ରତିଶତରୁ ଅଧିକ ତୈଳ ଆବଶ୍ୟକତା ଆମଦାନି ମାଧ୍ୟମରେ ପୂରଣ କରିଥାଏ, ୪୦ ପ୍ରତିଶତରୁ ଅଧିକ ଅଶୋଧିତ ଆମଦାନି ଏବଂ ୯୦ ପ୍ରତିଶତ ଏଲ୍ପିଜି ଆମଦାନି ପଶ୍ଚିମ ଏସିଆରୁ କରାଯାଇଥାଏ।

**ଆଇପିଏଲ ମହାସମର**

# ଚେନ୍ନାଇର ଦ୍ୱିତୀୟ ବିଜୟ

ଚେନ୍ନାଇ, ୧୪।୪(ଏଜେନ୍ସି) : ଚେନ୍ନାଇ ସୁପର କିଙ୍ଗସ୍ ବିଜୟ ଧାରାକୁ ଫେରିଛି । ଚଳିତ ଆଇପିଏଲରେ କ୍ରମାଗତ ୩ ଟି ମ୍ୟାଚ ହାରି ଅଭିଯାନ ଆରମ୍ଭ କରିଥିବା ଚେନ୍ନାଇ ଚତୁର୍ଥ ମ୍ୟାଚ ଜିତିଥିଲା । ପୁଣି ପଞ୍ଚମ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୩୨ ରନରେ ପରାଜିତ କରି ଦ୍ୱିତୀୟ ବିଜୟ ହାସଲ କରିଛି । ଏହି ମ୍ୟାଚରେ ଚେନ୍ନାଇ ୨୦ ଓଭରରେ ୫ ୱିକେଟ ହରାଇ ୧୯୨ ରନ କରିଥିଲା । ଜବାବରେ କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୬୦/୭ ରନ କରିବାକୁ ସକ୍ଷମ ହୋଇଥିଲା ।

ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଆଇପିଏଲର ୨୨ତମ ମ୍ୟାଚରେ କେ କେ ଆରକୁ ଭେଟିଥିଲା ଚେନ୍ନାଇ । ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଚେନ୍ନାଇ ପାଇଁ ସଞ୍ଜୁ ସାମସନଙ୍କ ସହ ଋତୁରାଜ ଗାଇକ୍ୱାର୍ଡ ଇନିଂସ ଓପନ କରିଥିଲେ । ଶତକୀୟ ଇନିଂସ ଖେଳି ଲୟକୁ ଫେରିଥିବା ସଞ୍ଜୁ ବେଶ୍ ସଞ୍ଜମତାର ସହ ଖେଳିଥିଲେ । କିନ୍ତୁ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ୬ ବଲରୁ ୭ ରନ କରି ପ୍ରଥମ ୱିକେଟ ଭାବେ ପାଭିଲିୟନ ଫେରିଥିଲେ । ସଞ୍ଜୁଙ୍କ ସହ ଆୟୁଷ ମହାତ୍ରେ ଦ୍ୱିତୀୟ ୱିକେଟ ପାଇଁ ୪୭ ରନର ପାର୍ଟନରସିପ୍ କରିଥିଲେ । ଆୟୁଷ ୧୭ ବଲରୁ ୬ ଟି ଚୌକା ଓ ୨ ଟି ଛକା ସହାୟତାରେ ୩୮ ରନ କରିଥିଲେ । ସାମସନ ମଧ୍ୟ ଉପଯୋଗୀ ଇନିଂସ ଖେଳିଥିଲେ । ସେ ୩୨ ବଲରୁ ୪ ଟି ଚୌକା ଓ ୩ ଟି ଛକା ସହାୟତାରେ ୪୮ ରନ କରିଥିଲେ । ମାତ୍ର ୨ ରନ ପାଇଁ ସେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ । ମଧ୍ୟଭାଗରେ ଚେନ୍ନାଇ ଭଲ ଖେଳିଥିଲା । ଦେୱାଲଦ ବ୍ରେଭିସ୍ ୨୯ ବଲରୁ ୪ ଟି ଚୌକା ଓ ୨ ଟି ଛକା ସହାୟତାରେ ୪୧ ରନ କରିଥିବା ବେଳେ ସର୍ଫରାଜ ଖାନ୍ ୧୮ ବଲରୁ ୩୦ ରନ କରିଥିଲେ । ପଞ୍ଚମ ୱିକେଟ ଝଡିଲା ବେଳକୁ ଦଳୀୟ ସ୍କୋର ୧୭୧ ରନରେ ପହଞ୍ଚିଥିଲା । ବାମହାତୀ ଶିବମ୍ ଦୁବେ ୧୨ ବଲରୁ ୧୩ ଓ ଜେମି ଓଭରଟନ ୭ ରନ କରିବାରୁ ଚେନ୍ନାଇର ସ୍କୋର ୫ ୱିକେଟ ବିନିମୟରେ ୧୯୨ ରନରେ ପହଞ୍ଚିଥିଲା । ଧୋନୀଙ୍କ ଅନୁପସ୍ଥିତିରେ ଚେନ୍ନାଇ ବିଜୟ ଧାରାକୁ ଫେରିବା ପାଇଁ କଡା ସଂଘର୍ଷ କରୁଛି । ବୋଲିଂରେ କୋଲକାତା ନାଇଟ୍ ରାଇଡର୍ସର କାର୍ତ୍ତିକ ତ୍ୟାଗି ୨ ଟି, ବୈଭବ ଅରୋରା, ଅନୁକୂଳ ରୟ ଓ ସୁନିଲ ନାରିନ ପ୍ରତ୍ୟେକ ଗୋଟିଏ କରି



ୱିକେଟ ସଫଳତା ହାସଲ କରିଥିଲେ ।

୧୯୩ ରନର ବିଜୟ ଲକ୍ଷ୍ୟକୁ କୋଲକାତା ନାଇଟ୍ ରାଇଡର୍ସ ପିଛା କରିଥିଲା । ଫିନ ଆଲିନଙ୍କ ସହ ସୁନିଲ ନାରିନ ଇନିଂସ ଓପନ କରିଥିଲେ । ମ୍ୟାଚର ଦ୍ୱିତୀୟ ଓଭରରେ ଆଲିନ ଆଉଟ୍ ହୋଇଥିଲେ । ସେ ମାତ୍ର ଗୋଟିଏ ରନ କରି କାମ୍ବୋଜଙ୍କ ବଲରେ ଦୁବେଙ୍କ ହାତରେ ଧରା ପଡିଥିଲେ । ଓପନିଂଯୋଡି ଭାଙ୍ଗିବା ପରେ ପଡିଆକୁ ଆସିଥିଲେ ଅଧିନାୟକ ଆଜିଙ୍କ ରାହାଣେ । ସୁନିଲ ନାରିନଙ୍କ ସହ ରାହାଣେ ଦ୍ୱିତୀୟ ୱିକେଟ ପାଇଁ କେବଳ ୧୬ ରନ ଯୋଡିବାକୁ ସକ୍ଷମ ହୋଇଥିଲେ । ୪.୨ ଦଳୀୟ ସ୍କୋର ୨୯ ରନ ବେଳେ ସୁନିଲ ନାରିନ ବ୍ୟକ୍ତିଗତ ୨୪ ରନ କରି ଖଲିଲ୍ ଅହମ୍ମଦଙ୍କ ବଲରେ ଦ୍ୱିତୀୟ ସ୍ଲିପରେ ଥିବା ଗୁର୍ଜନ ପ୍ରିତ ସିଂ ହାତରେ ଧରା ପଡିଥିଲେ । ନାରିନ ୧୭ ବଲରୁ ଦୁଇଟି ଲେଖାଏଁ ଚୌକା ଓ ଛକା ମାରି ୨୪ ରନ କରିଥିଲେ । ବଡ ସ୍କୋର କରିବାକୁ ଜଗିରଖି ଖେଳୁଥିବା ଆଜିଙ୍କ ରାହାଣେ ମଧ୍ୟ ସଞ୍ଜମତା ହରାଇଥିଲେ । ସେ ୨୨ ବଲରୁ ଦୁଇଟି ଛକା ମାରି ୨୮ ରନ କରିଥିଲେ । ଭଲ ଫର୍ମରେ ଥିବା ୱିକେଟ କିପର ଅଙ୍ଗପ୍ରିସ ରଘୁବଂଶୀ ୧୯ ବଲରୁ ୨୭ ରନ କରିଥିଲେ । ସମସ୍ତଙ୍କ ଭରସା ରିଙ୍କୁଙ୍କ ଉପରେ ଥିଲା । ସଙ୍କଟ ସ୍ଥିତିରୁ ଦଳକୁ ରିଙ୍କୁ ଉଦ୍ଧାର କରିବେ ବୋଲି ଆଶା ଥିଲା । କିନ୍ତୁ ସେ ମଧ୍ୟ ବିଫଳ ହୋଇଛନ୍ତି । ୧୨ ଟି ବଲର ସମ୍ମୁଖୀନ ହୋଇ ମାତ୍ର ୬ ରନ କରିଥିଲେ ରିଙ୍କୁ । ନୁର ଅହମ୍ମଦଙ୍କ ବଲରେ ବଡ ସଟ୍ ଖେଳିବାକୁ ଯାଇ ଶିବମ୍ ଦୁବେଙ୍କ ହାତରେ ଧରା ପଡିଥିଲେ । ଠିକ୍ ଏହାର ପରବର୍ତ୍ତୀ ବଲରେ କାମେରନ ଗ୍ରୀନଙ୍କୁ କ୍ଲିନ ବୋଲ୍ଡ କରିଥିଲେ ନୁର ଅହମ୍ମଦ ।ରୋହମ୍ୟାନ ପାୱେଲ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୨୨ ବଲରୁ ୩୧ ତଥା ରମଣଦୀପ ସିଂ ୩୩ ବଲରୁ ୩୫ ରନ ସଂଗ୍ରହ କରିଥିଲେ । ଏହା ସତ୍ତ୍ୱେ କୋଲକାତା ବିଜୟ ଲକ୍ଷ୍ୟ ଠାରୁ ୩୨ ରନ ପଛରେ ରହିଯାଇଥିଲା । ଏପର୍ଯ୍ୟନ୍ତ କୋଲକାତା ୫ ଟି ମ୍ୟାଚ ଖେଳି ୪ ଟି ପରାଜୟ ଓ ଗୋଟିଏ ଡ୍ର ସହ ୧ ପଏଣ୍ଟ ପାଇଛି । ଅପରପକ୍ଷରେ ଚେନ୍ନାଇ ୫ ମ୍ୟାଚରୁ ୨ ବିଜୟ ସହ ୪ ପଏଣ୍ଟ ହାସଲ କରି ଟେବୁଲର ଅଷ୍ଟମ ସ୍ଥାନକୁ ଉଠିଛି ।

## ଆଜିର ମ୍ୟାଚ

* ବେଙ୍ଗାଲୁରୁ - ଲକ୍ଷ୍ନୌ
* ସ୍ଥାନ - ବେଙ୍ଗାଲୁରୁ
* ସମୟ - ରାତି ୭.୩୦

▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ୧୮ ନମ୍ବର ଜର୍ସି କାହିଁକି ପିନ୍ଧନ୍ତି ସାକିବ ହୁସେନ

ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ପୂର୍ବ ସଂସ୍କରଣଗୁଡିକ ପରି ଏଥର ମଧ୍ୟ ଆଇପିଏଲରେ ଛୋଟ ସହରର ଖେଳାଳିମାନେ ଛାପ ଛାଡିବାରେ ସଫଳ ହେଉଛନ୍ତି । ସନରାଇଜର୍ସ ହାଇଦ୍ରାବାଦର ଯୁବ ପେସ ବୋଲର ସାକିବ ହୁସେନ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ । ସେ ୪ ଓଭରରେ ୨୪ ରନ ଦେଇ ୪ଟି ୱିକେଟ ନେଇଥିଲେ । ମ୍ୟାଚ ଅବସରରେ ସେ ୧୮ ନମ୍ବର ଜର୍ସି ପିନ୍ଧିଥିଲେ । ଯାହାକି ଦୃଷ୍ଟି ଆକର୍ଷଣ କରିଥିଲା ।



ସୂଚନାଯୋଗ୍ୟ, ବିରାଟ କୋହଲି ସର୍ବଦା ୧୮ ନମ୍ବର ଜର୍ସି ପିନ୍ଧିଥାନ୍ତି । ତେବେ ସାକିବ ଏହା ପିନ୍ଧିବା ପଛରେ ଏକ ଭାବପ୍ରବଣତା ରହିଛି । ତାଙ୍କ କୋଚ ସୌରଭ କୁମାରଙ୍କ ଜନ୍ମ ତାରିଖ ୧୮ ହୋଇଥିବାରୁ ସେ ଏହାକୁ ପିନ୍ଧୁଛନ୍ତି ।

ସେ ପ୍ରଥମେ ଯେତେବେଳେ କୋଲକାତା ନାଇଟ ରାଇଡର୍ସ ଟିମକୁ ଗଲେ ସେତେବେଳେ କେତେ ନମ୍ବରର ଜର୍ସି ପିନ୍ଧିବି ବୋଲି କୋଚଙ୍କୁ ପଚାରିଥିଲେ । କୋଚ ସାକିବଙ୍କୁ ତାଙ୍କ ଜନ୍ମ ତାରିଖ ଥିବା ନମ୍ବର ବାଛିବାକୁ କହିଥିଲେ । ତେବେ ସେ ମାନି ନ ଥିଲେ ସେ କୋଚଙ୍କ ଜନ୍ମ ତାରିଖ ଥିବା ଜର୍ସି ପିନ୍ଧିବା ପାଇଁ ଜିଦ କରିଥିଲେ । କେକେଆରରେ ଅଙ୍ଗକୃଶ ରଘୁବଂଶୀଙ୍କ ନିକଟରେ ୧୮ ନମ୍ବର ଜର୍ସି ପିନ୍ଧିଥିଲେ । ଏଥର ରାଜସ୍ଥାନରେ ତାଙ୍କୁ ୧୮ ନମ୍ବର ଜର୍ସି ମିଳିଥିବାରୁ ବେଶ ଖୁସୀ ଅଛନ୍ତି । ସାକିବ ତାଙ୍କର ସବୁ ଛୋଟ ବଡ କଥା କୋଚଙ୍କୁ ପଚାରି କରିଥାନ୍ତି ।

# ସୂର୍ଯ୍ୟଙ୍କ ହାତରୁ ଚାଲିଯିବ ଅଧିନାୟକ ପଦ

ନୂଆଦିଲ୍ଲୀ, ୧୪।୪(ଏଜେନ୍ସି) : ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଟି -୨୦ ବିଶ୍ୱକପ୍ ଜିତିଥିଲା । କିନ୍ତୁ ଖରାପ ଫର୍ମ ପାଇଁ ସୂର୍ଯ୍ୟକୁମାର ଭାରତୀୟ ଦଳରୁ ବାଦ ପଡିଲା ଭଳି ଆଶଙ୍କା ଦେଖାଦେଇଛି । ଟି -୨୦ ବିଶ୍ୱକପ୍ ଠାରୁ ଏପର୍ଯ୍ୟନ୍ତ ଆଇପିଏଲରେ ସୂର୍ଯ୍ୟଙ୍କ ଚମକ ଦେଖାଯାଇନାହିଁ । ସେ ଖରାପ ଫର୍ମ ଦେଇ ଗତି କରୁଛନ୍ତି । ଏମିତି ଲାଗୁଛି ସେ ଫର୍ମ ଭୁଲିଯାଇଛନ୍ତି । ତାଙ୍କ ଉପରେ ଚୟନକର୍ତ୍ତାଙ୍କ ନଜର ରହିଛି । ଏମିତିରେ ପ୍ରଶ୍ନ ଉଠୁଛି ଯେ, ଆଗାମୀ ଟି -୨୦ ଶୃଙ୍ଖଳା ଏବଂ ୨୦୨୮ ଟି -୨୦ ବିଶ୍ୱ କପ ପାଇଁ ଭାରତୀୟ ଦଳରେ ତାଙ୍କୁ ସ୍ଥାନ ମିଳିନପାରେ ।

ଆଇପିଏଲ ପରେ ସୂର୍ଯ୍ୟକୁମାର ଆୟରଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳର ନେତୃତ୍ୱ ନେବେ । ସେଠାରେ ଟି -୨୦ ଶୃଙ୍ଖଳା ତାଙ୍କ ଅଧିନାୟିକତ୍ୱରେ ଖେଳାଯିବ । ଏହି ଦୁଇଟି ଗସ୍ତରେ ତାଙ୍କ ବ୍ୟାଟିଂ



ପରୀକ୍ଷା ହେବ । ଯଦି ସେ ସଫଳ ହୁଏନ୍ତି ତେବେ ୨୦୨୮ ପର୍ଯ୍ୟନ୍ତ ସେ ଦଳରେ ରହିବେ କି ନାହିଁ ତାହା ନିର୍ଣ୍ଣୟ ହେବ । ଲସ୍ ଇଞ୍ଜେଲ୍ସ ଅଲିମ୍ପିକ୍ସ ଏବଂ ଅଷ୍ଟ୍ରେଲିଆ ତଥା ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଟି -୨୦ ବିଶ୍ୱକପ୍ ପାଇଁ ସୂର୍ଯ୍ୟ ଏବେଠାରୁ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବେ । ତେବେ ସୂର୍ଯ୍ୟଙ୍କ ପାଇଁ ଭଲ ଖବର ହେଉଛି ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ପ୍ରଥମ ପସନ୍ଦ ସେ ଅଟନ୍ତି । ଗମ୍ଭୀରଙ୍କ ସହ ଚୁକ୍ତିପରବର୍ତ୍ତୀ ଟି -୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ବୃଦ୍ଧି ହେବାର ସମ୍ଭାବନା ରହିଛି । ତେବେ ଚୟନ କମିଟି ଏଥିରେ ରାଜି ହେବେ କି ନାହିଁ ତାହା ଦେଖିବାର ବଡ କଥା ହେବ । କାରଣ ଅଲମ୍ପିକ୍ସ ବେଳକୁ ସୂର୍ଯ୍ୟଙ୍କୁ ୩୮ ବର୍ଷ ହୋଇଥିବ ।

### ରାଜ୍ୟ ସିଏମ ଟ୍ରଫିର ପଞ୍ଚମ ଦିବସ

## ଟିଏସଏଫ- ରାଇକଳା ମ୍ୟାଚ ଡ୍ର

କେନ୍ଦୁଝର, ୧୪।୪ (ସବ୍ୟୁ) : ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ୧୪ ବର୍ଷରୁ କମ (ବାଳିକା )ସିଏମ ଫୁଟବଲ ପ୍ରତିଯୋଗିତାର ଲିଗ ପଦ୍ଧତିରେ ଅନୁଷ୍ଠିତ ଆଜି ପଞ୍ଚମ ଦିବସରେ ଏକମାତ୍ର ଖେଳ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା । ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ଏବଂ ରାଇକଳା ହାଇସ୍କୁଲ ମଧ୍ୟରେ ଆଜିର ଏହି ଖେଳଟି ଆରମ୍ଭରୁ ଶେଷ ହୁଇସିଲ ବାଜିବା ପର୍ଯ୍ୟନ୍ତ ତୀବ୍ର ପ୍ରତିଦ୍ୱନ୍ଦିତା ଏବଂ ସଂଘର୍ଷପୂର୍ଣ୍ଣ ଭାବେ ସମାପ୍ତ ହୋଇଥିଲା । ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ଗୋଲ ଦେବାର କେତୋଟି ସୁଯୋଗ ପାଇଥିଲେ ହେଁ ପୁରୋଭାଗର ଖେଳାଳୀ ମାନେ ଶେଷ ସ୍ୱର୍ଶ ଦେବାରେ ସଫଳ ହୋଇନଥିଲେ । ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ସମାପ୍ତ ହେବାପରେ ଦ୍ୱିତୀୟାର୍ଦ୍ଧର ୩୪ ମିନିଟରେ ରାଇକଳା ହାଇସ୍କୁଲର ୪ ନମ୍ବର ଖେଳାଳୀ ସୁପ୍ରିୟା ମୁଣ୍ଡା ଦଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ । ମାତ୍ର ସେମାଙ୍କର ସେ ଖୁସି ବେଶି ସମୟ ରହି ନଥିଲା । ଏହାର ଠିକ ୧୧ ମିନିଟ ପରେ ଟାଟା ଷ୍ଟିଲ ଫାଉଣ୍ଡେସନର ରାଇଟ ଉଇଁଗର ପୂର୍ଣ୍ଣିମା ମୁଣ୍ଡା ଗୋଲଟିକୁ ପରିଶୋଧ କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ । ଏହି ଖେଳଟି ୧-୧ ଗୋଲରେ ଅମୀମାଂଶିତ ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ । ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ଅତିଥି ଜିଲ୍ଲା କ୍ରୀଡା ଛାତ୍ରାବଝସର ଦୌଡ଼କୁଦ ପ୍ରଶିକ୍ଷକ ଅନିଲ ଶର୍ମାଙ୍କ ସହ ଉଭୟ ଦଳର ଖେଳାଳୀ ମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା

# ସାମସନ ଆଇସିସି ପ୍ଲେୟାର ଅଫ ଦ ମନ୍ଥ

ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି) : ଭାରତୀୟ ଟି -୨୦ ଦଳର ଓପନର ସଞ୍ଜୁ ସାମସନ ଆଇସିସିର ବଡ ପୁରସ୍କାର ଜିତିଛନ୍ତି । ପ୍ରଥମ ଥର ପାଇଁ ସାମସନ ଆଇସିସି ପ୍ଲେୟାର ଅଫ ଦ ମନ୍ଥ ଆୱାର୍ଡ ଜିତିଛନ୍ତି । ଅର୍ଥାତ୍ ସାମସନ୍ ମାସର ଶ୍ରେଷ୍ଠ ଖେଳାଳି ବନିଛନ୍ତି । ଏହି ପୁରସ୍କାର ଦୌଡରେ ଭାରତର ଯଶପ୍ରୀତ ବୁମରା ଓ ଦକ୍ଷିଣ ଆଫ୍ରିକାର କୋନେର



ଇଷ୍ଟେର ହ୍ୱିଜେନ ରହିଥିଲେ । କିନ୍ତୁ ସେମାନଙ୍କୁ ପଛରେ ପକାଇ ଦେଇଛନ୍ତି ସାମସନ । ଏହା ପୂର୍ବରୁ ପାକିସ୍ତାନ ଓପନରି ସାହିବ ଯାଦା, ଦ ଆଫ୍ରିକାର ସିମନ ହାମର, ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଓ ନ୍ୟୁଜିଲାଣ୍ଡର ଡାରେନ ମିଚେଲ ଆଇସିସିର ମାସିକିଆ ପୁରସ୍କାର ଜିତିଥିଲେ । ତେବେ ଭାରତ ପାଇଁ ଟି -୨୦ ବିଶ୍ୱକପରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିବା ସାମସନ ବାଜି ମାରିଛନ୍ତି । ଟି -୨୦ ବିଶ୍ୱକପ୍ ଆରମ୍ଭ ସମୟରେ ସାମସନ ଚୂଡାନ୍ତ ଏକାଦଶରେ ନଥିଲେ । କିନ୍ତୁ ସୁପର ୮ ରେ ନିଶ୍ଚିତ ବିଜୟ ମ୍ୟାଚରେ ତାଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଥିଲା । ଜିମ୍ବାୱେ ବିପକ୍ଷରେ ମାତ୍ର ୨୪ ରନ କରିଥିଲେ । କିନ୍ତୁ ମାର୍ଚ୍ଚ ୧ରେ ଇଣ୍ଡିଜ୍ ବିପକ୍ଷ ମ୍ୟାଚରେ ଅପରାଜିତ ୯୭ ରନ କରିଥିଲେ । ଏହି ଇନିଂସ ଯୋଗୁଁ ଭାରତ ସେମିରେ ପ୍ରବେଶ କରିଥିଲା । ସେମିରେ ସେ ୮୯ ରନର ଇନିଂସ ଖେଳିଥିଲେ । ଫାଇନାଲ ମ୍ୟାଚରେ ମଧ୍ୟ ତାଙ୍କ ବ୍ୟାଟରୁ ୮୯ ରନ ବାହାରିଥିଲା । ଏହି ଇନିଂସ ଯୋଗୁଁ ଭାରତ କ୍ରମାଗତ ଦ୍ୱିତୀୟ ଥର ଟି -୨୦ ବିଶ୍ୱକପ୍ ଜିତିଥିଲା । ମାର୍ଚ୍ଚ ମାସରେ ସେ ତିନୋଟି ଟି -୨୦ ମ୍ୟାଚରେ ୨୭୫ ରନ କରିଥିଲେ । ଏଥିପାଇଁ ତାଙ୍କୁ ମାର୍ଚ୍ଚ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି । ସାମସନ୍ ମଧ୍ୟ ତାଙ୍କ କ୍ରିକେଟ କ୍ୟାରିୟରେ ପ୍ରଥମ ଥର ଆଇସିସି ସମ୍ମାନ ଜିତିଛନ୍ତି ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ହେବ ରାପିଡ୍ ଚେସ୍ ଚାମ୍ପିଅନସିପ୍

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ୨୫ ଏବଂ ୨୬ ତାରିଖ ଦୁଇଦିନ ଧରି ଆୟୋଜିତ ହେବାକୁ ଯାଉଛି “ଅଲ୍‌ଓଡ଼ିଶା ଓପନ୍ ରାପିଡ୍ ଚେସ୍ ଚାମ୍ପିଅନସିପ୍‘ । କଟକ ଜିଲ୍ଲା ଚେସ୍ ଆସୋସିଏସନ ସହଯୋଗରେ ମିଳିତ ଭାବରେ ଏହା ଆୟୋଜିତ ହେବାକୁ ଥିବାବେଳେ ଉଭୟ ସିନିଅର ଏବଂ ଜୁନିଅର ବର୍ଗରେ ଅନୁଷ୍ଠିତ ହେବ । ବିଦ୍ୟାଳୟ ସ୍ତରର ପ୍ରତିଯୋଗୀମାନେ ଜୁନିଅର ବର୍ଗ ପାଇଁ ଯୋଗ୍ୟ ବିବେଚିତ ହେବେ । ସେହିପରି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀମାନେ ସିନିଅର ବର୍ଗରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ । ତେବେ ସମସ୍ତ ବିଭାଗର ପ୍ରତିଯୋଗୀଙ୍କ ପାଇଁ ୫୦୦ ଟଙ୍କା ପଞ୍ଜୀକରଣ ଶୁଳ୍କ ଧାର୍ଯ୍ୟ କରାଯାଇଛି । ସବିଶେଷ ବିବରଣୀ ସମ୍ପର୍କରେ ଜାଣିବା ପାଇଁ ୯୪୩୯୫୪୧୯୨୦, ୭୦୦୮୯୩୭୭୭୨, ୭୦୩୭୩୦୪୬୦୫ ଏବଂ ୬୩୭୦୫୯୩୭୩୪ ନମ୍ବରରେ ଯୋଗାଯୋଗ କରିବାକୁ ଏସଏସୟୁ ତଥା କଟକ ଜିଲ୍ଲା ଚେସ୍ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି ।

# ରେକର୍ଡ କଲେ ପ୍ରଫୁଲ୍ଲ-ସାକିବ

ନୂଆଦିଲ୍ଲୀ, ୧୪।୪(ଏଜେନ୍ସି) : ଆଇପିଏଲର ବଡ ମଞ୍ଚରେ ଅନେକ ଖେଳାଳି ନିଜ କ୍ୟାରିୟର ଗଢିଛନ୍ତି । ଏପରି କାହାଣୀ ଲେଖାଯାଏ ଯାହା ବିଶ୍ୱାସ କରିବା କଷ୍ଟକର ହୋଇଥାଏ । ଏଥରକ ବି ଆଇପିଏଲରେ ନୂଆ ଇତିହାସ ଲେଖା ହୋଇଛି । ଦୁଇ ଯୁବ ତାରକା ପ୍ରଫୁଲ୍ଲ ହିଙ୍ଗ ଓ ସାକିବ ହୁସେନ୍ ସାମ୍ନାକୁ ଆସିଛନ୍ତି । ଏହି ଉଭୟ ଖେଳାଳି ସନରାଇଜର୍ସ ହାଇଦ୍ରାବାଦର । ଡେବ୍ୟୁ ମ୍ୟାଚରେ ଦୁହେଁ କମାଲ କରିଛନ୍ତି । ଏହି ଡେବ୍ୟୁଣ୍ଟାଣ୍ଟ ଦ୍ରୁତ ବୋଲର ଆରମ୍ଭରୁ ହିଁ ରାଜସ୍ଥାନ ରୟାଲ୍ସର ଶକ୍ତିଶାଳୀ ବ୍ୟାଟିଂ କ୍ରମକୁ ଧ୍ୱଂସ କରିଥିଲେ । ମ୍ୟାଚର ଫଳାଫଳ ତୃତୀୟ ଓଭର ପର୍ଯ୍ୟନ୍ତ ସ୍ପଷ୍ଟ ହୋଇଯାଇଥିଲା । ଯେତେବେଳେ ରାଜସ୍ଥାନ ରୟାଲ୍ସ ମାତ୍ର ୯ ରନରୁ ୫ ୱିକେଟ ହରାଇଥିଲା । ଆଇପିଏଲ



ଇତିହାସରେ ପ୍ରଥମ ଥର ପାଇଁ ଜଣେ ବୋଲର ପ୍ରଥମ ଓଭରରେ ୩ ୱିକେଟ ନେଇଥିଲେ । ପ୍ରଫୁଲ୍ଲ ହିଙ୍ଗ ତାଙ୍କ ଡେବ୍ୟୁରେ ଏହି ସଫଳତା ହାସଲ କରିଥିଲେ । ବିଦର୍ଭର ଏହି ଯୁବ ବୋଲରଙ୍କ ସ୍ୱପ୍ନ ସାକାର ହୋଇଥିଲା । ପ୍ରଥମ ବଲରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଆଉଟ୍ କରିବା ପରେ ହିଙ୍ଗ ଯେଉଁ ଖୁସି ମନାଇଥିଲେ । ତାହା ପ୍ରତିଫଳିତ ହୋଇଥିଲା ଯେ ଏହି ୱିକେଟ ତାଙ୍କ ପାଇଁ କେତେ ସ୍ୱତନ୍ତ୍ର ଥିଲା । ତାହା ପରେ ସେହି ଓଭରରେ ଆଉ ଦୁଇଟି ୱିକେଟ ନେଇଥିଲେ । ରାଜସ୍ଥାନ ବ୍ୟାଟିଂକୁ ମାଟିରେ ମିଶାଇ ଦେଇଥିଲେ । ତଥାପି ରବିନ୍ଦ୍ର ଜାଡେଜା ଓ ଡୋନେଭାନ ପେରେରା କିଛି ସମୟ ଦଳର ପରାଜୟକୁ ବିଳମ୍ବିତ କରିଥିଲେ । ଦୁହେଁ ଭଲ ଇନିଂସ ଖେଳିଥିଲେ ମଧ୍ୟ ରାଜସ୍ଥାନ ଚଳିତ ସିଜନର ପ୍ରଥମ ପରାଜୟ ବରଣ କରିଥିଲା ।

## ଅଷ୍ଟ୍ରେଲିଆରେ ହୋଇପାରେ ଆଇପିଏଲ

ନୂଆଦିଲ୍ଲୀ, ୧୪।୪(ଏଜେନ୍ସି) : ଆଇପିଏଲ ୧୯ତମ ସଂସ୍କରଣର ରୋମାଞ୍ଚ ବଢିବାରେ ଲାଗିଛି । ରିପୋର୍ଟ ଅନୁସାରେ ଦକ୍ଷିଣ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏସନ୍ ଆଇପିଏଲ ଆୟୋଜନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି । ଆଡିଲେଡ୍ ଓଭାଲର ଚେୟାରମ୍ୟାନ ଚେନି ବିଗ୍ରେସନ ଓ ଏସଏସିଏ ଭାରତୀୟ ବୋର୍ଡ ସହିତ ଆଲୋଚନା କରିଛି । ଅବଶ୍ୟ ବିସିସିଆଇ ମ୍ୟାଚ ଆୟୋଜନ ନେଇ କୌଣସି ସୂଚନା ଦେଇନାହିଁ । ଅଳ୍ପ କିଛି ମ୍ୟାଚ ଆୟୋଜନ ନେଇ ପ୍ରସ୍ତାବ ଦିଆଯାଇଛି । ଯଦି କିଛି ସମ୍ଭବପର ନହୁଏ ତେବେ ବିଗବାସ ଲିଗର ଏକ ମ୍ୟାଚ ଭାରତରେ ଏବଂ ଆଇପିଏଲର ଏକ ମ୍ୟାଚ ଅଷ୍ଟ୍ରେଲିଆରେ ଆୟୋଜନ ହୋଇପାରେ । ଆଇପିଏଲ ପ୍ରତି ଦର୍ଶକଙ୍କ ବିଶେଷ ଆଗ୍ରହ ରହିଥିବାରୁ ଏହି ଯୋଜନା ପ୍ରସ୍ତୁତ କରାଯାଇଛି । ଏହା ମାଧ୍ୟରେ ଆଇପିଏଲର ଅନ୍ତର୍ଜାତୀୟ ବିସ୍ତାର ମଧ୍ୟ ହେବ ବୋଲି ଆଶା କରାଯାଉଛି । ୨୦୦୯ରେ ଲୋକସଭା ନିର୍ବାଚନ ଯୋଗୁଁ ଦକ୍ଷିଣ ଆଫ୍ରିକାରେ ସମ୍ପୂର୍ଣ୍ଣ ଆଇପିଏଲ ଖେଳାଯାଇଥିଲା । ୨୦୧୪ରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୦ରେ ୟୁଏଇରେ ଆଇପିଏଲ ଆୟୋଜିତ ହୋଇଥିଲା । ୨୦୨୧ରେ ଦ୍ୱିତୀୟ ପର୍ଯ୍ୟାୟ ଆଇପିଏଲ ମଧ୍ୟ ୟୁଏଇରେ ଖେଳାଯାଇଥିଲା ।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

[illegible]


# ମେଜର ସନ୍ଦୀପ ମେମୋରିଆଲ ସୁପର ସିରିଜ୍ ଟେନିସ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଭୁବନେଶ୍ୱର, ୧୪।୪(ସବ୍ୟୁ) : ଭୁବନେଶ୍ୱର ଉପକଣ୍ଠସ୍ଥ ମେଣ୍ଢାଶାଳ ସ୍ଥିତ ଗୁରୁକୁଳ ଟେନିସ୍ ଏକାଡେମୀ ପରିସରରେ ମେଜର ସନ୍ଦିପ ମେମୋରିଆଲ ଆଇଟା ଓଟା ସୁପର ସିରିଜ ଟେନିସ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ଅନୁଷ୍ଠିତ ୧୬ ବର୍ଷରୁ କମ୍ ରାଉଣ୍ଡ ୩୨ ପର୍ଯ୍ୟାୟ ମୁକାବିଲାରେ ସ୍ୱର୍ଣ୍ଣ ରଥ, ଅରଚିସମନ ପଟ୍ଟନାୟକ, ହାଭିସ ବଂଶଲ, ତନଭୟ ଗୋଏଲ, ଗୌରୀ ପଣ୍ଡା, ଆଶୁତୋଷ ଶାହା, ବ୍ରିଜେସ୍ ପାଢୀ, କୋଣ୍ଟୁ ଏଥାନ ଲୁକାସ, ସୋପ୍ନିଲ ଘୋଷ, ସମ୍ବିଦ ବୋରୋ, ରିଷଭ କୁମାର ପ୍ରସାଦ ଏବଂ ସମୟ ଆଗମନ ବିଜୟ ଲାଭ କରି ଶ୍ରେଷ୍ଠ ୧୬ରେ ପ୍ରବେଶ କରିଥିଲେ । ସେହିଭଳି ଶ୍ରେଷ୍ଠ ୧୬ ପର୍ଯ୍ୟାୟରେ ସଫଳ ଆଗମନ, ହାଭିସ ବଂଶଲ, ସୁୟାସ ପଟ୍ଟନାୟକ,




ଆଶୁତୋଷ ଶାହା, କୋଣ୍ଟୁ ଇଥାନ ଲୁକାସ, ସୋପ୍ନିଲ ଘୋଷ, ରିଷଭ କୁମାର ପ୍ରସାଦ, ଆୟୁଷ ପଟ୍ଟନାୟକ ପ୍ରମୁଖ ବିଜୟ ଲାଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ।

ବାଳିକା ସିଙ୍ଗଲସ୍ ରାଉଣ୍ଡ ୧୬ ପର୍ଯ୍ୟାୟରେ ଆଶି ସାମସେରୀ, ନୀଳାଖି ଦାସ, ଭର୍ସିତା ବର୍ମା, ଶ୍ରେୟା ବଣିକ, ଲାସ୍ୟପ୍ରିୟା ପାପାଲା, ସାନଭି ମହାନ୍ତି, ଏସାନ ଦାସ, ସଂରଚନା ଦାସ ପ୍ରମୁଖ ବିଜୟ ଲାଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ । ବାଳିକା ସିଙ୍ଗଲସ କ୍ୱାର୍ଟର ଫାଇନାଲରେ ଆଶି ଶର୍ମା, ବର୍ଷିତା ବର୍ମା, ସାନଭି ମହାନ୍ତି ଏବଂ ସଂରଚନା ଦାସ ବିଜୟ ଲାଭ କରିଛନ୍ତି । ଏହି ୪ ପ୍ରତିଯୋଗୀ ସେମିଫାଇନାଲରେ ପ୍ରବେଶ କରିଛନ୍ତି ।

ବାଳକ ବର୍ଗର ଡବଲ୍ସ ରାଉଣ୍ଡ ୧୬ ପର୍ଯ୍ୟାୟରେ ରିଷଭ କୁମାର ପ୍ରସାଦ -ସ୍ୱର୍ଣ୍ଣ ରଥ, ସମୟ ଆଗମନ -ତନଭୟ ଗୋଏଲ, ହାଭିସ ବଂଶଲ - ସ୍ୱପ୍ନିଲ ଘୋଷ ଏବଂ ଲିଖିତ ଗେଡା ହାଲସା - କୋନର୍ତ୍ତୁ ଇଥାନ ଲୁକାସ ବିଜୟ ଲାଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ।

ଭାରତୀୟ ସେନାର ଜଣେ ବରିଷ୍ଠ ଅଧିକାରୀ ତଥା ରାଜ୍ୟର ଜଣାଶୁଣା କ୍ରୀଡା ବ୍ୟକ୍ତିତ୍ୱ ମେଜର ସନ୍ଦୀପ ମହାପାତ୍ରଙ୍କ ସ୍ମୃତିରେ ଏହି ପ୍ରତିଯୋଗିତାକୁ ଓଡ଼ିଶା ଟେନିସ୍ ଆସୋସିଏସନ୍ ଏବଂ ସର୍ବଭାରତୀୟ ଟେନିସ୍ ସଂଘ ଅନୁମୋଦନକ୍ରମେ ଆୟୋଜନ କରାଯିବ । ପେସାରେ ଜଣେ ସୈନିକ ତଥା ଟେନିସ୍ କ୍ରୀଡାରେ ସନ୍ଦୀପ ଶ୍ରେଷ୍ଠତା ପାଇଥିଲେ । ଗତ ୨୦୧୩ ମାର୍ଚ୍ଚ ୩ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ସନ୍ଦୀପଙ୍କ ଦେହାନ୍ତ ହୋଇଥିଲା । ଏହାପରଠାରୁ ଅର୍ଥାତ୍ ୨୦୧୪ରୁ ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍ ଚାମ୍ପିଅନସିପ୍ ଆୟୋଜନ ହୋଇଛି । ତାଙ୍କ କ୍ରୀଡା ପ୍ରତିଭାକୁ ସମ୍ମାନ ଦେବା ଓ ଟେନିସ୍ କ୍ରୀଡାର ଉନ୍ନତୀ ପାଇଁ ବିଗତ ୧୨ ବର୍ଷ ହେବ ପ୍ରତିଯୋଗିତା ଆୟୋଜନ ହୋଇଆସୁଛି । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର କ୍ଲବ୍ ପରିସରରେ ଓଡ଼ିଶା ଓପନ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଆୟୋଜକ ୧୬ ବର୍ଷରୁ କମ ଜୁନିୟର ସୁପର ସିରିଜ୍ ଚାମ୍ପିଅନସିପ୍ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି